କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଂଶପାଳ ବ୍ଲକ୍ ହାତୀ ପ୍ରଭାବିତ ୨୧ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ରହି ଆଲୋଚନାଚକ୍ରରେ ନିଜର ମତାମତ ରଖିଥିଲେ। ଏଥିରେ କୁମୁଣ୍ଡି ପଞ୍ଚାୟତର ୱାର୍ଡ ମେମ୍ବର ଗୋପାଳ ପଲେଇ କହିଥିଲେ, ଆବଶ୍ୟକ ପରିମାଣର ଟର୍ଚ୍ଚ ଲାଇଟ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଉନାହିଁ। ବନ ବିଭାଗ ଦ୍ୱାରା ପ୍ରଶିକ୍ଷଣ ସଭା ମଧ୍ୟ ଆୟୋଜନ ହେଉନାହିଁ। ବନ ବିଭାଗ କର୍ମଚାରୀମାନେ ସହଯୋଗ କରନ୍ତୁ। ସେହିପରି ସ୍ଥାନୀୟ ପଦାକସଡ଼ା ମହିଳା ସୁଲୋ ଦେହୁରୀ କହିଥିଲେ, ଅନ୍ଧାର ଥିବାରୁ ହାତୀ ଘରେ ପଶି ଚାଉଳ ଖାଇଲା ଏବଂ ଚାଉଳ ଭିତରେ ସଞ୍ଚିତ ଟଙ୍କାକୁ ମଧ୍ୟ ହାତୀ ଖାଇଗଲା। ସଭାରେ ଉପସ୍ଥିତ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ଅଧିକାରୀଙ୍କୁ ହାତୀ ଦାଉରୁ ରକ୍ଷା ପାଇବା ପାଇଁ ଲାଇଟ୍ ପ୍ରଦାନ କରିବା ନିମନ୍ତେ ସେ ଅନୁରୋଧ କରିଥିଲେ। ସ୍ଥାନୀୟ ମହିଳା ସାବିତ୍ରୀ ଦେହୁରୀ କହିଥିଲେ, ମଣିଷର ଆବଶ୍ୟକତା ଅଧିକ ହେବାରୁ ଜଙ୍ଗଲ ପଦା ହେଲା, ଖଣି ଖନନ ହେତୁ ହାତୀ ଗ୍ରାମାଭିମୁଖୀ ହେଲେ। ଗ୍ରାମର ମହିଳା ସୁମିତ୍ରା ପ୍ରଧାନ କହିଥିଲେ, ୩୦ ବର୍ଷ ପୂର୍ବରୁ ହାତୀ, ଜଙ୍ଗଲ ଓ ମଣିଷ ପରସ୍ପର ପରିପୂରକ ଥିଲେ। ଜଙ୍ଗଲରେ ନିଆଁ, ବ୍ୟାପକ ଖଣି ଖନନ ହେତୁ ସୁସମ୍ପର୍କ ତିକ୍ତତା ଓ ସଂଘର୍ଷରେ ପରିଣତ ହୋଇଛି। ସ୍ଥାନୀୟ ମହିଳା ଫୁଲେଶ୍ୱରୀ ସେଠୀ କହିଥିଲେ, ଅତୀତରେ ହାତୀ ଗ୍ରାମକୁ ଆସୁଥିବା ବେଳେ ଗ୍ରାମବାସୀ ହାତୀ ଦେଖୁଥିଲେ। ମାନବୀୟ ଆବଶ୍ୟକତା ପାଇଁ ଜଙ୍ଗଲ ଛାରଖାର ହେଲା, କାଠ ଓ ଖଣି ପାଇଁ ଜଙ୍ଗଲ ଧ୍ୱଂସ ସହିତ ହାତୀର ଚଲାପଥକୁ ନଷ୍ଟ କରାଗଲା, ଫଳରେ ଜଙ୍ଗଲ ଛାଡ଼ି ହାତୀ ଗାଁ ମୁହାଁ ହେଲେ। ସ୍ଥାନୀୟ ଯୁବକ ପ୍ରଶାନ୍ତ କୁମାର ପରିଡ଼ା ମତବ୍ୟକ୍ତ କରିଥିଲେ, ଘରକୁ ଭାଙ୍ଗିଲେ ମଣିଷ ପ୍ରତିକ୍ରିୟାଶୀଳ ହୋଇଯାଉଛି। ତେଣୁ ହାତୀ ଭଳି ଏକ ବିଶାଳ ବନ୍ୟପ୍ରାଣୀର ବାସସ୍ଥାନକୁ ନଷ୍ଟ କରାଗଲେ ସେ ମଧ୍ୟ ପ୍ରତିକ୍ରିୟାଶୀଳ ହୋଇ ହିଂସ୍ର ହେଉଛି। ସ୍ଥାନୀୟ ଯୁବକ ସୁଶାନ୍ତ ପଲେଇ କହିଥିଲେ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ହାତୀ ସଭାର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ଏ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁବ୍‌ଶୀଘ୍ର ହାତୀ ସୁରକ୍ଷା ସ୍ୱତନ୍ତ୍ର ନୀତି ପ୍ରଣୟନ କରିବେ। ଏସିଆନ ଏଲିଫ୍ୟାଣ୍ଟ ସ୍ପେସିସ ସର୍ଭାଇଭାଲ ସେଣ୍ଟର ହେବ ବୋଲି ଘୋଷଣା କରିବା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। ହାତୀ ମୁଖ୍ୟତଃ ଗ୍ରାମାଭିମୁଖୀ ହେବାର କାରଣ ମହୁଲ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ମହୁଲିର ବାସ୍ନା, ହାଣ୍ଡିଆର ବାସ୍ନା ହାତୀଙ୍କୁ ଆକୃଷ୍ଟ କରୁଛି। ପଣସ ଓ କଦଳୀ ଖାଇବା ପାଇଁ ଅଧିକାଂଶ ସମୟରେ ହାତୀ ଗ୍ରାମକୁ ପ୍ରବେଶ କରୁଛି ବୋଲି ସେ କହିଥିଲେ।

ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏଫ୍‌ଇଏସ୍ ସଂସ୍ଥାର ସ୍ୱସ୍ତିକ ତ୍ରିପାଠୀ, ସଂସ୍ଥାର ପ୍ରକଳ୍ପ ପରିଚାଳକ ଭବାନୀ ଶଙ୍କର ପରିଡ଼ା, ବିକାଶ ସାଥୀ ସଦସ୍ୟ ମାନସ ପଣ୍ଡା, ଅରବିନ୍ଦ ସିଂ, କୁମୁଣ୍ଡି ପଞ୍ଚାୟତର ନାଏବ ସରପଞ୍ଚ ନୀଳାଦ୍ରି ସେନାପତି, ଗ୍ରାମର ବରିଷ୍ଠ ନାଗରିକ ବିରଞ୍ଚି ନାରାୟଣ ଦେହୁରୀ ପ୍ରମୁଖ ଯୋଗଦେଇ ଉପାଦେୟ ମନ୍ତବ୍ୟ ପ୍ରଦାନ କରିଥିଲେ।



ହାତୀ ସଭାରେ ଯୋଗଦେବା ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ, ଏଫ୍‌ଇଏସ୍ ଏବଂ ବିକାଶ ସାଥୀର କର୍ମକର୍ତ୍ତା।

# ଭଦ୍ରକ କଲେଜରେ ଛାତ୍ର ଅଶାନ୍ତି



ପୋଲିସ କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶଙ୍କ ସହ ଆଲୋଚନା କରୁଛି।

**ମୁଖ୍ୟ ଫାଟକରୁ ବ୍ୟାନର କଢ଼ାଯିବାକୁ ବିରୋଧ**

ଭଦ୍ରକ,୮।୯(ସନାତନ ରାଉତ)

ଭଦ୍ରକ କଲେଜ ମୁଖ୍ୟ ଫାଟକରୁ ବ୍ୟାନର କଢ଼ାଯିବାକୁ ନେଇ ସୋମବାର ଛାତ୍ର ଅଶାନ୍ତି ଦେଖାଦେଇଛି। ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସନ୍ଧ୍ୟାରେ ଏସ୍‌ପି ଓ ଟାଉନ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯିବା ସହ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି।

ସୂଚନା ଅନୁଯାୟୀ, ନିକଟରେ କଲେଜ ପଡ଼ିଆରେ ସ୍ଥାନୀୟ ଏକ କ୍ଲବ୍ ପକ୍ଷରୁ ଗଣେଶ ପୂଜା କରାଯାଇଥିଲା। ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା କଲେଜର ମୁଖ୍ୟ ଫାଟକରେ ସେହି କ୍ଲବ୍‌ର ଏକ ବ୍ୟାନର ଲଗାଯାଇଥିଲା। ଏହାକୁ ନେଇ କେତେଜଣ କଲେଜ ଛାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କଲେଜ ଫାଟକରେ ନିର୍ଦ୍ଦିଷ୍ଟ ଏକ କ୍ଲବ୍‌ର ବ୍ୟାନର ଲଗାଯିବାକୁ ସେମାନେ ବିରୋଧ କରିବା ପରେ ତାହାକୁ ହଟାଇ ଦିଆଯାଇଥିଲା। ସୋମବାର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖାଥିବା ଏକ ବ୍ୟାନର ଫାଟକରେ ଲଗାଯାଇଥିଲା। କଲେଜର ଅନ୍ୟ ଏକ ଛାତ୍ର ଗୋଷ୍ଠୀ ଅପରାହ୍ନରେ ଏହି ବ୍ୟାନରକୁ ଖୋଲିଦେବାରୁ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିଲା। କେତେଜଣ ଛାତ୍ର ବ୍ୟାନର କାହିଁକି ଖୋଲାଗଲା ବୋଲି କହି ହୋହଲ୍ଲା କରିଥିଲେ। ଉତ୍ତେଜନା ଖବରପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶଙ୍କ ସହ ଆଲୋଚନା କରିଛି। ଛାତ୍ର ଓଁକାର ମହାନ୍ତି କହିଛନ୍ତି, ଗେଟ୍‌ରେ ନିଜ କଲେଜର ନାମ ଲେଖାଥିବା ଏକ ବ୍ୟାନର ଅଧ୍ୟକ୍ଷଙ୍କ ସ୍ୱୀକୃତି ନେଇ ଲଗାଯାଇଥିଲା। ସେମାନଙ୍କୁ ନ ଜଣାଇ ତାହାକୁ ଖୋଲି ଦିଆଯିବା ନିନ୍ଦନୀୟ ଘଟଣା। ସେହି ବ୍ୟାନର ପୁଣିଥରେ ଲଗାଇବା ସହ କଲେଜ ଫାଟକ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରାଯିବାକୁ ସେ ଦାବି କରିଛନ୍ତି।



"ତୁମେ ଯେଉଁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ–ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। –ଶ୍ରୀମା

# ଯୁବ ମେଣ୍ଢା

ହିମାଳୟ ଦେଶ ନେପାଳରେ ସରକାର ବିରୋଧୀ ବିକ୍ଷୋଭ ଶୀର୍ଷରେ ପହଞ୍ଚିଛି। କିଛିଦିନ ପୂର୍ବରୁ ସେଠାରେ ରାଜତନ୍ତ୍ର ସପକ୍ଷରେ ଆନ୍ଦୋଳନ ଦେଖାଦେଇଥିଲା। ହେଲେ ଏବର ପ୍ରତିବାଦର ନେତୃତ୍ୱ ନେଇଛନ୍ତି ଜେନ୍ ଜେଡ୍ ବର୍ଗ। ଉଲ୍ଲେଯୋଗ୍ୟ ଯେ, ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଏହି ପିଢ଼ି ଦେଶରେ ଗତ ୪ ତାରିଖରୁ ସେଠାକାର ସରକାରଙ୍କ ଦ୍ୱାରା ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍, ହ୍ୱାଟ୍ସଆପ୍ ଭଳି ୨୬ଟି ସୋସିଆଲ ମିଡିଆକୁ ଅଚଳ କରିଦିଆଯିବା ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି। ନାଗରିକର ବାକ୍ ସ୍ୱାଧୀନତା ଓ ଅଭିବ୍ୟକ୍ତି ସ୍ୱାଧୀନତାକୁ ସଙ୍କୁଚିତ କରିଦିଆଯିବାରୁ 'ହାମି ନେପାଳ' ଆହ୍ୱାନରେ ଯୁବବର୍ଗ ୮ ସେପ୍ଟେମ୍ବରରେ କାଠମାଣ୍ଡୁସ୍ଥିତ ପାର୍ଲାମେଣ୍ଟ ଭବନ ଆଡ଼କୁ ମାଡ଼ି ଆସିଛନ୍ତି। ବିକ୍ଷୋଭକୁ ପ୍ରତିହତ କରିବା ଲାଗି ଓ.ପି. ଶର୍ମା ଓଲି ସରକାର କଠୋର ହେବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୫୦ରୁ ଅଧିକ ଆହତ ହୋଇଛନ୍ତି। ସୋସିଆଲ ମିଡିଆ ବନ୍ଦ ସପକ୍ଷରେ ସରକାର ସଫେଇ ଦେଇଛନ୍ତି ଯେ, ସମ୍ପୃକ୍ତ କମ୍ପାନୀଗୁଡ଼ିକ ସରକାରୀ ନିୟମାବଳୀକୁ ଉଲ୍ଲଂଘନ କରିବା ସହିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ପଞ୍ଜୀକୃତ ହେଉ ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ହେଲେ ଭିତିରି କଥା ଦେଖିଲେ ଦେଶରୁ ଦୁର୍ନୀତି ହଟାଇବା, ସରକାରଙ୍କ ଏକଚ୍ଛତ୍ରବାଦୀ ଶାସନ ଏବଂ ନେପାଳର ଦୁର୍ବଳ ଗଣତନ୍ତ୍ରରେ ଚାଇନାର ଅଯଥା ହସ୍ତକ୍ଷେପକୁ ବିରୋଧ କରି ଯୁବବର୍ଗ ପ୍ରତିବାଦର ସ୍ୱରକୁ ଦୃଢ଼ କରିଛନ୍ତି। ବର୍ଷ ବର୍ଷ ଧରି ନେପାଳର ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ମାନ୍ଦାବସ୍ଥା ଓ ନାଗରିକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଉ ନ ଥିବାରୁ ସେଠାକାର ଯୁବବର୍ଗ ସରକାର ବିରୋଧରେ ବିକ୍ଷୋଭ କରିବା ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି।

**ଭାରତର ଯୁବବର୍ଗ ନୂତନତ୍ୱ ବୁଝିବା ପରିବର୍ତ୍ତେ କେବଳ ତତ୍‌କ୍ଷଣାତ୍ ସୁବିଧା ଖୋଜୁଥିବା ହେତୁ ସେମାନେ ଏହି ଦେଶର ଭବିଷ୍ୟତରେ ପରିବର୍ତ୍ତନ ଆଣିଲା ଭଳି ଦେଖାଯାଉ ନାହିଁ। ମନେରଖିବାକୁ ହେବ ଯେ, ପାଟିଫିଟାଇ ନିଜ ମତବ୍ୟକ୍ତ କରିବାକୁ ଅନିଚ୍ଛୁକ ଯୁବପିଢ଼ି କେବଳ ମେଣ୍ଢା ଭାବେ ପଲରେ ମାଡି ଡେଇଁଲେ ଉନ୍ନତ ଜାତି ସୃଷ୍ଟି ହେବ ନାହିଁ।**

ଯୌବନକୁ କେବଳ କ୍ୟାଲେଣ୍ଡର ବର୍ଷରେ ମାପିହୁଏ ନାହିଁ। ଯୌବନକୁ ଚିହ୍ନିବା ପାଇଁ ଦୃଢ଼ ମାନସିକ ଆଭିମୁଖ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ କହନ୍ତି ଯେ, ଭବିଷ୍ୟତ ନାଗରିକର ହିତ ସକାଶେ ଆଜିର ଦେଶକୁ ଗଠନ କରାଯିବା ଦରକାର। ସେତେବେଳେ ଯୁବପିଢ଼ି ସବୁ କ୍ଷେତ୍ରରେ ଯୋଗ୍ୟ ହେବା ପାଇଁ ଚେଷ୍ଟା କରିବା ଆବଶ୍ୟକ। ଯୁବପିଢ଼ିର କର୍ତ୍ତବ୍ୟ ହେଉଛି ପୁରୁଣା ଢାଞ୍ଚାକୁ ଭାଙ୍ଗି ନୂଆ ସମାଜ ଓ ବ୍ୟବସ୍ଥା ସକାଶେ ପ୍ରଚେଷ୍ଟା କରିବା। ସେଥିରୁ ଓହରି ଗଲେ ଏବଂ କେବଳ ସ୍ୱାର୍ଥପର ହୋଇ ସମୂହ ବିକାଶକୁ ଅଣଦେଖା କରୁଥିଲେ ତାହାକୁ ଯୁବପିଢ଼ି କୁହାଯିବ ନାହିଁ। ଯେମିତି ଅନ୍ୟ ଦେଶଗୁଡ଼ିକରେ ଯୁବପିଢ଼ି ସବୁବେଳେ ଆନ୍ଦୋଳନ ମାଧ୍ୟମରେ ତ୍ରୁଟିପୂର୍ଣ୍ଣ ଆଇନ ବଦଳାଇ ଦେଇଥାଏ, ସେହିଭଳି ସ୍ଥିତି ଆଜି ନେପାଳରେ ଦେଖିବାକୁ ମିଳିଛି। ଭାରତର ପଡ଼ୋଶୀ ନେପାଳର ଯୁବପିଢ଼ି ନିଜର ସ୍ଥାନ ଭିନ୍ନ ସ୍ତରକୁ ନେଇପାରିଛି। ଯେତେବେଳେ ପାକିସ୍ତାନ, ଭାରତ ଓ ବାଂଲାଦେଶ ଭଳି ରାଷ୍ଟ୍ରରେ ଇଣ୍ଟରନେଟ୍ ବନ୍ଦ କରାଯାଉଛି ଓ ସୋସିଆଲ ମିଡିଆକୁ ଅଟକାଇ ଦିଆଯାଉଛି, ସେତେବେଳେ ଯୁବଶକ୍ତିର କୌଣସି ପ୍ରତିବାଦର ସ୍ୱର ଶୁଣିବାକୁ ମିଳୁନାହିଁ। ତାହା ପ୍ରମାଣ କରୁଛି ଯେ ଭାରତ ଭଳି ଦେଶରେ, ଶାରୀରିକ ବା କ୍ୟାଲେଣ୍ଡର ବୟସକୁ ଦେଖିଲେ ଅଧିକ ଯୁବ ଜନସଂଖ୍ୟା ଥିବା ସତ୍ତ୍ୱେ, ଯୁବଶକ୍ତି ସମ୍ପୂର୍ଣ୍ଣ ଭାବେ ଶିଥିଳ ପଡ଼ିଯାଇଛି। ଏହା ପ୍ରମାଣ କରୁଛି ଯେ, ଭାରତର ଯୁବବର୍ଗ ନୂତନତ୍ୱ ବୁଝିବା ପରିବର୍ତ୍ତେ କେବଳ ତତ୍‌କ୍ଷଣାତ୍ ସୁବିଧା ଖୋଜୁଥିବା ହେତୁ ସେମାନେ ଏହି ଦେଶର ଭବିଷ୍ୟତରେ ପରିବର୍ତ୍ତନ ଆଣିଲା ଭଳି ଦେଖାଯାଉ ନାହିଁ। ମନେରଖିବାକୁ ହେବ ଯେ, ପାଟିଫିଟାଇ ନିଜ ମତବ୍ୟକ୍ତ କରିବାକୁ ଅନିଚ୍ଛୁକ ଯୁବପିଢ଼ି କେବଳ ମେଣ୍ଢା ଭାବେ ପଲରେ ମାଡି ଡେଇଁଲେ ଉନ୍ନତ ଜାତି ସୃଷ୍ଟି ହେବ ନାହିଁ।

ନେପାଳର ଯୁବପିଢ଼ି ନିଜର ଭିନ୍ନତା ପ୍ରମାଣ କରିପାରିଛି। ଏଭଳି ଧରଣର ବିକ୍ଷୋଭ ପଡ଼ୋଶୀ ଦେଶରେ ଦେଖିବାକୁ ମିଳୁ ନ ଥିଲା। ପ୍ରଥମେ ବାଂଲାଦେଶରେ ଛାତ୍ର ଓ ଯୁବବର୍ଗ ସେଠାକାର ସରକାର ପରିବର୍ତ୍ତନ କରିବାରେ ସଫଳ ହେଲେ। ଏବେ ନେପାଳର ଯୁବଶକ୍ତି ଏକ ନୂତନ ଲଢ଼େଇ ଆରମ୍ଭ କରିଛନ୍ତି। ସେମାନେ ଯଦି ସଫଳ ହୁଅନ୍ତି, ତେବେ ପ୍ରମାଣ ମିଳିବ ଯେ ଯୁବପିଢ଼ି ଯେଉଁଠାରେ ନୂଆ ବାଟ ଖୋଜିବ ସେଠାରେ ସଫଳତା ନିଶ୍ଚୟ ମିଳିବ।

# ପାଗଳ ପ୍ରେମିକ ଦଳ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆମ ସମୟର ଜଣେ ପ୍ରଥିତଯଶା ମାନବବାଦୀ କବି ସୂର୍ଯ୍ୟ ମିଶ୍ରଙ୍କର ଏକ କାବ୍ୟଗ୍ରନ୍ଥର ନାମ 'ପାଗଳ ପ୍ରେମିକ ଦଳ'। ପ୍ରାୟ ୨୦ ବର୍ଷ ପୂର୍ବରୁ ପ୍ରକାଶିତ ଏହି କବିତା ସଂକଳନର ଶୀର୍ଷକ କବିତାର କେତୋଟି ପଂକ୍ତି ଥିଲା ପ୍ରେମୀମାନଙ୍କ ଚରିତ୍ର ଚିତ୍ରଣର ଏକ ଉଦ୍ଦାମ ପରିଭାଷା। ସେ ପୁରୁଷ ହୁଅନ୍ତୁ କି ନାରୀ, ସେମାନଙ୍କ ଉଚ୍ଛୁଳା ପ୍ରେମ ପ୍ରବାହର ଏକ ମନୋରମ ଚିତ୍ର ଆଙ୍କି କବି ଲେଖିଥିଲେ, "ସେମାନେ ନିଆଁରେ ଚାଲିବେ, ପବନକୁ ହାତମୁଠାରେ ରଖିବେ, ଲହୁଣିର କଣ୍ଢେଇକୁ ଶିଖାଇବେ ଦୁଃସାହସ। ମାନ ସମ୍ମାନ, ଭୟଭ୍ରାନ୍ତି ଓ ଲାଜ ସରମକୁ ତୁଚ୍ଛ କରି ସେମାନେ ଲେଖିବେ ଭଲପାଇବାର ଅକ୍ଷର; ଝଲସିବ ଯେଉଁଥିରେ ତ୍ରିକାଳ କପାଳ, ସେମାନେ ପାଗଳ ପ୍ରେମିକ ଦଳ"। ପ୍ରେମିକଙ୍କ ପ୍ରେମ ପ୍ରବଣତାର ଏକ ପ୍ରକାର କାବ୍ୟିକ ପରିଭାଷା ମଧ୍ୟରେ ପ୍ରତିଫଳିତ ହେଉଥିଲା ପ୍ରାଚୀନ କାଳର ରାଧାକୃଷ୍ଣ ପ୍ରେମ। କୃଷ୍ଣଙ୍କ ପ୍ରେମରେ ମତୁଆଲା ହୋଇ ନିଜ ସଂଭ୍ରାନ୍ତ ଆଭିଜାତ୍ୟକୁ ପାସୋରି ପକାଇଥିବା ମୀରାଙ୍କ ପାଗଳ ପ୍ରେମ ମଧ୍ୟ ଏହି ପର୍ଯ୍ୟାୟର। ଆମ ଲୋକକଥାରେ ବର୍ଣ୍ଣିତ ନିଜ ନାୟିକା ସହ ମିଳନର ଇଚ୍ଛା ନେଇ ଭୟଙ୍କର ବର୍ଷଣମୁଖର ରାତିରେ ବିଷଧର ସାପ ପିଠିରେ ନଦୀ ପାର ହୋଇଥିବା ପାଗଳ ପ୍ରେମିକ ବିଲ୍ୱମଙ୍ଗଳଙ୍କ ପାଗଳାମିର ପଟାନ୍ତର ନାହିଁ। କବିଙ୍କ କଳନାରେ ଏଇମାନେ ହିଁ ପାଗଳ ପ୍ରେମିକ ଦଳ, ଦୃଷ୍ଟାନ୍ତନୀୟ ଓ ଆଦର୍ଶସ୍ଥାନୀୟ। ଅଥଚ କଥିତ କବିତାର ଆଉ କେଇପାଦ ଆଗକୁ ପଢ଼ିଲେ ଏମିତି ଥୋକେ ପାଗଳ ପ୍ରେମିକଙ୍କୁ ସାମ୍ନା କରିବାକୁ ପଡ଼େ, ଯେଉଁମାନେ ସମ୍ପୂର୍ଣ୍ଣ ଭିନ୍ନ ସମ୍ପ୍ରଦାୟର। ଏମାନଙ୍କ ପ୍ରେମ –ପାଗଳାମିରେ ନା ଥାଏ ଦିବ୍ୟ ପ୍ରେମର ଅନୁଭବ, ନା ଥାଏ ସାନ୍ନିଧ ଓ ସମର୍ପଣର ଆଦର୍ଶବୋଧ। ନା ଥାଏ ଆମ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନବୋଧ ନା ଥାଏ ସାମାଜିକ ସଂସ୍କାର ପାଇଁ ନିମ୍ନତମ ସମ୍ଭ୍ରମବୋଧ। ବାସ୍, କେବଳ କୁତ୍ସିତ ଦେହଭୋଗର ଉତ୍କଟ ଉଦ୍ଦାମତା, ଆଉ ଉଦ୍ଦଣ୍ଡ ଯୌବନର ଉଲଗ୍ନ ଅସଭ୍ୟତା। ସାମ୍ପ୍ରତିକ କାଳରେ ବାରମ୍ବାର ଆଖିରେ ପଡୁଥିବା ଏଇ ପାଗଳ ପ୍ରେମୀଙ୍କ ଚିତ୍ର ଓ ଚରିତ୍ର କୋଡ଼ିଏ ବର୍ଷ ତଳେ କ୍ରାନ୍ତିଦ୍ରଷ୍ଟା କବିଙ୍କ ଚେତନାରେ କେମିତି ପ୍ରତିବିମ୍ବିତ ହୋଇଥିଲା କେଜାଣି, ତାଙ୍କ କବିତାରେ ଚିତ୍ରିତ ହୋଇଥିଲା ଏକ ଭୟଙ୍କର ଚେତାବନୀ। ସେ ଆଙ୍କିଥିଲେ ଆସ୍ତେ ଆସ୍ତେ ଅସୁସ୍ଥ ହୋଇ ପଡୁଥିବା ଗୋଟିଏ ଅସହାୟ ସମାଜର କରୁଣ ଚିତ୍ରପଟ। କବି ଲେଖିଥିଲେ– "ବର୍ଷ କେଇଟାରେ ବଦଳିଗଲା ପ୍ରେମର ପରିଭାଷା। ଉଲଙ୍ଗ ନାଚ ଆରମ୍ଭ କଲା ତା'ର ରୁଦ୍ଧ ଅହଂକାର, ଆଦର୍ଶ ଲୁଚାଇ ରଖିଲା ଆପଣାର ଅର୍ଥ, ପ୍ରେମର ଅନନ୍ତ ଶୋଷ ପିଇଲା ଗରଳ। ପ୍ରେମର ମଞ୍ଚ ଉପରେ ଅଶ୍ଳୀଳ ଅଭିନୟ ଲାଗି ସେଇ ପ୍ରେମିକ ଦଳ ଅତ୍ୟନ୍ତ ପାଗଳ।"

ଅଳ୍ପଦିନ ତଳେ ଆମ ରାଜ୍ୟର ପଞ୍ଚାମୁଣ୍ଡାଇ ଅଞ୍ଚଳର କଲେଜ ଛାତ୍ରୀ ଜଣେ ନିଜ ଦେହରେ ନିଆଁ ଲଗାଇ ମରିବା ମୂଳରେ ହେଲା ପ୍ରେମର ଏହି ପାଗଳପଣ। ପୁଣି କେଇ ମାସ ତଳେ ରାଜଧାନୀର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନର ଦୁଇଜଣ ଛାତ୍ରୀଙ୍କ ଆତ୍ମହତ୍ୟା ପଛରେ ଥିଲା ଏଇ ପ୍ରେମର ବିଷମ ପରିଣାମ। ପ୍ରେମ ନାମରେ କାମନାବାସନା ରାଜ୍ୟରେ ବିଚରଣ କରୁଥିବା ଏଇ ତରୁଣ ବିଦ୍ୟାର୍ଥୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ପାଠ ପଢ଼ିବା ପାଇଁ କଲେଜକୁ ଆସିଥିବା ଛାତ୍ରୀ ବା ଛାତ୍ରଟିଏ ଶିକ୍ଷାୟତନରେ ଆଧୁନିକତା ନାମରେ ଅଙ୍କୁଶବିହୀନ ସମ୍ପର୍କ, ସମ୍ପର୍କରୁ ପ୍ରେମ, ପ୍ରଣୟ ଓ ଆଜୀବନ ସଙ୍ଗୀ ହୋଇ ରହିବାର ପ୍ରତିଶ୍ରୁତି ଓ ପରେ ମୋବାଇଲରେ ଅନ୍ତରଙ୍ଗ ମୁହୂର୍ତ୍ତର ଚିତ୍ରକୁ ସର୍ବଜନବିଦିତ କରିବାର ଧମକ ଦେଇ ଏକ ଅମୂଲ୍ୟ ଜୀବନର ଅକାଳ ଅବସାଦ। ଆଉ ଦିବ୍ୟ ଯୌବନର କି ଦୁର୍ଭାଗ୍ୟପୂର୍ଣ୍ଣ ଯବନିକା ପତନ! କେଇ ଦିନ ତଳେ ସୋସିଆଲ ମିଡିଆରେ ଖେଳି ବୁଲୁଥିବା ଦୃଶ୍ୟଟି ଦେଖି ଦଶବର୍ଷ ତଳୁ ଅବସର ନେଇ ସାରିଥିବା ଏଇ ଅଧ୍ୟାପକ ଜଣକ ଲାଜରେ ମୁହଁ ଲୁଚାଇବାକୁ ଜାଗା ପାଉ ନ ଥିଲା। କୌଣସି କଲେଜର ୟୁନିଫର୍ମପିନ୍ଧା ଛାତ୍ରୀଛାତ୍ର ଦୁହିଁଙ୍କୁ ସହରର ଏକ ନିକାଞ୍ଚନ ସ୍ଥାନରେ ଆପତ୍ତିଜନକ ମୁଦ୍ରାରେ ଆବିଷ୍କାର କରିଥିଲେ କେଇଜଣ ସ୍ଥାନୀୟ ଯୁବକ। ଅସଂଯତ ଅବସ୍ଥାରେ ଥିବା ଛାତ୍ରୀଟି ବିକଳରେ ତା' ଫଟୋ ନ ଉଠାଇବାକୁ ଅନୁନୟ ହେଉଥିବାର ଦୃଶ୍ୟ ଏ ଲେଖକ ମନରେ ଭାବାନ୍ତର ସୃଷ୍ଟି କରୁଥିଲା। କଲେଜକୁ ପାଠ ପଢ଼ିବାକୁ ଯାଉଛି କହି ଘର ଛାଡ଼ିଥିବା ନିଜ କନ୍ୟାର କୁତ୍ସିତ ରୂପ ଓ କଳଙ୍କିତ କାହାଣୀ ହୁଏତ ପ୍ରତ୍ୟକ୍ଷ କରୁଥିବେ ସମାଜରେ ସଂସ୍କାରସମ୍ପନ୍ନ ଭାବେ ପରିଚିତ ହେଉଥିବା ତା'ର ମାତାପିତା। ଚରମ ଅସ୍ୱସ୍ତି ଓ ଅପମାନରେ ମଳିନ ହୋଇ ଯାଇଥିବ ସେମାନଙ୍କ ହୃଦୟ। ସମପକାର ବିଘଟନର ସମ୍ଭାବନାରେ ଆତଙ୍କିତ ହୋଇ ଉଠିଥିବେ କଲେଜପଢୁଆ କନ୍ୟାମାନଙ୍କର ଅବଶିଷ୍ଟ ମାତାପିତାମାନେ। ନିଜ ପିଲାମାନଙ୍କୁ ଦେଇଥିବା ଶିକ୍ଷା, ଦୀକ୍ଷା ଓ ସଂସ୍କାରର ସମୀକ୍ଷା କରିଥିବେ ସେମାନେ ଏବଂ ନୀରବରେ ନିନ୍ଦୁଥିବେ ନିଜ ଦୁର୍ଭାଗ୍ୟକୁ। ମାତ୍ର ବିଡ଼ମ୍ବନାର ବିଷୟ, ଝିଅପୁଅମାନେ କିନ୍ତୁ ସେମାନଙ୍କ ମା'ବାପା ଦେଇଥିବା ସଂସ୍କାର କେବେ ସମୀକ୍ଷା କରନ୍ତି ନାହିଁ। ସେମାନଙ୍କ ପାଇଁ ମାତାପିତାଙ୍କ ତ୍ୟାଗ ଓ ତପସ୍ୟାକୁ ମନେପକାନ୍ତି ନାହିଁ। ସେମାନଙ୍କ ଶିକ୍ଷା ପାଇଁ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ବା ସେମାନଙ୍କୁ ନେଇ ଦେଖୁଥିବା ସ୍ୱପ୍ନ ସମ୍ପର୍କରେ ଚିନ୍ତା କରିବାକୁ ସେମାନଙ୍କର ନା ଥାଏ ସ୍ପୃହା ନା ସମୟ! ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇ ସେମାନେ ଅମଡ଼ାବାଟରେ ପାଦ ଥାପନ୍ତି। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ। କେଉଁଠି ଆଦିମ କ୍ରୀଡ଼ାର ସେଇ ଗୋପନୀୟ ଦୃଶ୍ୟ ସର୍ବଜନବ୍ୟାପ୍ତ ହୁଏ ତ ଅନ୍ୟ କେଉଁଠି ଅବାଞ୍ଛିତ ଗର୍ଭଧାରଣର ଜ୍ୱଳନ ନିଜ ସହିତ ନିଜ ମା'ବାପାଙ୍କୁ ଦଗ୍ଧିଭୂତ କରେ। କେଉଁଠି ଅନୂଢ଼ା କିଶୋରୀଟିଏ ଆତ୍ମହତ୍ୟା କରେ ଅବା ଲୋକଲଜ୍ଜା ସହି ନ ପାରି ତାକୁ ହତ୍ୟା କରନ୍ତି ତା'ର ମାତାପିତା! ନବ୍ୟ ଆଧୁନିକତାର ଉତ୍ତାଳ ତରଙ୍ଗରେ ଭାସିଯାଇ ନିଜ ସତ୍ତା ହରାଇ ବସେ ଏକ ସ୍ୱପ୍ନମୟ ସମ୍ଭାବନା। ପ୍ରେମ ପ୍ରବାହର ମାରାତ୍ମକ ସ୍ରୋତରେ ଭାସିଯାଇ ବିବାହ ବନ୍ଧନରେ ଆବଦ୍ଧ ହୋଇ ସଂସାର କରିଥିବା ବୟସ୍କ ଦମ୍ପତିମାନେ ମଧ୍ୟ ପରକୀୟା ପ୍ରେମରେ ନିଜର ଦିଗ ହରାଇବସନ୍ତି। ନିଜ ସଂସ୍କାର ଓ ସଂସ୍କୃତିକୁ ବିସ୍ମରି ଯାଇ ପତିପତ୍ନୀ ସମ୍ପର୍କରୁ ପବିତ୍ରତାକୁ ପିଠି କରି ପରକୀୟା ସମ୍ପର୍କରେ ପାଗଳ ହୋଇଯା'ନ୍ତି ଏମାନେ। ଏକାଧିକ ସମ୍ପର୍କ ସହ ଦେହଭୋଗର ଲାଳସାକୁ ଚରିତାର୍ଥ କରିବାକୁ ଏମାନେ ଅପରାଧ କରିବାକୁ ପଛାଇ ଯାଆନ୍ତି ନାହିଁ। ପଥହୁଡ଼ା ତାରୁଣ୍ୟର ପାଗଳାମିଠାରୁ ଏମାନଙ୍କ ପାଗଳାମି ଅଧିକ ଉତ୍କଟ। ଏମାନେ ଅନ୍ୟର ଜୀବନ ନେବାକୁ ପଛାନ୍ତି ନାହିଁ। ନିଜ ପ୍ରେମିକାକୁ ପାଇବା ପାଇଁ ପତ୍ନୀକୁ ହତ୍ୟା କରିବା ଅବା ପ୍ରେମିକ ସହ ମିଶି ନିଜ ପତିର ଜୀବନ ନେବା ଭଳି ପାଗଳାମିର ଦୃଷ୍ଟାନ୍ତ ଏବେକାର ସମାଜରେ ଆଦୌ ବିରଳ ନୁହେଁ। ଏଇ କିଛିଦିନ ତଳେ ନବବିବାହିତ ଦମ୍ପତି ଦୁହେଁ ବିବାହର ସପ୍ତାହେ ନ ପୂରୁଣୁ ନିଜ ଦାମ୍ପତ୍ୟକୁ ସ୍ମରଣୀୟ କରିବାକୁ ମଧୁଚନ୍ଦ୍ରିକା ମନାଇବା ପାଇଁ ମଧ୍ୟପ୍ରଦେଶରୁ ଯାଇଥିଲେ ସୁଦୂର ମେଘାଳୟ। ସେଠାରୁ ଏକା ଫେରି ପତ୍ନୀ ଅଭିଯୋଗ କଲେ କି ତାଙ୍କ ପତି କୁଆଡ଼େ ହଜିଗଲେ ଯେ ସେ ଖୋଜି ଖୋଜି ନିରାଶ ହୋଇ ଏକା ଫେରି ଆସିଲେ। ପରେ ଜଣାପଡ଼ିଲା, ତାଙ୍କ ପ୍ରେମିକକୁ ପାଇବା ପାଇଁ ସେ କେଇ ଲକ୍ଷ ଟଙ୍କା ସୁପାରି ଦେଇ ନିଜ ପତିଙ୍କୁ ହତ୍ୟା କରାଇ ସେଠାକାର ଏକ ଜଳାଶୟରେ ଫିଙ୍ଗିଦେଇ ଆସିଛନ୍ତି। ପ୍ରେମରେ ପାଗଳ ନ ହେଲେ ଜଣେ ତରୁଣୀ କ'ଣ ଏମିତି ନିଷ୍ଠୁର ହୁଅନ୍ତା! ଆଉ ଟିକେ ପରିଣତ ବୟସର ପ୍ରେମ ପାଗଳାମି ତ ଆହୁରି ଭୟଙ୍କର। ଦୁଇବର୍ଷ ତଳେ ଫେସ୍‌ବୁକ୍ ମାଧ୍ୟମରେ ସ୍ଥାପିତ ହୋଇଥିବା ପ୍ରେମ ସମ୍ପର୍କର ନାୟକଙ୍କ ସହ ମିଳିତ ହେବାକୁ ଜଣେ ମଧ୍ୟବୟସ୍କା ଭାରତୀୟ ମହିଳା ପାକିସ୍ତାନ ଚାଲିଯାଇଥିଲେ। ଜଣେ ଅଜଣା ବିଧର୍ମୀ, ବିଦେଶୀ ଯୁବକଙ୍କୁ ପାଇବା ପାଇଁ ନିଜ ଦଶବର୍ଷର ବୈବାହିକ ଜୀବନକୁ ପିଠି କରି, ନିଜ ପତି, ଦୁଇଟି ପିଲା, ଏପରିକି ନିଜ ଦେଶକୁ ତୁଚ୍ଛ କରି ଅମଡ଼ା ବାଟରେ ମାଡ଼ିଯିବାର ପାଗଳାମିକୁ କି ନାମ ଦିଆଯାଇପାରେ! ଯେ ତ ପିଲା, ପରିବାର ଓ ଦେଶ ଛାଡ଼ିବାର କୁତ୍ସିତ ଦୃଷ୍ଟାନ୍ତ। ଆମ ରାଜ୍ୟର ଏକ ଗ୍ରାମ୍ୟମଣ୍ଡଳରେ ଜଣକର ପତ୍ନୀ ଅନ୍ୟ ଜଣଙ୍କର ପତିଙ୍କ ପ୍ରେମରେ ଏମିତି ପରକୀୟାରେ ମାତିଲେ ଯେ କଥା ଚାରିଆଡ଼େ ରାଷ୍ଟ୍ର ହୋଇଗଲା। ଦୁଇଟି ପରିବାରର ସମ୍ମାନ ଭୂଲୁଣ୍ଠିତ ହେଲା। ସମସ୍ତେ ଛି ଛାକର କଲେ। ମାତ୍ର ସେମାନଙ୍କ ପରକୀୟା ପ୍ରୀତି ଏତେ ଉତ୍କଟ ଥିଲା ଯେ, କେହି କାହାରିକୁ ଛାଡ଼ିପାରିଲେନି। ସାମାଜିକ ସଂସ୍କାରର ବାଧାବିଘ୍ନ, ଦୁର୍ଗତି ଦୁର୍ନାମକୁ ପାଦରେ ଆଡ଼େଇ ଦୁହେଁଯାକ ଗୋଟିଏ ଗଛଡାଳରେ ଫାଶୀଦେଇ ଆତ୍ମହତ୍ୟା କଲେ। ପାଗଳାମି ଆଉ କାହାକୁ କହନ୍ତି କି!



**ପ୍ରଜ୍ଞା ନିଳୟ, ଚକେଇସିହାଣି, ଭୁବନେଶ୍ୱର**
**ମୋ: ୮୮୯୫୬୨୪୧୦୫**

# ସାମ୍ପ୍ରତିକ ସମୟର କାଳନେମୀ



ଡ. ମନୋରଞ୍ଜନ ପ୍ରଧାନ

ରାମାୟଣର ଏକ ଚରିତ୍ର କାଳନେମୀ ମାନେ ମାରୀଚ ନନ୍ଦନ ତଥା ଦଶାନନଙ୍କ ପାରିଷଦର ଜଣେ ମନ୍ତ୍ରୀଙ୍କ କାରନାମା ସମ୍ପର୍କରେ ସମସ୍ତେ ଜାଣିଥିବେ। ଏ ଚରିତ୍ର ନିଜର ଅବାଞ୍ଛିତ ଲୋଭ ସମ୍ବରଣ ନିମନ୍ତେ ହନୁମାନଙ୍କ ସମ୍ମୁଖରେ ସାଧୁ ବେଶରେ ଚିକଣିଆ କଥା କହି କ'ଣ କରିବାକୁ ଚାହୁଁଥିଲା! କାଳନେମୀଙ୍କ ସମ୍ବନ୍ଧରେ ଅଧିକ ଚର୍ଚ୍ଚା ନ କରି ସାମ୍ପ୍ରତିକ ସମୟର କାଳନେମୀଙ୍କ ସମ୍ବନ୍ଧରେ ଆଲୋଚନା କରିବା। ପୁରାଣ ଯୁଗରେ ବା ପୁରାତନ କାଳରେ ଜଣେ ଅଧେ କାଳନେମୀଙ୍କ ଦୃଷ୍ଟିଗୋଚର ହେଉଥିଲେ ବୋଲି ବର୍ଣ୍ଣିତ। ହେଲେ ବର୍ତ୍ତମାନ ସମୟରେ ଘରେ ଘରେ, ସାହି ସାହିରେ, ନଗ୍ର ନଗ୍ରରେ ତଥା ଅତ୍ର, ତତ୍ର, ସର୍ବତ୍ର କାଳନେମୀମାନଙ୍କ ସାକ୍ଷାତ ଦର୍ଶନ ପାଇପାରିବେ। ଏମାନେ ବହୁରୂପୀ ଏବଂ ବହୁବର୍ଣ୍ଣୀ। ନିଜର ସ୍ୱାର୍ଥ ହାସଲ ପାଇଁ ଅନ୍ୟକୁ କଳାକନା ବୁଲାଇ ସର୍ବସ୍ୱ ଲୁଟିନେବା କଳାରେ ଏମାନେ ପାରଙ୍ଗମ। ଏମାନଙ୍କ କଥାରେ ଗୋରସରେ ନୁହେଁ ପାଣିରେ ସର ପଡ଼ିଯାଏ। ଏମାନଙ୍କ ବାକଚାତୁରୀ ଓ ଅନ୍ୟକୁ ବଶୀଭୂତ କରିବାରେ କଥାବାଚକ ବା ବଡ଼ ବଡ଼ ପ୍ରାଧ୍ୟାପକମାନେ ମଧ୍ୟ ହାରମାନିବେ। ସେମାନଙ୍କଠାରୁ ଦୂରେଇ ରହିବା ଜରୁରୀ କିନ୍ତୁ ସଂଖ୍ୟା ଏତେ ଅଧିକ ଯେ ସେମାନଙ୍କ କବଳରୁ ବର୍ତ୍ତିବା ଆଜିର ସମୟରେ କଷ୍ଟକର। ସେମାନେ ସର୍ବତ୍ର ବିଦ୍ୟମାନ। ସେମାନେ ଶବକୁ ନିଲାମ କରିପାରନ୍ତି, ରୋଗ ଶଯ୍ୟାରେ ଛଟପଟ ରୋଗୀଙ୍କୁ ସେବା ଯୋଗେଇ ଦେବା ନାମରେ ପରିବାରବର୍ଗଙ୍କ ସର୍ବସ୍ୱ ଲୁଟି ନିଅନ୍ତି, ବେରୋଜଗାର ଯୁବତୀଯୁବକଙ୍କୁ ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଲୁଟ କରିପାରନ୍ତି କିମ୍ବା ଚିର ହିତୈଷୀ ଭାବରେ ଛଦ୍ମବେଶୀ ସାଜି ଆପଣଙ୍କୁ କଷ୍ଟାର୍ଜିତ ସମସ୍ତ ଧନ ସମ୍ପତ୍ତିକୁ କେବଳ ଗୋଟିଏ ଓଟିପିରେ ଖାଲି କରିଦେଇପାରନ୍ତି। ଏମାନେ ଗୋଟିଏ ଗୋଟିଏ ସ୍ୱପ୍ନ ବିକାଳି। ରାତାରାତି ଆପଣଙ୍କୁ ବିଶ୍ୱର ସର୍ବୋଚ୍ଚ ଧନୀ ବ୍ୟକ୍ତି କରେଇବାର ପ୍ରତିଶ୍ରୁତି ଦେଇ ସମ୍ପୂର୍ଣ୍ଣ ପ୍ରତାରଣା କରିବାର ସମସ୍ତ ସାମର୍ଥ୍ୟ ରଖନ୍ତି। କେବଳ ସେତିକି ନୁହେଁ ମୂର୍ଖ, ଅପାଠୁଆ ତଥା ଅଶିକ୍ଷିତଙ୍କ କଥା ଛାଡ଼ନ୍ତୁ ବଡ଼ ପାଠୁଆ,ବଡ଼ ଚାକିରିଆ ତଥା ବଡ଼ ବଡ଼ ଶିଳ୍ପପତି, ବ୍ୟବସାୟୀ, ରାଜନେତା, ଅମଲାତନ୍ତ୍ରୀ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ନୈପୁଣ୍ୟ ଲାଭ କରିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଠକିବାରେ ଏମାନେ ଧୂରୀଣ ଓ ଧୂର୍ତ୍ତ।

କେଇଦିନ ତଳେ ଜଣେ ଭଦ୍ରବ୍ୟକ୍ତି ଫୋନ କଲେ। ପରିଚୟ ଦେଲେ ଏକ ପ୍ରତିଷ୍ଠିତ ଖବରକାଗଜର ସହସମ୍ପାଦକ ବୋଲି। କହିଲେ ଆମ ଖବରକାଗଜର ଜଣେ ବିତରକ ବନ୍ଧୁ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଆମେ ବିଭିନ୍ନ ଉତ୍ସରୁ ଆପଣମାନଙ୍କ ଭଳି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କିଡ୍‌ନୀ ପ୍ରତିରୋପଣ ପାଇଁ ସମସ୍ତ ବ୍ୟବସ୍ଥା କରିଛୁ। ତଥାପି ଆହୁରି ଚାରି ପାଞ୍ଚ ଲକ୍ଷ ଟଙ୍କା ଦରକାର ପଡୁଛି। ଲେଖକମାନଙ୍କୁ ଆମେ କହିବା ଠିକ୍ ନ ହେଲେ ମଧ୍ୟ ଜଣଙ୍କ ଜୀବନ ବଞ୍ଚେଇବା ପାଇଁ ପରିସ୍ଥିତି ବାଧ୍ୟ କରିଛି। ବାସ୍, ଆଉ କେଇପଦ କଥାରେ କାଳନେମୀର ଛଳ ଭେଦ କରି ଅଳ୍ପକେ ବର୍ତ୍ତିଯାଇଥିଲି।



ଆଉ ଗୋଟିଏ ଘଟଣା। ମୋର ଜଣେ ବନ୍ଧୁ ଗୋଟିଏ କଲେଜରେ ଅଧକ୍ଷ ଭାବରେ କାର୍ଯ୍ୟ କରନ୍ତି। ପ୍ରକୃତରେ ତାଙ୍କ କଲେଜରେ ହଷ୍ଟେଲ ସିଟ୍ ସୀମିତ ତାହା ପୁଣି ନାମ ଲେଖାର ଖୁବ୍ କମ୍‌ଦିନ ଭିତରେ ପିଲାଙ୍କୁ ଚୟନ କରି ଦିଆସରିଛି। କିନ୍ତୁ ଅନେକ ପିଲା ହଷ୍ଟେଲ ପାଇବାକୁ ଆଶାବାଦୀ ଥିଲେ। କେହି ଜଣେ କାଳନେମୀ ଠିକ୍ ଜାଣିପାରି କେତେଜଣ ଛାତ୍ରଙ୍କଠାରୁ ପ୍ରିନ୍ସିପାଲଙ୍କ ପରିଚୟ ଦେଇ ପାଞ୍ଚ ହଜାର ଲେଖାଏ ଅନ୍‌ଲାଇନରେ ନେଇଯାଇଛି। ପିଲାମାନେ ତା'ପରଦିନ ନିଜର ଜିନିଷପତ୍ର ଧରି କଲେଜରେ ପହଞ୍ଚିବା ପରେ ଜଣାପଡିଲା କି ସେ ବ୍ୟକ୍ତି ଆଉ କିଏ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟ୍ରୁକଲରରେ ସେହି ନମ୍ବରରୁ ଫୋନ ଆସିଥିବା ନାମ ପ୍ରିନ୍ସିପାଲ ଅମୁକ କଲେଜ ବୋଲି ଦେଖାଉଛି। ସେଥିପାଇଁ ବିଶ୍ୱାସ କରି ଗରିବ ପିଲାମାନେ ଆଶ୍ରୟ ପାଇବା ଆଶାରେ ଟଙ୍କା ପଠେଇ ଦେଇଛନ୍ତି। ଏସବୁ ବାହାର କାଳନେମୀମାନଙ୍କ କାରନାମା। ବର୍ତ୍ତମାନ ଗୋଟିଏ ଘର ଭିଙ୍କି କୁମ୍ଭୀରର କାଳନେମୀ ରୂପ ସମ୍ବନ୍ଧରେ ଜାଣିବା।

ଜୀବନବ୍ୟାପୀ ପରିଶ୍ରମ ପରେ ଜଣେ ବ୍ୟକ୍ତି ଅବସର ଗ୍ରହଣ କରନ୍ତି ସରକାରୀ ଚାକିରିରୁ। ପୁଅ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ। ପୁଅ ମଧ୍ୟ ପାଠୁଆ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ଧୁରନ୍ଧର। ବାପାଙ୍କୁ ଖୁସି କରିବା ପାଇଁ ପୁଅ ଅନେକ କାମ କରିଦିଏ। ତେଣୁ ବାପାଙ୍କ ସବୁ ବ୍ୟାଙ୍କ କାରବାର ପୁଅ ବୁଝେ। ମାଆ ମଧ୍ୟ ବିଶ୍ୱାସ କରି ନିଜର ଗହଣାଗାଣ୍ଠି ଥିବା ଆଲମାରୀ ଚାବି ଏକୋଇରବଳା ବିଶିକେଶନକୁ ଦେଇଥାନ୍ତି। ପୁଅ ସେମାନଙ୍କ ଆଖିରେ ଧୂଳି ଦେଇ ଘରର ସବୁ କିଣାବିକା କରି ଚାଲିଥାଏ। ଦିନେ କୌଣସି ବନ୍ଧୁଘର ଯିବା ପାଇଁ ମାଆ ସୁନା ହାର ମାଗିଲେ। ପୁଅ କହିଲା, ଆଲମାରୀ ଚାବି ହଜିଯାଇଛି। ପରେ ଜଣେ ଲୋକ ଆସି ତୁମ ପୁଅ ତିନି ଲକ୍ଷ ବାକି କରିଥିବା କହିଲେ। ବାପା ବଜାରରୁ ଫେରିବା ପରେ ଅନ୍ୟ ଏକ ଚାବିରେ ଆଲମିରା ଖୋଲିଲା ବେଳକୁ ଗୋଟିଏ ବି ଗହଣା ନାହିଁ। ଅନୁସନ୍ଧାନରୁ ଜଣାପଡିଲା କି ପୁତ୍ରରୂପୀ କାଳନେମୀ ଅନ୍‌ଲାଇନ ଗେମ୍ ବା ଟ୍ରେଡ଼ିଂ (ଜୁଆ) ଖେଳି ସବୁ ବିକ୍ରି କରିଦେଇଛି। ସେଥିରେ ବାପାଙ୍କ ସବୁ ବ୍ୟାଙ୍କ ଜମା ମଧ୍ୟ ଅନ୍ତର୍ଭୁକ୍ତ। କାହାକୁ କହିବେ ଦୁଃଖ। ଏଭଳି ଘଟଣା ଓ କାରନାମା ଆଜିକାଲି ବ୍ୟାପକ ଭାବରେ ଦେଖିବାକୁ ମିଳୁଛି।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ,**
**ମୋ:୯୪୩୭୯୧୪୮୧୮**

## ଏଇ ଭାରତରେ

ମହାରାଷ୍ଟ୍ର ସତାରା ଜିଲା ପଡାଲି ଗାଁର କୃଷକ ହୃଷୀକେଶ ଜୟସିଂହ ଧାନେ ଏବେ ଘିକୁଆଁରୀ ଚାଷ କରି ବର୍ଷକୁ ୩.୫ କୋଟି ଟଙ୍କାର ବିଜନେସ କରୁଛନ୍ତି ଏବଂ ଏଥିରୁ ୩୦% ଲାଭ ପାଉଛନ୍ତି। ସେ ଘିକୁଆଁରୀରୁ ସାବୁନ, ଶାମ୍ପୁ, ଜୁସ୍ ଓ ଜୈବିକ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ହୃଷୀକେଶ ୮ ଏକରରେ ଏହି ଚାଷ କରୁଛନ୍ତି। ସେ ଅର୍ଥାଭାବ ଭିତରେ ଦଶମ ପାସ୍ କରିବା ପରେ ଅଧିକ ପଢ଼ିବା ଏବଂ ପରିବାର ଚଳାଇବା ଲାଗି ଏକ କମ୍ପାନୀରେ ଚାକିରି କରିଥିଲେ। ସେଥିରୁ ଯାହା ପାଉଥିଲେ ତାହା ଯଥେଷ୍ଟ ନ ହେବାରୁ ସେ ଏକ ନର୍ସରି କରିଥିଲେ ଓ ପରେ ସାର ମଧ୍ୟ ବିକ୍ରି କରି ରୋଜଗାର କଲେ। ଏହି କ୍ରମରେ ୨୦୦୭ରେ ତାଙ୍କ ଜୀବନର ମୋଡ଼ ବଦଳିବାକୁ ଲାଗିଲା। ସେ ତାଙ୍କ ଅଞ୍ଚଳରେ ଚାଷୀମାନେ ଫିଙ୍ଗି ଦେଉଥିବା ଘିକୁଆଁରୀ ପ୍ରାୟ ୪୦୦୦ ଗଛ ଆଣି ଲଗାଇଲେ। ଏବେ ହାରାହାରି ୮୦୦୦ ଲିଟର ଘିକୁଆଁରୀ ରସ ସଂଗ୍ରହ କରି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ବଡ଼ କଥା ହେଉଛି ସେ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ଚାଷରୁ ଲାଭ କରିବା ପରେ ଝାଟିମାଟି ଘର ଜାଗାରେ ଦୁଇମହଲା ଘରଟିଏ କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ସେପ୍ଟେମ୍ବର ୧୯୭୬

- ବିଶିଷ୍ଟ ଉର୍ଦ୍ଦୁ କ୍ଷୁଦ୍ରଗଳ୍ପ ଲେଖକ, ଆକାଶବାଣୀର ପୂର୍ବତନ ପ୍ରୋଗ୍ରାମ ଡିରେକ୍ଟର ତଥା ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ପରାମର୍ଶଦାତା ପି.ଏନ୍. ଧରଙ୍କ ୬୧ ବର୍ଷ ବୟସରେ ପରଲୋକ।
- ଚୀନ ଭୂମିକମ୍ପ ବିଧ୍ୱସ୍ତ ଅଞ୍ଚଳକୁ ତାଇୱାନ୍ ପକ୍ଷରୁ ଉଚ୍ଚ ଶକ୍ତିସମ୍ପନ୍ନ ମାନବ ବିହୀନ ବେଲୁନ ସାହାଯ୍ୟରେ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରେରଣ।

## ଚିରନ୍ତନୀ

ହଳିଆ ଲେଉଟେ ସୁଖେ, ଶୁଭେ ତା'ର ଗାନ
ପ୍ରେୟସୀ ସଜାଡ଼ି ବସିଥିବ ଜଳପାନ,
ପୁତ୍ର କନ୍ୟା ତା'ର
ଫେରିବା ପଥକୁ ଚାହିଁ ଜଗିଥିବେ ଦ୍ୱାର !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku — Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 3 | 8 | | | |
| | | | 7 | | 5 | | | |
| 5 | | 4 | | 6 | | | | |
| 9 | 4 | | | | | | | |
| | | | 6 | | | | 2 | 1 |
| 3 | | | | | | | | 4 |
| | | 8 | | 7 | | | 4 | |
| | | | 5 | 2 | | | 9 | |
| | | 1 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 5 | 1 | 2 | 8 | 3 | 6 | 9 |
| 3 | 1 | 6 | 9 | 5 | 4 | 2 | 8 | 7 |
| 9 | 8 | 2 | 7 | 6 | 3 | 1 | 5 | 4 |
| 1 | 5 | 8 | 3 | 4 | 7 | 6 | 9 | 2 |
| 6 | 2 | 9 | 5 | 8 | 1 | 7 | 4 | 3 |
| 7 | 3 | 4 | 6 | 9 | 2 | 8 | 1 | 5 |
| 5 | 4 | 1 | 2 | 7 | 6 | 9 | 3 | 8 |
| 2 | 9 | 3 | 8 | 1 | 5 | 4 | 7 | 6 |
| 8 | 6 | 7 | 4 | 3 | 9 | 5 | 2 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଋଣ ଆଦାୟକାରୀ ଅସୁରକ୍ଷିତ

ମହାଶୟ,

ଓଡ଼ିଶାରେ ଗ୍ରାମୀଣ ବ୍ୟାଙ୍କର ଅନେକ ଶାଖାରେ ବିଚିତ୍ର ପରିସ୍ଥିତି ସବୁ ଦେଖାଯାଉଛି। ଭାତହାଣ୍ଡିରୁ ଗୋଟିଏ ପରି ଢେଙ୍କାନାଳ ଜିଲା ପରଜଙ୍ଗ ନିକଟସ୍ଥ ଶାଖା କଥା ବିଚାର କରାଯାଉ। ଏହି ଶାଖାରେ ବ୍ୟାଙ୍କ ମୁଖ୍ୟ ପରିଚାଳକଙ୍କୁ ମିଶାଇ ମାତ୍ର ପାଞ୍ଚଜଣ କର୍ମଚାରୀ। କିନ୍ତୁ ପାଞ୍ଚଜଣଙ୍କୁ ଅଫିସରେ ନିୟମିତ କେହି ଦେଖିବାକୁ ପାଆନ୍ତି ନାହିଁ। କାରଣ ଜଣେ ଦି'ଜଣ ନିଶ୍ଚିନ୍ତ ଭାବେ ଡେପୁଟେଶନରେ ଯାଇଥିବେ। ସୂଚିତ କରାଯାଇପାରେ କି ରିଜର୍ଭ ବ୍ୟାଙ୍କର ଜରୁରୀ ଅନୁସୂଚୀ ସର୍କୁଲାର ଅନୁଯାୟୀ ବ୍ୟାଙ୍କ ରିକଭରି ଆଦାୟ ନିମିତ୍ତ ବିନା କମିଟି ଦ୍ୱାରା ଏହାକୁ କାର୍ଯ୍ୟକାରୀ କରିପାରିବେ ନାହିଁ। ଆଶ୍ଚର୍ଯ୍ୟର କଥା ଢେଙ୍କାନାଳର ଅନ୍ୟୂନ ୬୦ରୁ ଉର୍ଦ୍ଧ୍ୱ ଶାଖାରେ ଏହି ନିୟମ କିନ୍ତୁ ପାଳନ ହେଉନାହିଁ। ଋଣ ଆଦାୟ ପାଇଁ ଯାଉଥିବା କର୍ମଚାରୀମାନେ ବିନା ପୋଲିସ ସୁରକ୍ଷାରେ ଯାଉଥିବାରୁ ଗତ ମାସରେ କେବଳ ଢେଙ୍କାନାଳ ଜିଲାର ମହୁଲପାଳ ଶାଖା, ବାଟଗାଁ ଶାଖା, ଜିରିଡାମାଳୀ ଶାଖାରେ ଋଣ ଆଦାୟକାରୀ କର୍ମଚାରୀଙ୍କୁ ଆକ୍ରମଣ କରି ମୁଣ୍ଡ ଜାମିନ ରଖିଥିବାର ଖବର ଚର୍ଚ୍ଚିତ ହୋଇଥିଲା। ଆଶ୍ଚର୍ଯ୍ୟକଥା ହେଉଛି କୋଟି କୋଟି ଟଙ୍କା ଋଣ ପଡ଼ି ରହୁଥିବାବେଳେ ସ୍ୱୟଂ ସହାୟକ ସଂଗଠନକୁ ଡାକିହାକି ଋଣ ପ୍ରଦାନ କରିବାପାଇଁ ପ୍ରଲୋଭିତ କରାଯାଉଛି। ବ୍ୟାଙ୍କ ଲୋକଙ୍କର ହେଉ, ସରକାରୀ ଯୋଜନା ସହ ଲୋକଙ୍କୁ ଯୋଡ଼ୁ।

**–ଡ. ଦିଲ୍ଲୀଶାନ୍ ମହାମଲ୍ଲ, ତାଳଚେର, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ୨୧ରେ ମୋଦି ଯୁବ ମାରାଥନ୍ କରିବ ଯୁବମୋର୍ଚ୍ଚା

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବବର୍ଗର ଉନ୍ନତି ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ପ୍ରୟାସ ଯୋଗୁ ସାରା ବିଶ୍ୱରେ ଭାରତର ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେବଳ ଯୁବବର୍ଗ ନୁହେଁ, ସମାଜର ପ୍ରତ୍ୟେକ କ୍ଷେତ୍ରରେ ମୋଦିଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସମାଜର ଗରିବ ଓ ଶୋଷିତ ବର୍ଗର ଉତ୍ଥାନ ପାଇଁ କାର୍ଯ୍ୟକରି ସେ ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିଛନ୍ତି। ସମସ୍ତେ ମୋଦିଙ୍କ ଭଳି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ପାଳନ କରାଯାଉଛି। ତାଙ୍କ ଜନ୍ମଦିନ ଆସନ୍ତା ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ମୋଦିଙ୍କ ୭୫ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ଚାରାରୋପଣଠାରୁ ଆରମ୍ଭକରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୧ରେ ମୋଦି ଯୁବ ମାରାଥନ୍ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଲାଷ କହିଛନ୍ତି ଯେ, ଭାରତର ୭୫ଟି ସ୍ଥାନରେ ମୋଦି ଯୁବ ମାରାଥନ ଆୟୋଜନ କରାଯିବ। ୨୧ ତାରିଖ ସକାଳ ୬ଟା ୧୫ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହେବ। ଏଥିରେ ସାରା ରାଜ୍ୟରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗ ସାମିଲ ହେବେ। ଏନେଇ ୭ ସେପ୍ଟେମ୍ବରରୁ ସାରା ଦେଶରେ କ୍ୟାମ୍ପେନ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

# ପରୀକ୍ଷାର୍ଥୀଙ୍କ ସାକ୍ଷାତ୍କାର ମାର୍କ ଜାଣିବାର ଅଧିକାର ରହିଛି: ମୁଖ୍ୟ ସୂଚନା ଆୟୁକ୍ତ

## ମାର୍କ ପ୍ରଦାନ ଲାଗି ଓପିଏସ୍‌ସିକୁ ଓଆଇସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୮।୯(ରବିନାରାୟଣ ଜେନା)

ପରୀକ୍ଷାର୍ଥୀମାନେ ସେମାନଙ୍କ ସାକ୍ଷାତ୍କାର ମାର୍କ ସମ୍ପର୍କରେ ଜାଣିବାର ଅଧିକାର ରହିଛି ବୋଲି ଏକ ମାମଲାର ବିଚାର ବେଳେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା କହିଛନ୍ତି। ଏହାକୁ ନେଇ ସୋମବାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ଙ୍କୁ ସୂଚନା ଆୟୋଗଙ୍କ ପକ୍ଷରୁ ମୁଖ୍ୟ ଆୟୁକ୍ତ ମନୋଜ ପରିଡ଼ା ପରୀକ୍ଷାର୍ଥୀ ମିନତୀ ରାଣୀ ମହାପାତ୍ରଙ୍କୁ ତାଙ୍କର ସାକ୍ଷାତ୍କାର ମାର୍କ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଦୀର୍ଘ ୨୩ବର୍ଷ ପରେ ସୂଚନା ଆୟୋଗଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏଭଳି ନିର୍ଦ୍ଦେଶନାମାକୁ ନେଇ ଏବେ ଚହଳ ପଡ଼ିଛି।

ସୂଚନା ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଭଦ୍ରକ ଜିଲାର ମିନତୀ ରାଣୀ ମହାପାତ୍ର ୨୦୦୨ରେ ସହକାରୀ ଶିକ୍ଷକ ପଦବୀ ପାଇଁ ଆବେଦନ କରିଥିଲେ। ବିଜ୍ଞାପନ ଅନୁଯାୟୀ କ୍ୟାରିୟର ମାର୍କ ଏବଂ ସାକ୍ଷାତ୍କାର ମାର୍କ ଉପରେ ଆଧାରିତ ଥିଲା। ଜୁନ୍ ୨୦୦୨ରେ ଓଡ଼ିଶା ଲୋକସେବା କମିଶନ ଦ୍ୱାରା ପ୍ରକାଶିତ ମନୋନୀତ ପ୍ରାର୍ଥୀଙ୍କ ତାଲିକାରେ ମିନତୀଙ୍କ ନାମ ନ ଥିଲା। ଓପିଏସ୍‌ସି ଫଳାଫଳରେ ଅସନ୍ତୁଷ୍ଟ ହୋଇ ମିନତୀ ଡିସେମ୍ବର ୨୦୦୨ରେ ଆର୍‌ଟିଆଇରେ ଆବେଦନ ପୂର୍ବକ ଲୋକସେବା କମିଶନଙ୍କ ନିକଟରେ କ୍ୟାରିୟର ମୂଲ୍ୟାୟନ ଏବଂ ସାକ୍ଷାତ୍କାରରେ ତାଙ୍କୁ ମିଳିଥିବା ମାର୍କର ବିବରଣୀ ମାଗିଥିଲେ। ଓଡ଼ିଶା ଲୋକସେବା ଆୟୋଗ ତାଙ୍କୁ କ୍ୟାରିୟରର ମାର୍କ ପ୍ରଦାନ କରିଥିଲା। କିନ୍ତୁ ଡିସେମ୍ବର ୨୦୦୨ରେ ପ୍ରାର୍ଥୀମାନଙ୍କୁ ସାକ୍ଷାତ୍କାର ମାର୍କ ପ୍ରଦାନ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଆଧାରରେ ତାଙ୍କର ସାକ୍ଷାତ୍କାର ମାର୍କ ପ୍ରଦାନ କରିବାକୁ ମନାକରି ଦେଇଥିଲା।

ସୂଚନା କମିଶନଙ୍କ ସମ୍ମୁଖରେ ଶୁଣାଣି ସମୟରେ ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ବାଢ଼ିଥିଲେ, ଉକ୍ତ ପଦବୀରେ ପ୍ରାର୍ଥୀଙ୍କ ଚୟନ ପାଇଁ କୌଣସି ସାକ୍ଷାତ୍କାର ମାର୍କ ରେକର୍ଡ କରାଯାଏ ନାହିଁ କିମ୍ବା କୌଣସି ସର୍ବନିମ୍ନ ମାର୍କ ସ୍ଥିର କରାଯାଏ ନାହିଁ। ଏହି ସମୟରେ ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ଦେଇଥିଲେ, ସାକ୍ଷାତ୍କାର ହେଉଛି ସେମାନଙ୍କର ବ୍ୟକ୍ତିତ୍ୱ ଓ କଥନ ଶୈଳୀ ଦକ୍ଷତା ଇତ୍ୟାଦିର ଏକ ପରୀକ୍ଷା ଏବଂ ସାକ୍ଷାତ୍କାରରେ କେବଳ ଯୋଗ୍ୟତା ନିର୍ଣ୍ଣୟ କରାଯାଏ। ପ୍ରାର୍ଥୀମାନଙ୍କୁ କେବଳ ସେମାନେ ଉପଯୁକ୍ତ କି ଅନୁପଯୁକ୍ତ ବୋଲି ସୂଚନା ଦିଆଯାଏ। ପ୍ରାର୍ଥୀମାନଙ୍କୁ ନିର୍ଦ୍ଦିଷ୍ଟ ମାର୍କ ଦିଆଯାଏ ନାହିଁ କିମ୍ବା କୌଣସି ଯୋଗ୍ୟ ତାଲିକା ପ୍ରକାଶ କରାଯାଏ ନାହିଁ।

ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା ତାଙ୍କ ଐତିହାସିକ ରାୟରେ କହିଛନ୍ତି, ଓଡ଼ିଶା ଲୋକସେବା ଆୟୋଗର ଏପରି ନିଷ୍ପତ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାର ପରିପନ୍ଥୀ। ପ୍ରାର୍ଥୀଙ୍କର ସାକ୍ଷାତ୍କାରରେ ପାଇଥିବା ମାର୍କ ଜାଣିବାର ପୂର୍ଣ୍ଣ ଅଧିକାର ରହିଛି। ଏହାଦ୍ୱାରା ସେ ପରବର୍ତ୍ତୀ ପ୍ରୟାସରେ ତାଙ୍କର ପ୍ରଦର୍ଶନକୁ ଉନ୍ନତ କରିପାରିବେ। ପ୍ରତ୍ୟେକ ପ୍ରାର୍ଥୀ ବିଶେଷ କରି, ପରୀକ୍ଷାରେ ବିଫଳ ହୋଇଥିବା ପ୍ରାର୍ଥୀଙ୍କର ଜାଣିବାର ଅଧିକାର ଅଛି ଯେ, ସେମାନେ କେଉଁ ଆଧାରରେ ସଫଳ ହୋଇପାରିଲେ ନାହିଁ। ଏ ସମ୍ବନ୍ଧରେ ଓଡ଼ିଶା ଲୋକସେବା ଆୟୋଗ ପ୍ରାର୍ଥୀମାନଙ୍କୁ ଅନ୍ଧାରରେ ରଖିପାରିବ ନାହିଁ। ସୂଚନା ଅଧିକାର ଆଇନ-୨୦୦୫ର ଧାରା ୨୨ରେ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବାରେ ଅନ୍ୟ ସମସ୍ତ ଆଇନ ଏବଂ ନିୟମକୁ ସମର୍ଥନ କରୁଛି। ତେଣୁ ଓଡ଼ିଶା ଲୋକସେବା ଆୟୋଗ ତାଙ୍କର ପ୍ରକ୍ରିୟାରେ ପରିବର୍ତ୍ତନ କରିବା ସହିତ ପ୍ରାର୍ଥୀମାନଙ୍କୁ ମିଳିଥିବା ମାର୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିବାକୁ ମୁଖ୍ୟ ଆୟୁକ୍ତ ପରିଡ଼ା ପରାମର୍ଶ ଦେଇଛନ୍ତି।

# ମତଦାନକୁ ବିଜେଡିର ଭୟ: ଭକ୍ତ

## ୨ରୁ କଂଗ୍ରେସର ପଦଯାତ୍ରା

## ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ସମଦୂରତା ପ୍ରସଙ୍ଗ

ଭୁବନେଶ୍ୱର,୮।୯(ରବିନାରାୟଣ ଜେନା)

ଉପରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ସମର୍ଥିତ (ଇଣ୍ଡି)ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀ ଯୋଗ୍ୟତମ ବ୍ୟକ୍ତି। ହେଲେ ବିଜେଡି ଏଥର ଭୋଟ ନ ଦେଇ ସମଦୂରତା ବଜାୟ ରଖିବ ବୋଲି କହିଛି। ଏହା କେବଳ ବିଜେଡିର ଭୟ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ସୋମବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ଦେଶର ହିତ ପାଇଁ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟ ଦେବା ଉଚିତ୍ ଥିଲା। ହେଲେ ବିଜେଡି କହୁଛି, ରାଜ୍ୟର ହିତ ପାଇଁ ଏଥର ସେ କାହାକୁ ଭୋଟ ଦେବେନାହିଁ, ହେଲେ ଏହା ଏନ୍‌ଡିଏ ପାଇଁ ଲାଭବାନ ହେବ। କିନ୍ତୁ ଓଡ଼ିଶା ପାଇଁ କ'ଣ ଲାଭ ହେବ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଭୋଟଦାନରୁ ବିରତ ରହିବା ନିଷ୍ପତ୍ତି ଦ୍ୱାରା ବିଜେଡି ଓଡିଶାବାସୀଙ୍କୁ ଲଜ୍ଜିତ କରିଛି। ଭାଜପା-ବିଜେଡି ଏକ ଅଘୋଷିତ ମେଣ୍ଟ ରାଜନୀତିରେ ଅଛନ୍ତି ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏଥର ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିରୋଧ କରି ରାଜ୍ୟର ପ୍ରକୃତ ପ୍ରମୁଖ ବିରୋଧୀ ଦଳ ବୋଲି ବିଜେଡି ପୁଣି ଆସ୍ଥାଭାଜନ ହେବାର ସୁଯୋଗ ଥିଲା। କିନ୍ତୁ ଯାହା ଆଶଙ୍କା କରାଯାଉଥିଲା, ତାହାହିଁ ହେଲା। ପୂର୍ବଭଳି ସିବିଆଇ-ଇଡି ଭୟରେ ଏଥର ମଧ୍ୟ ଭାଜପା ପାଇଁ ପରୋକ୍ଷରେ ବିଜେଡି କାମ କଲା।

ସେ କହିଛନ୍ତି, ଅତୀତରେ ବିଜେଡି ଯେତେସବୁ ପ୍ରସଙ୍ଗରେ ଏନ୍‌ଡିଏକୁ ଭୋଟ ଦେଇଛି, ସେତେବେଳେ ରାଜ୍ୟ ହିତ ଦେଖି ନ ଥିଲା। ଏବେ ବି ସମାନ କଥା ଦୋହରାଉଛି। ଅନ୍ୟ


ଭକ୍ତ ଚରଣ ଦାସ

ଦୃଷ୍ଟିରେ ଦେଖିଲେ ବିଜେଡି ତା'ର ଗରିମା ହରାଉଛି। ସମଦୂରତା ଏକ ଦ୍ୱନ୍ଦ୍ୱ, ଭୋଟ ନ ଦେଲେ ବି କିଛି ଭୋଟ୍ ଏନ୍‌ଡିଏକୁ ଯିବ। ବିଜେଡି ସାହସର ସହ ଭୋଟ ଦେଇଥିଲେ ବିଜେଡି ତଥା ସଭାପତି ନବୀନ ପଟ୍ଟନାୟକଙ୍କୁ ରାଜ୍ୟବାସୀ ଭଲ ପାଇଥାନ୍ତେ। ତେବେ ରାଜ୍ୟରେ କଂଗ୍ରେସ ଏବେ ବି ମୁଖ୍ୟ ବିରୋଧୀ ଭାବେ କାର୍ଯ୍ୟ କରୁଛି। ଆସନ୍ତା ଗାନ୍ଧୀ ଜୟନ୍ତୀ ତଥା ଅକ୍ଟୋବର ୨ରୁ କଂଗ୍ରେସ ପକ୍ଷରୁ ପଦଯାତ୍ରା ହେବ। ଦିନକୁ ୨୦ କିଲୋମିଟର ଚାଲିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହି ସମୟରେ ପ୍ରତି ବ୍ଲକରେ ଗୋଟେ ଦିନ ଚାଲିବୁ। ଗୋଟେ ବିଧାନସଭାରେ ଦୁଇଦିନ କରି ପ୍ରାୟ ୩୦୦ ଦିନର ପଦ ଯାତ୍ରା କରିବୁ। ଆଗାମୀ ବିଧାନସଭାରେ କଂଗ୍ରେସ ଅନାସ୍ଥା ଆଣିବ। ବିଜେଡି ଏହାକୁ ସମର୍ଥନ ଦେଉଛି କି ନାହିଁ ସେତେବେଳେ ରାଜ୍ୟବାସୀ ଜାଣିବେ ବୋଲି ଭକ୍ତ କହିଛନ୍ତି।

# ପୂର୍ବ ବର୍ଷ ତୁଳନାରେ ୨୯% ଚାଷୀ ପଞ୍ଜୀକରଣ ବୃଦ୍ଧି ଘଟିଛି

## ଖରିଫ ଫସଲ କ୍ରୟ ଲାଗି ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୮।୯(ସୁନିତ୍ ମିଶ୍ର)

ଖରିଫ ୨୦୨୫-୨୬ ଋତୁରେ ଫସଲ କ୍ରୟ ନିମନ୍ତେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଛି। ବୈଠକରେ ଚାଷୀଙ୍କ ସୁବିଧାକୁ ପ୍ରାଥମିକତା ଦେବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଏବେଠାରୁ ଆନ୍ତଃ ବିଭାଗୀୟ ସମନ୍ୱୟରେ ସ୍ଥାୟୀ ମଡେଲ ମଣ୍ଡି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ନଭେମ୍ବର ଶେଷ ଆଡକୁ ଖରିଫ ଫସଲର ପ୍ରୋକ୍ୟୁରମେଣ୍ଟ କରିବାକୁ ସରକାର ଯୋଜନା କରିଛନ୍ତି। ତଦନୁଯାୟୀ, ରୋଡ଼ମ୍ୟାପ ପ୍ରସ୍ତୁତି ଚାଲିଛି। ସରକାରଙ୍କ ଦ୍ୱାରା ୮୦୦ ଟଙ୍କା ଅତିରିକ୍ତ ଇନ୍‌ପୁଟ ସହାୟତା ଭାବେ ମିଳିବା କାରଣରୁ ବହୁ ଅଣଧାନ ଚାଷୀ ମଧ୍ୟ ଧାନ ଫସଲ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପୂର୍ବବର୍ଷ ତୁଳନାରେ ନୂଆ ଚାଷୀଙ୍କ ପଞ୍ଜୀକରଣରେ ୨୯% ବୃଦ୍ଧି ଘଟିଛି। ଏହାବ୍ୟତୀତ ଧାନ କ୍ରୟ ପରବର୍ତ୍ତୀ ପରିଚାଳନା ପାଇଁ ଅଧିକ ସଂଖ୍ୟକ ଗୋଦାମ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏସବୁ ଏଫ୍‌ସିଆଇ, ସମବାୟ ବିଭାଗ, ୱେର ହାଉସିଂ କର୍ପୋରେଶନ ଦ୍ୱାରା କରାଯିବ। ସେହିଭଳି ଏଫ୍‌ସିଆଇ ଦ୍ୱାରା ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ପ୍ରୋକ୍ୟୁରମେଣ୍ଟ କରାଯିବା ବାଦ ବଳକା ଚାଉଳର ସୁପରିଚାଳନା ପାଇଁ ସରକାରଙ୍କ ତରଫରୁ ଇଥାନଲ ପ୍ଲାଣ୍ଟକୁ ଯୋଗାଣ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ବିଭିନ୍ନ ଯୋଜନା ମାଧ୍ୟମରେ ମାଗଣାରେ ଚାଉଳ ବଣ୍ଟନ, ଅନ୍ୟ ଦେଶକୁ ରପ୍ତାନି ଭଳି ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରାଯାଇଛି। ଏହାସହ ଅଧିକ ସଂଖ୍ୟକ ରାଇସ୍ ମିଲ ଖୋଲିବା, ପୂର୍ବରୁ ଥିବା ମିଲ୍‌ଗୁଡ଼ିକୁ ଅପଗ୍ରେଡ କରି ହାଇବ୍ରିଡ ମିଲ୍‌ରେ ପରିଣତ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଛି।

# ୧୨ରୁ କମିବ ବର୍ଷା

ଭୁବନେଶ୍ୱର,୮।୯(ବନ୍ଦନା ସେଠୀ)

ବଙ୍ଗୋପସାଗର ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୫ ଜିଲାରେ ଅତିପ୍ରବଳ ବର୍ଷା ହୋଇଥିବାବେଳେ ୨ ଜିଲାରେ ପ୍ରବଳ, ୬ ଜିଲାରେ ସ୍ୱାଭାବିକ, ୪ ଜିଲାରେ ଅଭାବୀ, ୧୧ ଜିଲାରେ ଅତିଅଭାବୀ ଏବଂ ବାକି ୨ ଜିଲାରେ ବର୍ଷା ହୋଇନାହିଁ। ଝାରସୁଗୁଡ଼ା ଜିଲା ଲଇକେରା ଅଞ୍ଚଳରେ ସର୍ବାଧିକ ୧୨.୨୪ ସେ.ମି ଓ ବରଗଡ଼ ଜିଲା ଝରବନ୍ଧ ଅଞ୍ଚଳରେ ଦ୍ୱିତୀୟ ସର୍ବାଧିକ ୭.୮ ସେ.ମି ବର୍ଷା ହୋଇଛି। ତେବେ ଆଉ ୪ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି। ଅପରପକ୍ଷରେ ୧୨ ତାରିଖ ଶୁକ୍ରବାରଠାରୁ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇବ। ୧୩ ତାରିଖଠାରୁ ନୂଆପଡ଼ା ଓ ନବରଙ୍ଗପୁର ଜିଲା ବ୍ୟତୀତ ବାକି ସବୁଠି ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ମନୋରମା କହିଛନ୍ତି। ତାଙ୍କ ସୂଚନାନୁସାରେ, ମଙ୍ଗଳବାର ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ କୌଣସି ଜିଲାକୁ ସତର୍କତା ଜାରି ହୋଇ ନ ଥିବାବେଳେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବୁଧବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାକୁ ପ୍ରବଳ ବର୍ଷା ଓ ବାକି ରାଜ୍ୟର ସମସ୍ତ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ପବନ ବହିବା ନେଇ ସତର୍କତା ଜାରି ହୋଇଛି।

# ବ୍ୟବସାୟୀଙ୍କ ପୁଅଙ୍କୁ ଅପହରଣ, ୨୦ଲକ୍ଷ ଟଙ୍କାରେ ମୁଣ୍ଡ ଜାମିନ

## ବିହାର ଯୁବକଙ୍କ ସମ୍ପୃକ୍ତି ସନ୍ଦେହ

ସୋନପୁର,୮।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ପଟାଭାଡ଼ି ଅଞ୍ଚଳର ବ୍ୟବସାୟୀ ଶ୍ରଦ୍ଧାକର ନାୟକଙ୍କ ୯ ବର୍ଷର ପୁଅଙ୍କୁ ଅପହରଣ କରାଯାଇଛି। ପିଲାଟି ପଟାଭାଡ଼ିର ଏକ ଫାଷ୍ଟଫୁଡ ଦୋକାନକୁ ମଞ୍ଚୁରନ ଖାଇବାକୁ ଯାଇଥିଲେ। ଏହି ସୁଯୋଗରେ ଫାଷ୍ଟଫୁଡ ଦୋକାନରେ କାମ କରୁଥିବା ଜଣେ ବିହାରୀ ଯୁବକ ତାଙ୍କୁ ପ୍ରଲୋଭିତ କରି ଅପହରଣ କରିନେଇଛନ୍ତି। ପିଲା ନ ଫେରିବାରୁ ମା' ବାପା ତାଙ୍କୁ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ତେବେ ରାତି ୯ଟାରେ ଅପହରଣକାରୀ ଏକ ଅଜଣା ଫୋନ ନମ୍ବରରୁ ଶ୍ରଦ୍ଧାକରଙ୍କୁ ଫୋନ କରି ପୁଅ ତାଙ୍କ ନିକଟରେ ଅଛି ଓ ପୁଅକୁ ପାଇବା ପାଇଁ ୨୦ ଲକ୍ଷ ଦାବି କରିଥିଲେ। ଏନେଇ ବିଳମ୍ବିତ ରାତିରେ ଶ୍ରଦ୍ଧାକର ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋନପୁର ଆଇଆଇସି ତାପସ କୁମାର ଭୋଇଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବାଳକଙ୍କୁ ଉଦ୍ଧାର କରିବା ପାଇଁ ତନାଘନା ଜାରି ରଖିଥିଲେ ମଧ୍ୟ ସଫଳତା ମିଳିନି। ଅପହରଣକାରୀ ଯୁବକ ଓ ଶ୍ରଦ୍ଧାକରଙ୍କ ସମ୍ପର୍କରେ ପୂର୍ବରୁ ପରିଚୟ ଥିବା ଜଣାପଡ଼ିଛି।

# ଇତିହାସ ଅଯୋଗ୍ୟ ରାଜାଙ୍କୁ କ୍ଷମା କରେ ନାହିଁ: ଶ୍ରୀମୟୀ

ଭୁବନେଶ୍ୱର,୮।୯(ସୁନିତ୍ ମିଶ୍ର)

ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ଅନ୍ଧ ଧୃତରାଷ୍ଟ୍ର ନିଶାନାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଦୀର୍ଘଦିନର ନୀରବତା ପରେ ନିଜ ଏକ୍ସ ଆକାଉଣ୍ଟରେ ଏକ ପୋଷ୍ଟ କରି ଶ୍ରୀମୟୀ ଚର୍ଚ୍ଚାକୁ ଆସିଛନ୍ତି। ସେ ପରୋକ୍ଷରେ ନିଜର ଅସନ୍ତୋଷ ଝାଡ଼ିଥିବା କୁହାଯାଉଛି। ଶ୍ରୀମୟୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଧୃତରାଷ୍ଟ୍ର ହସ୍ତିନାପୁରର ରାଜା ଭାବେ ଦ୍ରୌପଦୀଙ୍କ ଅପମାନ ହେଉଥିବା ସଭାରେ ଅଧ୍ୟକ୍ଷତା କରୁଥିଲେ। ଅନ୍ୟାୟ ବିଷୟରେ ଜାଣି ମଧ୍ୟ ସେ ଏହି ଅପମାନ ରୋକିବାକୁ ଚେଷ୍ଟା କରି ନ ଥିଲେ। ଧୃତରାଷ୍ଟ୍ରଙ୍କର ତାଙ୍କ ପୁତ୍ରମାନଙ୍କ ବିଶେଷତଃ ଦୁର୍ଯ୍ୟୋଧନ ପ୍ରତି ଅନ୍ଧ ପ୍ରୀତି ତାଙ୍କୁ ନୀରବ ରହିବାକୁ ପ୍ରଭାବିତ କରିଥିଲା। କିଛି ଲୋକ ଧୃତରାଷ୍ଟ୍ର ପରି ଅନ୍ଧ ଯେଉଁମାନେ ଅନ୍ୟାୟ ରୋକିବାକୁ ପ୍ରକୃତ ପ୍ରୟାସ କରନ୍ତି ନାହିଁ। ଇତିହାସ ଏପରି ଅଯୋଗ୍ୟ ରାଜାଙ୍କୁ କେବେ କ୍ଷମା କରେ ନାହିଁ, କାରଣ ସେମାନଙ୍କର ନୀରବତା ଦୁଃଖଦ ପରିଣାମ ଆଣିଥାଏ। ଶ୍ରୀମୟୀଙ୍କ ଏହି ପୋଷ୍ଟ ନବୀନଙ୍କୁ ନିଶାନା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ନିକଟରେ ବିଜେଡି ପକ୍ଷରୁ ମହିଳା ସଭାପତି ଚୟନ ସହିତ ଏକ ମହିଳା ବ୍ୟାପାର କମିଟି ଗଠନ ହୋଇଛି। ସେଥିରେ ଶ୍ରୀମୟୀଙ୍କୁ ସାଧାରଣ ସମ୍ପାଦକ ଭାବେ ନୂଆ ନିଯୁକ୍ତି ମିଳିଛି। ଅନ୍ୟପଟେ ଶ୍ରୀମୟୀଙ୍କ ଧୃତରାଷ୍ଟ୍ର ନିଶାନା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଶ୍ରୀମୟୀ ମିଶ୍ର ଆମ ସହିତ ଅଛନ୍ତି। ନବୀନ ତାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ସୋସିଆଲ ମିଡିଆରେ ଆମେ ଆମ ଭାବନାକୁ ବ୍ୟକ୍ତ କରୁ। ଏଥିରେ ଦଳ ସହିତ କୌଣସି ସମ୍ପର୍କ ନାହିଁ ବୋଲି ସେ କହିଛନ୍ତି।

# ପ୍ରକୃତି, ସଂସ୍କୃତି ସୁରକ୍ଷା ପାଇଁ ସମର୍ପିତ: ତ୍ରିଲୋଚନ

ଆନନ୍ଦପୁର,୮।୯(ସୁଶାନ୍ତ ସାହୁ)


ପରିବେଶବିତ୍ ତ୍ରିଲୋଚନ ସାହୁ

ଜଳବାୟୁ ପରିବର୍ତ୍ତନ ଏବେ ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ସେହି ଦିଗରେ ଗଭୀର ଭାବେ ଚିନ୍ତା କରିବାର ସମୟ ଆସିଥିବା ପରିବେଶବିତ୍ ତ୍ରିଲୋଚନ ସାହୁ କହିଛନ୍ତି। କେନ୍ଦୁଝର ଜିଲା ଆନନ୍ଦପୁର ପୌର ପରିଷଦ ଫକୀରପୁର ସିଟି ସ୍କୁଲ ପରିସରରେ ତାଙ୍କ ଦ୍ୱାରା ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍ ଅବସରରେ ପ୍ରକୃତି ଓ ସଂସ୍କୃତି ସୁରକ୍ଷା ଦିଗରେ ସେ ସମର୍ପିତ ବୋଲି କହିଛନ୍ତି। ତାଙ୍କ ଭାଷାରେ ବିଭିନ୍ନ ସମୟରେ ଆମେ ପରିବେଶ ପାଇଁ ଯେତିକି ଚିନ୍ତିତ, ପ୍ରକୃତରେ ଆମେ ସେତିକି ଚିନ୍ତା କରି ନ ଥାଉ। ତେଣୁ ଛାତ୍ରୀଛାତ୍ର, ଯୁବପିଢ଼ି ସମେତ ଅନ୍ୟ ବର୍ଗର ବ୍ୟକ୍ତିବିଶେଷଙ୍କ ମନରେ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ବନ୍ଧରେ ଏକ ଜାଗରଣ ସୃଷ୍ଟି କରିବା ଲାଗି ଏଭଳି କନ୍‌କ୍ଲେଭ୍ ଆରମ୍ଭ କରିଥିବା ସେ କହିଛନ୍ତି। ତ୍ରିଲୋଚନ ଆହୁରି କହିଛନ୍ତି, ରାଜ୍ୟର ପ୍ରତି ଗ୍ରାମାଞ୍ଚଳରେ କିଭଳି ପରିବେଶ ସୁରକ୍ଷା ପାଇଁ ଏକ ପ୍ରଗତିଶୀଳ ପାଠ ସୃଷ୍ଟି ହେବ, ସେ ଦିଗରେ ଉଦ୍ୟମ କରିବେ। ପ୍ରତିବନ୍ଧକ ଆଉ ସମାଲୋଚନା ସବୁ ସମୟରେ ରହିଛି ଓ ରହିବ। ସେ ସବୁକୁ ପଛରେ ପକାଇ ଏ ସମାଜ, ଏ ମାଟି ଓ ପରିବେଶ ପାଇଁ କିଛି ନା କିଛି କରିବାକୁ ହେବ ବୋଲି କହିଛନ୍ତି। ତାଙ୍କୁ ସର୍ବଦା ପରିବାର ସହ ସାଙ୍ଗସାଥୀ, ଶୁଭେଚ୍ଛୁ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ସହଯୋଗ ମିଳିଆସିଛି ବୋଲି କହିଛନ୍ତି।

ଅଭିନବ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ସେ କହିଛନ୍ତି, 'ମୁଁ ଗଛ କହୁଛି' ଅଭିଯାନ ମାଧ୍ୟମରେ ନିଜର ଜନ୍ମ ଦିନରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ଓ ତାହାର ଯତ୍ନ ନେବା ହେଉ, 'ଗାଁ ପାଇଁ ଦିନେ' କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ଗାଁକୁ ସବୁଜ ସୁନ୍ଦର କରିବା ଏବଂ ଗାଁ ପାଇଁ ଅତି କମ୍‌ରେ ଦିନେ ସମୟ ଦେବା କିମ୍ବା 'ବୈତରଣୀ ସଫେଇ ଅଭିଯାନ' ପ୍ରତ୍ୟେକଟି ତାଙ୍କୁ ଅଧିକ ପରିଚୟ ଦେଇଛି। 'ଧରିତ୍ରୀ କ୍ଲାଇମେଟ ଆୱାର୍ଡ଼ ୨୦୨୪' ତାଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ପରିଚୟ ଦେଇପାରିଛି ବୋଲି ତ୍ରିଲୋଚନ କହିଛନ୍ତି।

# ବସ୍ତୁବାଦୀ ମଣିଷଙ୍କ ବିନାଶକାରୀ ପ୍ରକୃତିର ଚିତ୍ର

## ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଚତୁର୍ଥ ଦିବସ



ଭୁବନେଶ୍ୱର,୮।୯(ସୌମ୍ୟରଞ୍ଜନ ରାଉତ)

ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ର ଶେଖର ହୋତା, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଳିତ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ପ୍ରବୋଧ ରଥ, ବୀଣା ବାଦକ ଗୁରୁ କେ. ରାମାରାଓ ପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଅଧିକାରୀ ଅନୁଜା ତାରିଣୀ ମିଶ୍ର ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସନ୍ଧ୍ୟାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ନଳିନୀ ନିହାର ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ନାଟ୍ୟ ଦଳ ନ୍ୟୁକ୍ୱେଷ୍ଟ ରେପର୍‌ଟୋରିର କଳାକାରମାନେ ନାଟକ 'ବ୍ୟାଘ୍ର ରୋହନ'କୁ ପରିବେଷଣ କରିଥିଲେ। ମାନବ ଭାବନା ଓ ମନସ୍ତାତ୍ତ୍ୱିକ ଜଟିଳତାର ଗଭୀରତାକୁ ଅନୁସନ୍ଧାନ କରି ଏହି ସ୍ୱତନ୍ତ୍ର ନାଟ୍ୟ ଅଭିଜ୍ଞତାକୁ ପ୍ରସ୍ତୁତ କରାଯାଇଥିଲା। ଏହା ଏକ ବ୍ୟଙ୍ଗାତ୍ମକ ନାଟକ, ଯାହା ଫସି ରହିଥିବା ବାଘକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ବସ୍ତୁବାଦୀ ମଣିଷଙ୍କ ବିନାଶକାରୀ ପ୍ରକୃତିକୁ ଚିତ୍ରଣ କରିଥିଲା। ଦର୍ଶକମାନେ ମଞ୍ଚ ଉପରେ ଏକ ଆକର୍ଷଣୀୟ କାହାଣୀ ପ୍ରକାଶିତ ହେବାର ଦେଖିଥିଲେ ଯେଉଁଥିରେ, ଏକ ରାଜ୍ୟର ବ୍ୟକ୍ତିବିଶେଷ, ମାଳୀଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ ନିଜ ପରାକ୍ରମ ପ୍ରଦର୍ଶନ ପାଇଁ ପରସ୍ପର ମଧ୍ୟରେ ଲଢ଼ିଥିଲେ। ଅନିଚ୍ଛୁକ ରାଜକୁମାରଙ୍କ ଏପରି ପ୍ରଦର୍ଶନ ପ୍ରତି ଦାର୍ଶନିକ ଆପତ୍ତି ସତ୍ତ୍ୱେ ରାଜାଙ୍କ ଆଦେଶନାମା 'ବ୍ୟାଘ୍ର ରୋହଣ'ର ବିପଦପୂର୍ଣ୍ଣ କାର୍ଯ୍ୟରେ ପରିଣତ ହେଲା। କଳାକାରଙ୍କ ଚିତ୍ତାକର୍ଷକ ପ୍ରଦର୍ଶନ ମାଧ୍ୟମରେ କ୍ଷମତାଗତ ଗତିଶୀଳତା ଏବଂ ନୈତିକ ଦୁର୍ନୀତି ଉପରେ ଶକ୍ତିଶାଳୀ ତଥା ମର୍ମସ୍ପର୍ଶୀ ମନ୍ତବ୍ୟ ଦର୍ଶକଙ୍କ ଉପରେ ଏକ ମନସ୍ତାତ୍ତ୍ୱିକ ପ୍ରଭାବ ପକାଇଥିଲା। ଦେବୀପ୍ରସାଦ ମିଶ୍ର ଉତ୍ସବକୁ କାର୍ଯ୍ୟକାରୀ କରିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଉତ୍ସବର ମିଡିଆ ପାର୍ଟନର ରହିଥିବାବେଳେ ମଙ୍ଗଳବାର ଏହା ଶେଷ ହେବ।



## ସଂକ୍ଷେପରେ

### ସିଆରିଙ୍ଗ କ୍ଲଷ୍ଟରସ୍ତରୀୟ ବୈଠକ

**ଖଡ଼ିଆଳ, ୮।୯ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ କାଶିପଲା ଗ୍ରାମରେ କ୍ଲଷ୍ଟରସ୍ତରୀୟ ମାସିକ ସିଆରିଙ୍ଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏଫଏଲଏନ ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଭାଷା ଓ ସଂଖ୍ୟା ଜ୍ଞାନ ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ କାଶିପଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁମନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସିଆରସିସି ବିଶ୍ୱାମିତ୍ର ବନଛୋର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରମେଶ୍ୱର ବାରିକ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୈଠକରେ ମହୁଲମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ହେମନ୍ତ କୁମାର ମାଝୀ, ଚଲାନପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମୀରାରାଣି ପଣ୍ଡା, ଖୁଦପେଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯୋଶୀ, ଗୋଇମୁଣ୍ଡି ଉଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସମୀକ୍ଷା ରଥ, ଚଲାନପଡ଼ା ଏମଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ପାଣିଗ୍ରାହୀ, ଡୁମେରବାହାଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତନୁଜା ଦଣ୍ଡସେନା ପ୍ରମୁଖ ଯୋଗଦାନ କରିଥିଲେ।



ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓଡ଼ିଶା ପ୍ରଦେଶ ପକ୍ଷରୁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

# ସମାଜର ବିକାଶ ଉପରେ ଗୁରୁତ୍ୱାରୋପ

**ନୂଆପଡ଼ା,୮।୯ (ମକାରୁ ବେମାଲ)**

- ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ
- ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଂଘ ପକ୍ଷରୁ ଆୟୋଜିତ

ସ୍ଥାନୀୟ ପୋଲିସ ପଡ଼ିଆଠାରେ ସୋମବାର ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓଡ଼ିଶା ପ୍ରଦେଶ ପକ୍ଷରୁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସମାଜର ବିକାଶ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି। ସର୍ବପ୍ରଥମେ ସମାଜର ଇଷ୍ଟଦେବତା ଚତୁର୍ଭୁଜ ବୁଢାଦେଓଙ୍କ ପୂଜାର୍ଚ୍ଚନା ପରେ ନୂଆଁ ଧାନ ଚୂଡା ଭୋଗ ଲଗାଇ ନୂଆଁ ଖାଇଥିଲେ। ପରସ୍ପର ମଧ୍ୟରେ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ପରେ ସଭାପତି ମହେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛତିଶଗଡର ଆଦିବାସୀ କୃଷକ କିଷାନ ଯୋଜନା,ପଶୁ ଓ ମତ୍ସ୍ୟ ବିଭାଗ ମନ୍ତ୍ରୀ ରାମବିଚାର ନେତାମ ମୁଖ୍ୟ ଅତିଥି, ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ଗ୍ରାମ୍ୟ ନିର୍ମାଣ ମନ୍ତ୍ରୀ ରବି ନାରାୟଣ ନାୟକ, ଅନୁସୂଚିତ ଜାତି ଓ ଜନଜାତି, ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ପୂର୍ବତନ ଏମପି ରମେଶ ଚନ୍ଦ୍ର ମାଝି, ଛତିଶଗଡ କାଙ୍କେର ପୂର୍ବତନ ବିଧାୟକ ଶିଶୁପାଳ ଶୋରୀ, ଛତିଶଗଡ କେଶକାଲ ବିଧାୟକ ନୀଳକଣ୍ଠ ଟେକାମ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଂଘ ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ ଖାମସିଂ ମାଝି, ହୋମ ସିଂ ମାଝି, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାମନାଥ ଧରୁଆ, ଜିଲା ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଭାନୁ ପ୍ରତାପ ସିଂ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମଞ୍ଚାସୀନ ଥିଲେ। ଅନ୍ଧ ବିଶ୍ୱାସ, କୁସଂସ୍କାର ଠାରୁ ଦୂରେଇ ରହି ରାଜନୈତିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ଶିକ୍ଷା, ସମାଜର ବିକାଶ ଉପରେ ଗୁରୁତ୍ୱ ଦେଲେ ସମାଜ ଆହୁରି ଆଗକୁ ଯିବ । ବର୍ତ୍ତମାନ ସମସ୍ତ କ୍ଷେତ୍ରରେ ଆଦିବାସୀମାନଙ୍କ ଉନ୍ନତି ହୋଇ ପାରିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂଆପଡା ଜିଲା ସମେତ ବରଗଡ, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର ଜିଲା ସମେତ ଛତିଶଗଡ ରାଜ୍ୟରୁ ସହସ୍ରାଧିକ ମହିଳା ଓ ପୁରୁଷ ଯୋଗ ଦେଇ ଉପସ୍ଥିତ ଥିଲେ। ଜିଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ଭକ୍ତବନ୍ଧୁ ଧରୁଆ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଂଘ ସାଧାରଣ ସମ୍ପାଦକ ପ୍ୟାରିମୋହନ ନାୟକ, ମିନକେତନ ମାଝି ପ୍ରମୁଖ ଆୟୋଜନ କରିଥିଲେ ।

# ଯୁବକଙ୍କ ଗୋଡ଼ହାତ ବନ୍ଧା ମୃତଦେହ ଜବତ

**ନୂଆପଡା,୮।୯ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଖରିଆର ରୋଡ ଜୋଙ୍କ ଥାନା ଗୌତମା ଉଡାଜାହାଜ ପଡିଆ ନିକଟସ୍ଥ ବନ ବିଭାଗ ନର୍ସରୀରୁ ସୋମବାର ଗୋଡହାତ ବନ୍ଧା ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ଖରିଆର ରୋଡ ୱାର୍ଡ ନଂ. ୧ ବନକାର ନୁକେଶ ସାହୁ (୪୨) ବୋଲି ଜଣାପଡିଛି । ମୃତ୍ୟୁ ପୂର୍ବରୁ ଯୁବକଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ନେଇଥିବା କରଜ ଟଙ୍କା ଫେରାଇ ଦେ ନ ହେଲେ ପରିଣତି ଭୋଗିବୁ ବୋଲି କେତେ ଜଣ ଯୁବକ ଭିଡିଓରେ କହୁଛନ୍ତି। ମୃତ ଯୁବକ ପୂର୍ବରୁ କହିଛନ୍ତି କେତେ ଜଣ ଯୁବକ ମୋତେ ବିଷ ପିଆଇ ଗୋଡହାତ ବାନ୍ଧି ମାଡ ମାରିଛନ୍ତି। ହେଲେ ସେମାନଙ୍କ ନାମ ନେଇ ନାହିଁ । ଏହି ଭିଡିଓ ବାର୍ତ୍ତା ଓ ପରିବାର ଲୋକଙ୍କ ବୟାନ ଅନୁସାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପରିବାର ଲୋକଙ୍କ କହିବା ମୁତାବକ ଗତ ଶନିବାର ରାତି ପ୍ରାୟ ୧୦ ଟାରେ ନୁକେଶ ଘରୁ ବାହାରି କୁଆଡେ ଯାଇଥିଲେ। ହେଲେ ଘରକୁ ଫେରି ନ ଥିଲେ । ରବିବାର ସନ୍ଧ୍ୟାରେ ଗୋତମା ଉଡାଜାହାଜ ପଡିଆ ନିକଟ ବନବିଭାଗ ନର୍ସରୀରୁ ନୁକେଶଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ଏକ ସିମେଣ୍ଟ ବେଞ୍ଚରେ ପ୍ଲାଷ୍ଟିକ ରଶିରେ ଗୋଡହାତ ବନ୍ଧା ମୃତଦେହ ପଡିଥିଲା। ପାଖରେ ନୁକେଶ ବାନ୍ତି ମଧ୍ୟ କରିଥିଲେ। ସେଠାରେ କୀଟନାଶକ ବାସ୍ନା ହେଉଥିଲା। ମୃତ୍ୟୁ ପୂର୍ବରୁ ନୁକେଶ ପରିବାର ଲୋକଙ୍କୁ ଏକ ଭିଡିଓ ବାର୍ତ୍ତା ପଠାଇଥିଲେ। କିନ୍ତୁ ପରିବାର ଲୋକ ବହୁ ବିଳମ୍ବରେ ଦେଖିଥିଲେ । ଭିଡିଓରେ ନୁକେଶ କହିଛନ୍ତି, ୩/୪ ଜଣ ଲୋକଙ୍କଠାରୁ ହାତ ଉଧାରି ଟଙ୍କା ନେଇଥିଲି। ସେମାନେ ମୋର ଗୋଡହାତ ବାନ୍ଧି ବିଷ ପିଆଇ ଦେଇଛନ୍ତି। ଖବର ପାଇ ଜୋଙ୍କ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲା। ଭବାନୀପାଟଣାରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ହତ୍ୟା କି ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡିବ ବୋଲି ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ସୂଚନା ଦେଇଛନ୍ତି ।

# କୋର୍ଟ ଚାଲାଣ ହେଲେ ଶିକ୍ଷକ

## ଯୌନ ନିର୍ଯାତନା ଦେବାରୁ ଆତ୍ମହତ୍ୟା କରିଥିଲେ ଛାତ୍ରୀ

**ଗୋଲାମୁଣ୍ଡା,୮।୯(ବଟକୃଷ୍ଣ ପଣ୍ଡା)**


ଅଭିଯୁକ୍ତ ଶିକ୍ଷକ।

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ଅଧୀନ ବନ୍ଧଗାଁ ଅଞ୍ଚଳରେ ଗତ ରବିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା। ସ୍ଥାନୀୟ ଜଣେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇ ଶେଷରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଛାତ୍ରୀ ଜଣଙ୍କର ଏକ ସ୍କୁଲରେ ଥିବା ସହକାରୀ ଶିକ୍ଷକ ସୁନୀଲ ଚନ୍ଦ୍ର ଭୋଇଙ୍କ ସହ ଦୀର୍ଘ ୧ବର୍ଷ ଧରି ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଶିକ୍ଷକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ଛାତ୍ରୀଙ୍କୁ ଯୌନ ଶୋଷଣ କରିଥିଲେ। କୌଣସି କାରଣରୁ ଦୀର୍ଘ ୨ମାସ ହେବ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଫଳରେ ଶିକ୍ଷକ ଜଣକ ଉକ୍ତ ଛାତ୍ରୀଙ୍କ ସାଙ୍ଗରେ କଥାବାର୍ତ୍ତା ହେବା ବନ୍ଦ କରିଦେଇଥିଲେ ଓ ଛାତ୍ରୀଙ୍କଠାରୁ ଦୂରେଇ ଯାଇଥିଲେ। ଫଳରେ ଛାତ୍ରୀ ଜଣକ ଲୋକଲଜ୍ଜା ଭୟରେ ଓ ଶିକ୍ଷକଙ୍କ ପ୍ରତାରଣା ସହି ନ ପାରି ରବିବାର ସକାଳେ ନିଜ ଘରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏନେଇ ଖବର ପାଇ ଦଶପୁର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା। ଏପରିକି ଘଟଣାସ୍ଥଳରୁ ଛାତ୍ରୀଙ୍କ ଏକ ହାତଲେଖା ଡାଇରୀ ଓ ବିଭିନ୍ନ ପ୍ରକାର ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ କରିଥିଲା ପୋଲିସ। ଏହାକୁ ଆଧାର କରି ଦଶପୁର ପୋଲିସ ଏକ ମାମଲା (ନଂ.୧୨୯/୨୦୨୫) ରୁଜୁ କରି ଅଭିଯୁକ୍ତ ଶିକ୍ଷକ ସୁନୀଲଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଶିକ୍ଷକଙ୍କ ଘର କେସିଙ୍ଗା ଥାନା ବ୍ରାହ୍ମଣୀ ଗାଁର ବୋଲି ଜଣାପଡ଼ିଛି।

# ୫-ଟି କଲେଜରେ ଅନିୟମିତତା ଅଭିଯୋଗ

- ଭିଜିଲାନ୍ସର ତଦନ୍ତ ଆରମ୍ଭ
- ପ୍ରଥମ ଦିନରେ ୩ଟି କଲେଜରେ ଛାନ୍‌ଭିନ

**ଭବାନୀପାଟଣା,୮।୯(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ବିଭିନ୍ନ ୫-ଟି କଲେଜ କାମରେ ଅନିୟମିତତା ହୋଇଥିବା ନେଇ ଗତ ଜୁଲାଇ ମାସରେ କଳାହାଣ୍ଡି ଛାତ୍ର ସଂଘ ପକ୍ଷରୁ ଭିଜିଲାନ୍ସ ଠାରେ ଅଭିଯୋଗ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଭିଜିଲାନ୍ସ ବିଭାଗ ସୋମବାର ଭବାନୀପାଟଣା ସ୍ଥିତ ଜୟ ପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ, ଭବାନୀପାଟଣା ସରକାରୀ ମହିଳା କଲେଜ ଓ ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା (ପିଆଇ) ମହାବିଦ୍ୟାଳୟକୁ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି କଲେଜମାନଙ୍କରେ ୫-ଟି କାମରେ ଦୁର୍ନୀତି କରାଯାଇଥିବା ତଥା ୫-ଟି କାମର ଟଙ୍କାକୁ ଅନ୍ୟ ନିର୍ମାଣ ବାବଦରେ ଖର୍ଚ୍ଚ କରାଯାଇଥିବା ଅଭିଯୋଗ ହୋଇଛି। ପ୍ରଥମ ଦିନରେ ଭିଜିଲାନ୍ସ ବିଭାଗ ଏହି ୩ଟି କଲେଜରେ ଛାନ୍‌ଭିନ କରିଛି। ଏହାସହ ଉପରୋକ୍ତ ୩ଟି କଲେଜକୁ ୫-ଟି କାର୍ଯ୍ୟର ସମସ୍ତ କାଗଜପତ୍ର ଧରି ଭିଜିଲାନ୍ସ ଅଫିସକୁ ଆସିବା ପାଇଁ କୁହାଯାଇଥିବା ଜଣାପଡିଛି। ଏହି ତଦନ୍ତ ବେଳେ ଭବାନୀପାଟଣା ଭିଜିଲାନ୍ସ ବିଭାଗର ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦ ଓ ଷ୍ଟେନୋ ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଜୁନାଗଡ଼ ପିଆଇ କଲେଜରେ ଭିଜିଲାନ୍ସର ତଦନ୍ତକାରୀ ଟିମ୍।

# ଖାଦ୍ୟ ସୁରକ୍ଷା ବିଭାଗର ଯାଞ୍ଚ

## ବାସିଖାଦ୍ୟ ଯୋଗୁ ୧୦ ହଜାର ଫାଇନ

**କୋକସରା,୮।୯(ଦୁଷ୍ମନ୍ତ କୁମାର ପାଟଯୋଷୀ)**

ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଶନିବାର କୋକସରା ବ୍ଲକର ଲଡୁଗାଁର ବିଭିନ୍ନ ହୋଟେଲ ସମେତ ନିକଟବର୍ତ୍ତୀ ଅଞ୍ଚଳର ଅନେକ ଦୋକାନ ଯାଞ୍ଚ କରାଯାଇଛି। ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଡଙ୍ଗରୀଗୁଡା ସ୍ଥିତ ଏକ ଢ଼ାବାରେ ମଧ ବିଭାଗ ପକ୍ଷରୁ ଖାଦ୍ୟ ଯାଞ୍ଚ କରାଯାଇଛି। ଧର୍ମଗଡ଼ ଉପଖଣ୍ଡ ଖାଦ୍ୟ ସୁରକ୍ଷା ଅଧିକାରୀ ବିଶ୍ୱଜିତ ନାଏକ, ଏମଟିଏସ ଗଜିନ୍ଦ୍ର କୈବର୍ତ୍ତ ପ୍ରମୁଖ ଯାଞ୍ଚ କରିଥିଲେ। ମୋଟ ୨୭ଟି ସ୍ଥାନ ପରିଦର୍ଶନ କରି ଯାଞ୍ଚ କରାଯାଇଥିବାବେଳେ ବିନା ଖାଦ୍ୟ ସୁରକ୍ଷା ସାର୍ଟିଫିକେଟରେ କାର୍ଯ୍ୟ କରୁଥିବା ଖାଦ୍ୟ ବ୍ୟବସାୟୀ ଓ ପରିଚାଳକଙ୍କୁ ନୋଟିସ ପ୍ରଦାନ କରାଯାଇଛି। ଏହା ସହିତ ନିର୍ଦ୍ଧାରିତ ପରିଷ୍କାର ପରିଚ୍ଛନ୍ନତା ଏବଂ ଖାଦ୍ୟ ସୁରକ୍ଷା ମାନଦଣ୍ଡ ପାଳନ କରୁ ନ ଥିବାରୁ ହୋଟେଲ ଗୁଡ଼ିକକୁ ଚେତାବନୀ ଦିଆଯାଇଛି। ସେହିପରି ଡଙ୍ଗରୀଗୁଡା ସ୍ଥିତ ଏକ ଢ଼ାବାରେ ବାସି ଖାଦ୍ୟ ପରସା ଯାଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଏହାକୁ ନେଇ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀମାନେ ଢ଼ାବାରେ ପହଞ୍ଚି ଖାଦ୍ୟ ଯାଞ୍ଚ କରିଥିଲେ। ତେବେ ବାସିଖାଦ୍ୟ ରହିଥିବା ଦେଖିବାକୁ ପାଇ ଢ଼ାବା ମାଲିକଙ୍କୁ ତାଗିଦ କରିବା ସହ ୧୦ ହଜାର ଟଙ୍କା ଫାଇନ କରିବା ନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିବା ସୂଚନା ମିଳିଛି। ଏହାବାଦ ଆଗକୁ ଗ୍ରାହକକୁ ବାସୀଖାଦ୍ୟ ପରସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚେତାବନୀ ମଧ ଦିଆଯାଇଛି।


ଢାବାରେ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

# ବେକରେ ଗାମୁଛା ଦେଇ ପଙ୍ଖାରେ ଆତ୍ମହତ୍ୟା

**ଲାଞ୍ଜିଗଡ, ୮।୯(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ସହର ପୂଜାରୀପଡା ଠାରେ ରହୁଥବା ଏକ ଘରେ ଜଣେ ଯୁବକ ରବିବାର ବେକରେ ଗାମୁଛା ଦେଇ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିଲେ। ଯୁବକ ଜଣକ ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ପୋଡାଡିହ ଗ୍ରାମର କୈଳାସ ଚନ୍ଦ୍ର ପରିଡାଙ୍କ ପୁତ୍ର କମଳାକାନ୍ତ ପରିଡା (୩୦)। କମଳାକାନ୍ତ ଲାଞ୍ଜିଗଡ ବେଦାନ୍ତର ସହଯୋଗୀ ପାୱାରମେକ କମ୍ପାନୀରେ ଟେକନିସିଆନ ଭାବେ କାର୍ଯ୍ୟରତ ଥିଲେ। ପାୱାରମେକ କମ୍ପାନୀର କେତେଜଣ କର୍ମଚାରୀ ଏବଂ ମୃତ କମଳାକାନ୍ତ ଗୋଟିଏ ଭଡ଼ାଘରେ ରହୁଥିଲେ ।

# କୋଲକାତାରେ ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇ ସମ୍ବର୍ଦ୍ଧିତ

**ଭବାନୀପାଟଣା,୮।୯(ଉତ୍ତମ କୁମାର ଦାଶ)**

## ଛାତ୍ରୀଛାତ୍ରଙ୍କୁ ପର୍ବତାରୋହଣ, ସ୍ପୋର୍ଟ କ୍ଲାଇମ୍ବିଂ ଉପରେ ଦେଲେ ପରାମର୍ଶ

କୋଲକାତା ବାରାକପୁର ଆର୍ମିର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସୋମବାର କଳାହାଣ୍ଡିର ଆନ୍ତର୍ଜାତିକ ପର୍ବତାରୋହୀ ତଥା ଏଭେରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏଭେରେଷ୍ଟ ଆରୋହୀ ଭୋଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପର୍ବତାରୋହଣ ତଥା ସ୍ପୋର୍ଟ କ୍ଲାଇମ୍ବିଂ ମାଧ୍ୟମରେ ତାଙ୍କର ଭବିଷ୍ୟତ କିପରି ନିର୍ମାଣ କରିବେ ଓ ନିଜକୁ ଉତ୍ତମ ବ୍ୟକ୍ତିତ୍ୱ ଭାବରେ ପରିଚୟ ସୃଷ୍ଟି କରିପାରିବେ ତାହା ଉପରେ ପରାମର୍ଶ ଦେଇଥିଲେ। ଓଡ଼ିଶାର ପ୍ରଥମ ଏଭେରେଷ୍ଟ ଆରୋହୀ ଭାବରେ ସେ ଅନ୍ୟ ରାଜ୍ୟକୁ ଯାଇ ପ୍ରେରଣାଦାୟୀ ଅଭିଭାଷଣ ଦେବାରୁ ତାଙ୍କୁ ସେଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିପାଇଁ ତାଙ୍କୁ ସ୍ଥାନୀୟ ବିଦ୍ୟାଳୟ ସଂସ୍ଥାନର ଅଧ୍ୟକ୍ଷ ଅସିମ ନାଥ, କଳାହାଣ୍ଡି ବାସିନ୍ଦା ତଥା କାର୍ଯ୍ୟରତ ବରିଷ୍ଠ ଅଧ୍ୟାପକ ଡ. ହିମାଂଶୁ ରଣା ଓ ସମସ୍ତ କର୍ମଚାରୀ ତଥା ଛାତ୍ରୀଛାତ୍ର କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଏଭେରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇଙ୍କୁ ନେଇ ହିମାଳୟନ ଅଭିଯାନ ସହିତ ହିମାଳୟନ ଟ୍ରେକିଂ ପଶ୍ଚିମବଙ୍ଗ ରାଜ୍ୟର କୋଲକାତାରେ କରାଯିବ ବୋଲି ଅଧ୍ୟାପକ ଡ. ରଣା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସଂସ୍ଥାନର ଅଧ୍ୟାପିକା ଶ୍ରୀଜାତା ସାମନ୍ତ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଯେ,ଏଭେରେଷ୍ଟ ଆରୋହୀ ଭୋଇ ବର୍ତ୍ତମାନ କଳାହାଣ୍ଡି ଜିଲା ରୁପ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଆଗାମୀ ଦିନରେ ପର୍ବତାରୋହଣ ତଥା ସ୍ପୋର୍ଟ କ୍ଲାଇମ୍ବିଂ ମାଧ୍ୟମରେ ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ସେ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି।


ଛାତ୍ରୀଛାତ୍ରଙ୍କୁ ପର୍ବତାରୋହଣ ଉପରେ ପରାମର୍ଶ ଦେଉଛନ୍ତି ଯୋଗବ୍ୟାସ।

# ମାରାଡୋନା ଫୁଟବଲ କ୍ଲବ ଚାମ୍ପିୟନ

ଭବାନୀପାଟଣା ଟାଉନ ଫୁଟବଲ ଲିଗ ଟୁର୍ଣ୍ଣାମେଣ୍ଟ

**ଭବାନୀପାଟଣା,୮।୯(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଗତ ଅଗଷ୍ଟ ୨୧ ତାରିଖରୁ ଚାଲିଥିବା ଷଷ୍ଠ ଭବାନୀପାଟଣା ଟାଉନ ଫୁଟବଲ ଲିଗ ଟୁର୍ଣ୍ଣାମେଣ୍ଟ ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ମାରାଡୋନା ଫୁଟବଲ କ୍ଲବ ଓ ଗୁଡମର୍ନିଂ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାରାଡୋନା ଫୁଟବଲ କ୍ଲବ ଗୁଡମର୍ନିଂ ଫୁଟବଲ କ୍ଲବକୁ ୪/୧ ଗୋଲ ଦେଇ ଚାମ୍ପିୟନ ହୋଇଥିଲା। ସେହିପରି ଗୁଡମର୍ନିଂ ଫୁଟବଲ କ୍ଲବ ରନର୍ସଅପ୍ ହୋଇଥିଲା। କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା କ୍ରିକେଟ ଆସୋସିଏଶନର ଉପ ସଭାପତି ଜଗମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭବାନୀ ଶଙ୍କର ବେମାଲଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ଓଡିଶା ଆର୍ଚେରି ଆସୋସିଏଶନର ଉପ ସଭାପତି ଭାବରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାରୁ ମୁଖ୍ୟ ଅତିଥି ବିଧାୟକ ମିଶ୍ର ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହିଅବସରରେ ଜିଲା ତଥା ରାଜ୍ୟର ସୁନାମଧନ୍ୟ ଫୁଟବଲ ରେଫରି ନବୀନ କୁମାର ନାଏକଙ୍କୁ ପୁଷ୍ପଗୁଚ୍ଛ ଓ ଟ୍ରେକସୁଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍ଥାର ଫୁଟବଲ ସମ୍ପାଦକ ମହମ୍ମଦ ଅବ୍ଦୁଲ କାଦରଙ୍କ ନେତୃତ୍ୱରେ ଫାଇନାଲ ଖେଳକୁ ନବୀନ କୁମାର ନାଏକ, ଛବିଲାଲ ନାଏକ, ପରୁନ୍ଦର ମାଝୀ ଓ ଉଦ୍ଧବ ମାଝୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍ଥାର ଉପସଭାପତି ରାମ କୁମାର ଜୈନ ଓ ଅର୍ଜ୍ଜୁନ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠି, କ୍ରିକେଟ ସମ୍ପାଦକ ସର୍ଦାରସନ୍ତ ସିଂ, କୋଷାଧ୍ୟକ୍ଷ ସର୍ଦାର ନିର୍ମଳ ସିଂ, ଅନ୍ୟାନ୍ୟ ଖେଳ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ, ରବିପ୍ରସାଦ କାନୁନଗୋ, ସୁବାଷ ଚନ୍ଦ୍ର ପଣ୍ଡା, ଭିକାରି ଚରଣ ମିଶ୍ର, ବିପିନ ଚନ୍ଦ୍ର ମିଶ୍ର, ଅଜୟ ପଟ୍ଟନାୟକ, ସମ୍ଭୁ ପ୍ରସାଦ ରାଉତ, ପଙ୍କଜ କୁମାର ପଟ୍ଟନାୟକ, ପୁରନ୍ଧର ଭୋଇ, କୁଳମଣି ସାହୁ, ଭବାନୀ ଶଙ୍କର ପଟ୍ଟନାୟକ, ମହେନ୍ଦ୍ର କୁମାର ପଣ୍ଡା, ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁରେଶ ଗଉଡ, ଖବରଦାତା ଲଳିତ କୁମାର କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।



ଜୁନାଗଡ଼ ବିଧାୟକ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

# କୁଟରୁପାଲିକୁ ହରାଇ ହରିହରପୁର ଚାମ୍ପିୟନ

## ଗୋପୀନାଥପୁର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଲାଞ୍ଜିଗଡ଼, ୮।୯(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର ଖେଳପଡ଼ିଆରେ ଗୋପୀନାଥପୁର ଭଗତ ସିଂ କ୍ଲବ ଦ୍ୱାରା ଚାଲିଥିବା ୩ଦିନିଆ ନକ୍‌ଆଉଟ ଫୁଟ୍‌ବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ହରିହରପୁର ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଏହାର ଫାଇନାଲ ମ୍ୟାଚ ଲାଞ୍ଜିଗଡ଼ ବ୍ଲକ ହରିହରପୁର ଓ ରାୟଗଡା ଜିଲା ମୁନିଗୁଡା ବ୍ଲକ କୁଟରୁପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ପ୍ରଥମେ ହରିହରପୁର ଦଳ କୁଟରୁପାଲି ଦଳକୁ ୩ ଗୋଟି ଗୋଲ ଦେଇଥିବାବେଳେ ଜବାବରେ କୁଟରୁପାଲି ଦଳ ଗୋଟିଏ ଗୋଲ ଦେଇଥିଲେ। ହରିହରପୁର ଦଳ ୩-୧ ଗୋଲରେ ଚାମ୍ପିୟନ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝୀ, ମୁଖ୍ୟବକ୍ତା ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ମାଝୀ, ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ ଥାନା ଅଧିକାରୀ ଯଶୋବନ୍ତ ହିଆଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଳାଞ୍ଚଳ ପ୍ରଧାନ, କନ୍ଦର୍ପ ନାୟକ, ନିରଞ୍ଜନ ରଣା, ଶ୍ୟାମ ସୁନ୍ଦର ପ୍ରଧାନ, ପୁରନ୍ଦର ନାୟକ, ପୂର୍ବତନ ଏମ୍‌ପି ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷରାୟ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚରେ କିଶୋର ଘଡେଇ ଖେଳ ପରିଚାଳନା କରିଥିଲେ। ଦୁଷ୍ମନ୍ତ ପାତ୍ର ଓ ରଙ୍କମଣି ବେହେରା ଲାଇନରେ ସହଯୋଗ କରିଥିଲେ। ଏହି ମ୍ୟାଚରେ ଦେବଜ୍ୟୋତି ମାଝୀ ଧାରାବିବରଣୀ ଦେଇଥିଲେ। ସେପ୍ଟେମ୍ବର ୫ରେ ଏହି ମ୍ୟାଚ ଆରମ୍ଭ ହୋଇଥିବାବେଳେ ଜିଲା ତଥା ଜିଲା ବାହାରୁ ୮ଟି ଦଳ ଭାଗ ନେଇଥିଲେ। ପ୍ରତିଯୋଗିତା ଆୟୋଜନରେ ଗୋପୀନାଥପୁର ଭଗତ ସିଂ କ୍ଲବ ସଭାପତି ବିପିନ ବିଶ୍ୱାଳ, ଉପସଭାପତି ମୀନକେତନ ପ୍ରଧାନ, ସମ୍ପାଦକ ସଦାନନ୍ଦ ନାୟକ, ଦେବେନ୍ଦ୍ର ପଧାନ, ସପ୍ନେଶ୍ୱର ପଧାନଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



ନକ୍‌ଆଉଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀରେ ସିଲ୍ଡ କପ୍ ସହ ଅତିଥି, କ୍ଲବର କର୍ମକର୍ତ୍ତା।

# ଉପରେ ଶାନ୍ତ, ଭିତରେ କୁହୁଳୁଛି

ବରଗଡ଼,୮।୯(ପ୍ରେମାନନ୍ଦ ଖମାରୀ)


ବେଆଇନ ଉଚ୍ଛେଦ ଅଭିଯୋଗ ନେଇ ଜିଲାପାଳଙ୍କ ସହିତ ଆଲୋଚନା।


ବରଗଡ଼ ଗାନ୍ଧୀ ଛକରେ ସୋମବାର ଚାଲିଥିବା ଉଚ୍ଛେଦ।

ବରଗଡ଼ ସହରସ୍ଥିତ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରା ବ୍ରିଜ୍ ରାସ୍ତା ଜବରଦଖଲ ଉଚ୍ଛେଦ ସହରବାସୀଙ୍କ ଦୀର୍ଘବର୍ଷର ଦାବି ରହିଛି। ତେବେ ପ୍ରଶାସନିକ ଉଦାସୀନତା ଏବଂ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ବର୍ତ୍ତମାନ ସୁଦ୍ଧା ଏହି ରାସ୍ତାରୁ ଜବରଦଖଲ ଉଚ୍ଛେଦ ହୋଇପାରିନାହିଁ। ଅନ୍ୟପଟେ ଏହି ରାସ୍ତାର ଉଚ୍ଛେଦ ପ୍ରକ୍ରିୟାକୁ ନେଇ ମାମଲା ଏବେ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ବୁଧବାର ମାମଲାର ରାୟ ପ୍ରକାଶ ପାଇବ ବୋଲି ସୂଚନା ମିଳିଥିବାବେଳେ ସେଥିପ୍ରତି ସହରବାସୀଙ୍କ ନଜର ରହିଛି। ତେବେ ସହରବାସୀଙ୍କ ଦୀର୍ଘବର୍ଷର ଦାବି ରହିଆସିଥିବା ଟ୍ରାଫିକ୍ ସମସ୍ୟା ବହୁଳ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରା ବ୍ରିଜ୍ ରାସ୍ତା ଜବରଦଖଲ ଉଚ୍ଛେଦ ହୋଇପାରି ନ ଥିବାବେଳେ ସହରର ଅନ୍ୟ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନକୁ ଜୋରଦାର କରାଯାଇଛି। ଗତ କିଛିଦିନ ତଳେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକରୁ ଭଟଲି ଛକ ରାସ୍ତା ସମେତ ବିଭିନ୍ନ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ହୋଇଥିବାବେଳେ ସୋମବାର ଗାନ୍ଧୀ ଛକରେ ଉଚ୍ଛେଦ କରାଯାଇଥିଲା। ଅନୁରୂପ ଭାବେ ରବିବାର ବରଗଡ଼ ଟାଉନ ଥାନା ସମ୍ମୁଖରୁ ଲେଙ୍ଗୁ ମିଶ୍ର ଛକ ଏବଂ ଜେଲ୍ ରାସ୍ତାରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହି ସମୟରେ ଆଇନ ଅବମାନନା କରି ଉଚ୍ଛେଦ ଚାଲିଥିବା ଅଭିଯୋଗ କରି ଉତ୍ତେଜନା ଦେଖାଯାଇଥିଲା। ବର୍ତ୍ତମାନ ମଧ୍ୟ ଏହାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ଏହି କ୍ରମରେ ସୋମବାର ସହରର ରାଜନୈତିକ, ବ୍ୟବସାୟିକ ଆଦି ବର୍ଗ ସମେତ ସାଧାରଣ ଲୋକେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉଚ୍ଛେଦ ପ୍ରକ୍ରିୟାରେ ଅଦାଲତଙ୍କ ଆଦେଶ, ଗାଇଡ୍ ଲାଇନକୁ ଅବମାନନା କରା ନ ଯାଉ ବୋଲି ସ୍ମାରକପତ୍ରରେ ଦାବି କରାଯାଇଛି। ଅନ୍ୟପଟେ ସହରର ବିକାଶ ତଥା ଟ୍ରାଫିକ୍, ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ଆଇନ ଅନୁଯାୟୀ ଉଚ୍ଛେଦ ପ୍ରକ୍ରିୟା ଚାଲିଛି ଏବଂ ଏଥିରେ ସହରବାସୀ ସହଯୋଗ କରିବାକୁ ଜିଲାପାଳ ଗୋୟଲ ଅନୁରୋଧ କରିଛନ୍ତି।

ପ୍ରକାଶ ଯେ, ରବିବାର ଟାଉନ ଥାନା ଛକ ସମ୍ମୁଖରେ ଉଚ୍ଛେଦ ହୋଇଥିଲା। ସେଥିରେ ତତ୍କାଳୀନ ରିଜିଓନାଲ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ତଥା ବର୍ତ୍ତମାନ ମ୍ୟୁନିସିପାଲିଟି ଅଧୀନରେ

**ବରଗଡ ସହରରେ ପ୍ରଶାସନର ଉଚ୍ଛେଦ ଅଭିଯାନ**
- ଉଚ୍ଛେଦରେ ଆଇନ ଉଲ୍ଲଂଘନ ଅଭିଯୋଗ
- ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ
- ଦୀର୍ଘବର୍ଷର ଉଚ୍ଛେଦ ଦାବି ଅଧୁରା

ରହିଥିବା ଗୃହ ଗୁଡ଼ିକ ଧୂଳିସାତ୍ ହୋଇଥିଲା। ଏହାସହିତ ଅନେକ ବ୍ୟବସାୟିକ ଦୋକାନ ଗୃହ ମଧ୍ୟ ମାଟିରେ ମିଶିଯାଇଥିଲା। ଏଭଳି ଉଚ୍ଛେଦ ପ୍ରକ୍ରିୟାକୁ ବେଆଇନ ଦର୍ଶାଇ କଂଗ୍ରେସ ନେତା ସ୍ୱର ଉତ୍ତୋଳନ କରିବା ପରେ ପୋଲିସ ତାଙ୍କୁ ଉଠାଇ ନେଇଥିଲା। ଏହାସହିତ ରାସ୍ତା ଅବରୋଧ କରିଥିବା କଂଗ୍ରେସ ନେତାଙ୍କ ଅନେକ ସମର୍ଥକଙ୍କୁ ମଧ୍ୟ ପୋଲିସ ଉଠାଇ ଆଣି ଥାନାରେ ଅଟକ ରଖିଥିଲା ଏବଂ ପରେ ଛାଡ଼ି ଦେଇଥିଲା। ତେବେ ଏହି ଉଚ୍ଛେଦ ପ୍ରକ୍ରିୟାକୁ ବିଜେଡ଼ି ସମେତ ଅନ୍ୟ କିଛି ନାଗରିକ ମଧ୍ୟ ବେଆଇନ ଦର୍ଶାଇଥିଲେ ଏବଂ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳଙ୍କୁ ପ୍ରଦତ୍ତ ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ସମାଜ ଏବଂ ସହରର ବିକାଶ ପାଇଁ ମ୍ୟୁନିସିପାଲିଟି ଭଳି ସଂସ୍ଥା ଗଠିତ ହୋଇଥିଲା। ସେହିପରି ବ୍ୟବସାୟିକ, ଆବାସିକ ଏଭଳି ଆଦି ଦୃଷ୍ଟିକୋଣରୁ ସହରାଞ୍ଚଳକୁ ବିଭକ୍ତ କରାଯାଇଛି। କିନ୍ତୁ ବରଗଡ଼ ସହରର ବିଭିନ୍ନ ଦିଗକୁ ନେଇ ସହରରେ ବର୍ତ୍ତମାନ ଯେଉଁଭଳି ଉଚ୍ଛେଦ ଚାଲିଛି, ତାହା ଆଦୌ ଗ୍ରହଣୀୟ ନୁହେଁ। ଏହା ଲୋକଙ୍କ ମାନବିକ ଅଧିକାରକୁ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ଉଚ୍ଛେଦସ୍ଥଳୀରେ ସହରର ବିକାଶ ପ୍ରକଳ୍ପ ହେବ, ସେଥିପାଇଁ କିଭଳି ଯୋଜନା ରହିଛି, ତାହା ଏପର୍ଯ୍ୟନ୍ତ ସହରବାସୀଙ୍କୁ ଅବଗତ କରାଯାଇନାହିଁ। ଅନ୍ୟପଟେ ରିଜିଓନାଲ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରିଥିବା ଦୋକାନଗୃହକୁ ଉଚ୍ଛେଦ କରାଯାଇଛି। ଏଭଳି ଦୂରଦୃଷ୍ଟିହୀନତା ଆଦୌ ଗ୍ରହଣୀୟ ନୁହେଁ ବୋଲି ଆଚାର୍ଯ୍ୟ କହିଛନ୍ତି। ସେହିପରି କଂଗ୍ରେସ ନେତା ନିପନ କୁମାର ଦାଶ କହିଛନ୍ତି, ଆଇନ ପରିଧି ମଧ୍ୟରେ ରହି ପ୍ରଶାସନ କାମ କରୁ । ହାଇକୋର୍ଟ, ସୁପ୍ରିମକୋର୍ଟ ଏବଂ ସରକାରଙ୍କ ଆଦେଶକୁ ଅବମାନନା କରି ଉଚ୍ଛେଦ ସହିତ ଲୋକଙ୍କ ଉପରେ ଅତ୍ୟାଚାର ଆଦୌ ଠିକ୍ ନୁହେଁ ଏବଂ ଏହା ବଡ଼ ବିପଦ ବୋଲି ସେ କହିଛନ୍ତି। ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଜିଲା କଂଗ୍ରେସ ସଭାପତି ହରଦୀପ ସିଂ, ଲିପ୍‌ସିତ ମିଶ୍ର, ଦିଲ୍ଲୀପ ସାଓ୍ୱଡ଼ିଆ, ଶେଖ୍ ନଜିମୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

# ଜୁଆ ଚଢ଼ାଉ, ୧୨ ଗିରଫ

ଭେଡ଼େନ,୮।୯(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଭେଡ଼େନ ଥାନା ପୋଲିସ୍ ରବିବାର ରାତି ପ୍ରାୟ ୧୦ଟାରେ କୁଦୋପାଲିରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ଚଢ଼ାଉରେ ୧୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଭେଡ଼େନ ଥାନା ଜାଓଲ ଗ୍ରାମର ଶୁକ୍ରୁ ଭୁଏ(୫୦), ଡୁଲେସରା ଗ୍ରାମର ଗବାକ୍ଷ ଜଗତ(୪୨), ଜଗନ୍ନାଥ ଛତ୍ରିଆ(୫୦), ଝାରସୁଗୁଡ଼ା ଜିଲା ଲଇକେରା ଥାନା ଜଙ୍ଗଲମୁଣ୍ଡା ଗ୍ରାମର ଲିଙ୍ଗରାଜ କର୍ତ୍ତା(୪୯), ସୋନପୁର ଜିଲା ବିନିକା ଥାନା ରେଢ଼ୁପାଲି ଗ୍ରାମର ପଙ୍କଜ ସାହୁ(୩୬), ଦୁତମା ଗ୍ରାମର ସୁଦାମ କାଣ୍ଡ(୪୦), ଭେଡ଼େନ ଥାନା ଡାଲବ ଗ୍ରାମର ବିଶ୍ୱଜିତ ଖମାରି(୪୫), ବାବୁଲାଲ ସେଠ(୩୪), ଲିମଛାଡ଼ ଗ୍ରାମର ଦେବରାଜ ଭଂଗନ(୩୮), କଦଳୀପାଲି ଗ୍ରାମର ଧନେଶ୍ୱର ପୋଡ଼(୪୮), ଲଇକେରା ଥାନା ସୁଲହି ଗ୍ରାମର ସୁନୁ ବେହେରା(୩୫) ଏବଂ ଅର୍ଡ଼ା ଗ୍ରାମର ଗୌତମ ଗୁରୁ(୪୫)। ସେମାନଙ୍କ ବିରୋଧରେ ଭେଡ଼େନ ଥାନାରେ ଏକ ମାମଲା (ନଂ.୨୦୮/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କ ପାଖରୁ ପୋଲିସ ନଗଦ ୧ଲକ୍ଷ ୭୬ହଜାର ୭୦ଟଙ୍କା, ୨୧ବାଇକ, ଗୋଟିଏ ବୋଲେରୋ (ନଂ.ଓଡ଼ି୦୯କେ/୩୩୩୩), ୨ଟି କାର (ନଂ.ଓଡ଼ି୨୩ଆର/୪୫୦୯ ଓ ନଂ-ଜେ୧୦୯ଏୟୁ/୧୩୩୪) ଏବଂ ୧୫ ମୋବାଇଲ ଜବତ ହୋଇଛି।


ଜୁଆ ଆଡ୍ଡାରୁ ଜବତ ଟଙ୍କା, ମୋବାଇଲ।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

ହରଭଙ୍ଗା, ୮।୯(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଜନଶୁଣାଣି କରିଥିଲେ। ସମୁଦାୟ ୧୦୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୦୨ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୭ଟି ସାମୂହିକ ଥିଲା। ୪୭ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଜିଲା ରେଡ୍‌କ୍ରସ୍‌ରୁ ୩ ଜଣଙ୍କୁ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜେନିଥ ଲାୟନ୍ସ ଗୁରୁକୁଳର ଗୃହ ବିନିଯୋଗ ଉତ୍ସବ

ପଦ୍ମପୁର, ୮।୯ (ପ୍ରଦୀପ୍ତ ଦାଶ)

ଜେନିଥ ଲାୟନ୍ସ ଗୁରୁକୁଳ ତରଫରୁ ଗୃହ ବିନିଯୋଗ ଉତ୍ସବ ଆୟୋଜନ କରାଯାଇଥିଲା। ଯାହା ସ୍କୁଲ କ୍ୟାଲେଣ୍ଡରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ପରିଚିତ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କ୍ୟାପଟେନ ଜୟକୁମାର ଭୋଇ ଯୋଗଦେଇ ଗୃହ ବ୍ୟବସ୍ଥାର ମୂଲ୍ୟାଙ୍କନ କରିଥିଲେ। ଘରଗୁଡ଼ିକର ନାମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡକ୍ଟର ମନୋଜ କୁମାର ପଣ୍ଡା ଭବିଷ୍ୟତର ନେତା ଗଠନ ପାଇଁ ଏକ ଗୃହ କ୍ୟାବିନେଟର ଆବଶ୍ୟକତା ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ, ଦାୟିତ୍ୱ, ସାଧୁତା ଏବଂ ଦଳଗତ କାର୍ଯ୍ୟର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ନବନିର୍ବାଚିତ ଗୃହ କ୍ୟାବିନେଟ ସଦସ୍ୟମାନେ ଶପଥ ଗ୍ରହଣ କରିଥିଲେ। ନିଜ ଗୃହର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ବିଦ୍ୟାଳୟର ସଭାପତି ପ୍ରତାପ କୁମାର ମିଶ୍ର, ଉପାଧ୍ୟକ୍ଷ ସୁଶାନ୍ତ କୁମାର ରଥ, ସଚିବ ପବନ କୁମାର ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ମହମ୍ମଦ ଜାୱେଦ ସାର୍ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ସତୀଶ ଚନ୍ଦ୍ର ସାହୁ ଶପଥ ଗ୍ରହଣ ଉତ୍ସବ ଆୟୋଜନ କରିଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ ବେହେରା ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।


ଉତ୍ସବରେ ଅତିଥି ଛାତ୍ରୀଛାତ୍ର ଓ ଶିକ୍ଷକ।



ଦାବି ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଲୋକଦଳ ସଦସ୍ୟ।

# ଓଡ଼ିଶା ଲୋକଦଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ,୮।୯( ଅଜିତ କୁମାର ବାରିକ)

ଓଡିଶା ଲୋକଦଳ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ଗୋଟିଏ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖୋଲାଯିବା ସହିତ ଏଥିରେ ଉଚ୍ଚ ଶିକ୍ଷା ପାଇଁ ସ୍ନାତକୋତର ପାଠ୍ୟକ୍ରମ ଖୋଲାଯାଉ, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପରସ୍ପେସାଲିଷ୍ଟରେ ପରିଣତ କରାଯାଉ, ଜିଲାର ସମସ୍ତ ଗ୍ରାମକୁ ଜିଲାମୁଖ୍ୟାଳୟ ପର୍ଯ୍ୟନ୍ତ ପିଚୁରାସ୍ତା କରାଯାଉ, ପୁରୁଣାକଟକ ଓଭର ବ୍ରିଜ କାମ ତୁରନ୍ତ ସଂପୂର୍ଣ୍ଣ କରାଯାଉ, ଅଙ୍ଗନୱାଡି ମାଧ୍ୟମରେ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ପୁନର୍ବାର ପରିଚାଳନା କରାଯାଉ, ପଲ୍ଲିସଭାରେ ନିଆଯାଉଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉ, ପାଲଝାର ଡ୍ୟାମର ପୁନଃରୁଦ୍ଧାର, ଜିଲାର ପର୍ଯ୍ୟଟନ କ୍ଷେତ୍ରର ଭିତିଭୂମିର ବିକାଶ କରାଯାଉ, ଘୋଷଣାରେ ସୀମିତ ବୌଦ୍ଧ ମ୍ୟୁନସିପାଲଟିରେ ସମସ୍ତ ଆବଶ୍ୟକତା ଗୁଡିକ ପୂରଣ କରାଯାଉ, ସତୀଘାଟ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଉ, ହୀରାକୁଦ ଡ୍ୟାମ ଦ୍ୱାରା ବିସ୍ଥାପିତଙ୍କୁ ସରକାରୀ କ୍ଷତିପୂରଣ ପ୍ରଦାନ କରାଯାଉ, ପାନ୍ଥ ନିବାସକୁ ପୁନଃ କାର୍ଯ୍ୟକ୍ଷମ କରାଯାଉ ଆଦି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସଭାପତି ସନ୍ତୋଷ ନାରାୟଣଙ୍କ ନେତୃତ୍ୱରେ ବିରପ୍ରତାପ ସିଂ, ସତିଶ ନନ୍ଦ, ଅଭିଶେକ ଦାସ, ଦିବାକର ପୁଟେଲ, ସୁଜତା ସେଠୀ, ଡୋଳାମଣୀ ହଂସ, ରାଜୁ ଦାସ, କିରଣ ଭୋଇ ପ୍ରମୁଖ ସାମିଲଥିଲେ।

## ଭାଗବତ ଜନ୍ମ ଉତ୍ସବ ପାଳିତ

**ବାଉଁଶୁଣୀ,୮।୯(ଦେବାଶିଷ ନେପାକ):** ବୌଦ୍ଧ ଜିଲା ବାଉଁଶୁଣୀ ମାଉଳିମୁଣ୍ଡା ଛକରେ ଶନିବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ହାଡିବନ୍ଧୁ ଆଚାର୍ଯ୍ୟ ଭାଗବତ ଜନ୍ମ ବିଷୟରେ ପ୍ରବଚନ ଦେଇଥିଲେ। ଏହି ଉତ୍ସବରେ ୧୦୦ରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ବକ୍ସି କର୍ତ୍ତା ଥିବାବେଳେ ରଘୁନାଥ ଆଚାର୍ଯ୍ୟ ପୂଜାକାର୍ଯ୍ୟ ତୁଲାଇଥିଲେ। ଏହି ଉତ୍ସବରେ ଅଞ୍ଚଳର ବହୁ ଭକ୍ତ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଆଜିକୁ ୧୨ ବର୍ଷ ହେବ ଏଠାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭାଗବତ ପାଠ କରାଯାଇଥାଏ। ପ୍ରତ୍ୟେକ ବର୍ଷ ଶେଷରେ ଭାଗବତଙ୍କ ଜନ୍ମ ଦିନ ପାଳନ ହୋଇଥାଏ। ଏହି କ୍ରମରେ ଚଳିତ ବର୍ଷ ମଧ୍ୟ ଭାଗବତ ଜନ୍ମ ଉତ୍ସବ ପାଳନ କରାଯାଇଛି।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ବୌଦ୍ଧ,୮।୯( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟ ବୌଦ୍ଧଠାରେ ସୋମବାର ଆନ୍ତଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ସଭାପତିତ୍ୱ କରିଥିବା ବେଳେ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଓ ସମ୍ମାନିତ ଅତିଥିଭାବେ ବୌଦ୍ଧ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବୀର କୁମାର ରଥ, କଣ୍ଟାମାଳ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ନିଳମଣି ରଣା, ହରଭଙ୍ଗା ସହଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକଶ୍ୱର ନାଏକ ଯୋଗଦେଇ ଦିବସର ମହତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଉଲାସ କାର୍ଯ୍ୟକ୍ରମରେ ସାକ୍ଷର ହୋଇଥିବା ବୌଦ୍ଧର ପ୍ରତିମା ମୁଖି, ମଞ୍ଜୁ ବେହେରା, ସତ୍ୟବତୀ କୁମ୍ଭାର, ସୁମିତ୍ରା ଜେନା, ସୋଭାଗିନି ତାଣ୍ଡିଆଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ବିଜ୍ଞାନ ନିରିକ୍ଷକ ତଥା ନୋଡାଲ ଅଧିକାରୀ ଜୟନ୍ତ କୁମାର ପ୍ରଧାନଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ସହରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପଙ୍କଜ କୁମାର ମହାକୁଡ, ଦିନେଶ କୁମାର ମେହେର, ନିଳମାଧବ ମଲିକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ପରିଚାଳାନାରେ ସହଯୋଗ କରିଥିଲେ।



ସାକ୍ଷରତା ଦିବସ ପାଳନର ଅତିଥି।

# ଥାନାଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଘଣ୍ଟାପଡ଼ା, ୮।୯ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ଆଇଆଇସି ବାଲ୍ମିକୀ ପ୍ରଧାନଙ୍କ ହରଭଙ୍ଗା ଥାନାକୁ ବଦଳି ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଥାନାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏସ୍‌ଆଇ ମାଧବ ଚନ୍ଦ୍ର ଟାକ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଆଦିବାସୀ ନେତା ସାମନ୍ତ ମାଝୀ, ଶିକ୍ଷକ ନେତା ନିଳାଚଳ ଭୋଇ, ଉଦ୍ୟୋଗପତି କରୁଣାକର ସାହୁ, ସାମାଜିକ କର୍ମୀ ଅଶୋକ ସାହୁ, ପ୍ରଭାତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଇଆଇସି ପ୍ରଧାନଙ୍କୁ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏସ୍‌ଆଇ ବିଶ୍ୱାମିତ୍ର ଲୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପୋଲିସ କର୍ମଚାରୀ ଓ ଆଇଆରବି ଯବାନ ଉପସ୍ଥିତ ଥିଲେ। ସେହିପରି କଣ୍ଟାମାଳ ଥାନାରେ ମଧ୍ୟ ନୂତନ ଥାନାଧିକାରୀ ଭାବେ ରଞ୍ଜିତ କୁମାର ମୁନୀ ଯୋଗ ଦେଇଛନ୍ତି। ସୋମବାର ଇନ୍ସପେକ୍ଟର ଭାବାନନ୍ଦ ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ଇନ୍ସପେକ୍ଟର ମୁନୀଙ୍କୁ ସ୍ୱାଗତ କରାଯାଇଥିଲା।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ପାଇକମାଳ, ୮।୯(ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲାପାଳ ଅରୁଗୁଲା ସ୍ନେହା ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ପାଇକମାଳ ବିଡ଼ିଓ ପ୍ରଫୁଲ୍ଲ କୁମାର ଓଡ଼ୁ, ତହସିଲଦାର ପାଇକମାଳ ସିନ୍ଧୁସୁତା ପାତ୍ର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏଥିସହିତ ସମସ୍ତ ବିଭାଗର ଅଧିକାରୀ ଅଂଶଗ୍ରହଣ କରିଥିଲେ। ସମୁଦାୟ ୧୦୬ଟି ଅଭିଯୋଗ ମଧ୍ୟରୁ ୮୦ଟି ବ୍ୟକ୍ତିଗତ, ୨୬ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟାଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜନଶୁଣାଣି ଆରମ୍ଭ ହେବା ଆଗରୁ ଅଭିଯୋଗକାରୀମାନଙ୍କୁ କୃଷକମାନେ ଜନଶୁଣାଣି କକ୍ଷକୁ ପଶି ଦେଇ ନ ଥିଲେ। ଜିଲାପାଳ ଆସି ଚାଷୀମାନଙ୍କୁ ଅନୁରୋଧ କଲା ପରେ ସମସ୍ତ ଅଭିଯୋଗକାରୀ ଅଭିଯୋଗ ଶୁଣାଣି କକ୍ଷକୁ ଯାଇଥିଲେ। ଜନଶୁଣାଣି ସାରିଲା ପରେ ଜିଲାପାଳ ଆଦିତ୍ୟ ଗୋୟଲ ବାହାରକୁ ଆସିଲା ବେଳେ ତାଙ୍କର ଗାଡିଆଗରେ ଚାଷୀମାନେ ବସିରହି ତାଙ୍କୁ ଛାଡି ନ ଥିଲେ। ୨୫୫ଜଣ ଚାଷୀଙ୍କର ଧାନ କାର୍ଡ ହୋଇ ପାରିଲା ନାହିଁ ବୋଲି ହୋହାଲ୍ଲା କରିଥିଲେ। ଏହି ସମୟରେ ଚାଷୀ ଓ ଜିଲାପାଳ ମୁହାଁମୁହିଁ ହୋଇଥିଲେ। ଜିଲାପାଳ ସେଠାରୁ ପଳାଇ ଆସିଥିଲେ। ଚାଷୀମାନେ ଉତ୍ତ୍ୟକ୍ତ ହୋଇ ଜିଲାପାଳଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦେଇଥିବା ଶୁଣିବାକୁ ମିଳିଥିଲା ।


ଜନଶୁଣାଣି ଶିବିରରେ ଅଧିକାରୀ ଏବଂ ଅନ୍ୟମାନେ।

# ବୌଦ୍ଧ ଜିଲାର କଳା ସଂସ୍କୃତି ନିଆରା

ବୌଦ୍ଧ,୮।୯( ଅଜିତ କୁମାର ବାରିକ)


ନୂଆଁଖାଇ ଭେଟ୍‌ଘାଟ୍‌ରେ ଅତିଥି।

ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଗେହ୍ଲା ମା କଳାନିକେତନ ପକ୍ଷରୁ ସ୍ଥାନୀୟ ଗୁରୁ ଭିକାରୀ ନାୟକ କଳାମଣ୍ଡପଠାରେ ୨ ଦିନଆ ନୂଆଁଖାଇ ଭେଟଘାଟ୍ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜୟନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଭାବରେ ବୌଦ୍ଧ ପୌର ପରିଷଦର ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ବୌଦ୍ଧ ଜିଲାର କଳା ସଂସ୍କୃତି ଓ ପରମ୍ପରା ନିଆରା ବୋଲି ପ୍ରକାଶ କରିଥିଲେ। ବୌଦ୍ଧକୁ ସରକାର ପୌର ପରିଷଦର ମାନ୍ୟତା ପ୍ରଦାନ କରିଥିବାବେଳେ ବାକିପଡିଥିବା ବିକାଶମୂଳକ କାର୍ଯ୍ୟକୁ ଆଗେଇନେବାକୁ ଉଭୟ ନେତା ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବିଶେଷ ଭାବରେ ଗେହ୍ଲା ମା କଳାନିକେତନର କଳାକାରମାନେ ରାଜ୍ୟ ଏବଂ ବାହାରେ ନିଜର କଳା ପ୍ରଦର୍ଶନ କରି ଜିଲାକୁ ଗୌରବାନ୍ୱିତ କରିଥିବାରୁ ଏହିଅବସରରେ

## ନୂଆଁଖାଇ ଭେଟଘାଟ୍ ଉଦ୍‌ଯାପିତ

ବିଧାୟକ ପ୍ରଧାନ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବରେ ଅନୁଷ୍ଠାନର ଉପଦେଷ୍ଟା ଚିତ୍ତରଞ୍ଜନ ଦାଶ ଓ ଶଶାଙ୍କ ଶେଖର ମିଶ୍ର ଯୋଗଦେଇ ଗେହ୍ଲା ମା କଳାନିକତନ ଦ୍ୱାରା ବୌଦ୍ଧରେ ନୂଆଁଖାଇ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଲେ। ଅନୁଷ୍ଠାନର ସମ୍ପାଦକ ଗୋପାଳକୃଷ୍ଣ ବେହେରା ବାର୍ଷିକ ବିବରଣୀ ପ୍ରଦାନ କରି କଳାକାରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଗେହ୍ଲା ମା ସମ୍ମାନ,ସଙ୍ଗୀତ ନିର୍ଦ୍ଦେଶକ ତୁଷାରକାନ୍ତ ପଟ୍ଟନାୟକ ଓ ସଙ୍ଗିତକାର ଚତୁର୍ଭୁଜ କରଙ୍କୁ ଗୁରୁ ଭିକାରୀ ଚରଣ ନାୟକ ସ୍ମୃତି ସମ୍ମାନ ଏବଂ ମିହିର ଚାନ୍ଦଙ୍କୁ ବଳଭଦ୍ର ନାୟକ ସ୍ମୃତି ସମ୍ମାନ ପ୍ରଦାନ ପୂର୍ବକ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ନୂଆଁଖାଇ ପାଇଁ ଆୟୋଜିତ ଝୋଟି ଓ ଅନ୍ତାକ୍ଷରୀ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଳାକାର ଅନୁଷ୍ଠାନମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରମୋଦ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ଆଶୁତୋଷ ମହାପାତ୍ର ସମ୍ବର୍ଦ୍ଧନା ପାଠ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଦସ୍ୟ ପ୍ରେମଜିତ ଝାଙ୍କର ଓ ଶୁଭଲକ୍ଷ୍ମୀ ମୁଦୁଲି ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। ଅଭିଷେକ ଅଗ୍ରୱାଲା, ସନ୍ତୋଷ କୁମାର ନାୟକ, ଶତ୍ରୁଜିତ ମହାପାତ୍ର, ରବିନ୍ଦ୍ର ପଟ୍ଟନାୟକ, ମାନସ ମିଶ୍ର, ଜିତେନ୍ଦ୍ର ମହାନ୍ତି, ବିଭୀଷଣ ବେହେରା, ରୋହନ ସ୍ୱାଇଁ, ମିକୁନ ଘିବେଲାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଗଣେଶ ଭସାଣି ଉତ୍ସବ ସମ୍ପନ୍ନ

ରାଉରକେଲା,୮।୯(ଦିନେଶ ମିଶ୍ର): ରାଉରକେଲା ସହରରେ ୧୦ ଦିନ ଧରି ଚାଲିଥିବା ଗଣେଶ ପୂଜା ଭସାଣି ଉତ୍ସବ ରବିବାର ରାତିରେ ଶେଷ ହୋଇଛି। ଏହି କ୍ରମରେ ରାଉରକେଲା ବାସନ୍ତୀ କଲୋନି ସ୍ଥିତ ହେଲ୍‌ପେଜ୍ କ୍ଲବ ପକ୍ଷରୁ ଗଣେଶ ପୂଜା ବିସର୍ଜନ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାରେ କେରଳର ପାରମ୍ପରିକ ଢୋଲ ଓ ଝାଞ୍ଜ ତାଳ ପଶ୍ଚିମବଙ୍ଗର ରାଧାକୃଷ୍ଣ ଲୋକନୃତ୍ୟ, ପୁରୀର ପଟ୍ଟଚିତ୍ର ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଛେଣ୍ଡ ସ୍ଥିତ ବ୍ରାଇଟ୍ ଲାଇନ୍ ୱେଲଫେୟାର କମିଟି ପକ୍ଷରୁ ଗଣେଶ ଭସାଣି ଶୋଭାଯାତ୍ରାରେ କର୍ନାଟକର ଢୋଲ ଓ ଝାଞ୍ଜ ଆଦି ବାଦ୍ୟ ସାମିଲ ହୋଇଥିଲା। ସେହିପରି ଡିଏଭି ସ୍ଥିତ ମା' ତାରିଣୀ ପୂଜା କମିଟି ପକ୍ଷରୁ ବାସୁଦେବ ବରାଳଙ୍କ ନେତୃତ୍ୱରେ ଧୁମ୍‌ଧାମ୍‌ରେ ଗଣପତି ବାବାଙ୍କ ବିସର୍ଜନ ଉତ୍ସବ ପାଳିତ ହୋଇଥିଲା। ଏଥିରେ ଶିବ, ଗଣେଶ, ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପଶ୍ଚିମ ଓଡ଼ିଶାର ଦୁଲଦୁଲି ଓ ମାଦଳ ବାଦ୍ୟ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ସମସ୍ତ ଭସାଣି ଶୋଭାଯାତ୍ରା ଶାନ୍ତିଶୃଙ୍ଖଳା ସହ ରାତି ୧୦ଟା ପୂର୍ବରୁ ଶେଷ ହୋଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ କରାଯାଇଥିଲା।

# ଜୀବନ ଦର୍ଶନର କଥା କୁହେ ଭାଗବତ

ରାଉରକେଲା,୮।୯(ବିପ୍ଳବ ରଞ୍ଜନ ଦାଶ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ସାରନଗରୀ ଶାଖା ତରଫରୁ ଭାଗବତ ଓ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଆଇଡିଏଲ ସ୍ଥିତ ଚିନ୍ମୟ ଏକାଡେମୀରେ ସୋମବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ଡ. ସୁରେନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ଭାଗବତକୁ ଇଂଲିଶରେ ଅନୁବାଦ କରାଗଲେ ତାହା ଅଧିକ ପ୍ରଚାର ପ୍ରସାର ହୋଇପାରିବ ବୋଲି ବେହେରା ମତ ରଖିଥିଲେ। କେଶବ ନଗର ଶାଖା ସଭାପତି ତଥା ଶିକ୍ଷାବିତ୍ ବିଜୟିନୀ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ବିଜ୍ଞାନ ଓ ଆଧ୍ୟାତ୍ମିକତା ପରିପୂରକ। ଭାଗବତ ହେଉଛି ସ୍ୱୟଂ ନାରାୟଣ। ଭାଗବତ ଓଡ଼ିଶାର ପ୍ରାଣ, ଚିହ୍ନ ଓ ପରିଚୟ। ଏହା ଜୀବନ ଦର୍ଶନର କଥା କୁହେ। ଏହି ଗ୍ରନ୍ଥରେ ନୀତିକଥା, ସାମାଜିକ, ସଚେତନତା ବାର୍ତ୍ତା ଓ ଆଧ୍ୟାତ୍ମିକତା ରହିଛି। ଭାରତୀୟ ସଂସ୍କୃତି ଭୋଗ ନୁହେଁ ତ୍ୟାଗକୁ ବିଶ୍ୱାସ କରେ ବୋଲି ଜେନା ମତ ଦେଇଥିଲେ। ଏକାଡେମୀ ନିର୍ଦ୍ଦେଶକ ତ୍ରିନାଥ ଦାସ ମୋହିନୀ ଭାଗବତ ମୁକ୍ତିର ଶାସ୍ତ୍ର ବୋଲି ଅନ୍ୟ ସମ୍ମାନିତ



ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅତିଥି ସାହିତ୍ୟିକ ରବିନ୍ଦ୍ର ବେହୁରିଆ ମତ ରଖିଥିଲେ। ଶିକ୍ଷାବିତ୍ ଆଦିତ୍ୟ କୁମାର ଷଡଙ୍ଗୀ ଅତିବଡ଼ିଙ୍କ ସହ ଭାଗବତର ସମ୍ପର୍କ ଉପରେ ବକ୍ତବ୍ୟ ରଖିଥିଲା ବେଳେ କବି ଶ୍ୱେତଲିନା ଶତପଥୀ ଭାଗବତ, ଜନ୍ମମୃତ୍ୟୁର ରହସ୍ୟ ତଥା ଭାଗବତ କିପରି ଭାବ, ଜ୍ଞାନ, ବ୍ରହ୍ମ ଓ ତତ୍ତ୍ୱ ସମିଶ୍ରଣରେ ସୃଷ୍ଟି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶାଖାର ସାଙ୍ଗଠନିକ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ମନୋଜ ଚୌଧୁରୀ, ଅକ୍ରୁର ମାର୍ଥା, ସୁବର୍ଣ୍ଣ ବେହେରା, ପ୍ରବୀର କୁମାର ଦୁବେ, ଅଶୋକ କୁମାର ସାମଲ, ସାହିଲ ପ୍ରଧାନ, ସରୋଜ ବେହେରା, ଶ୍ରୀନାଥ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସେକ୍ଟର-୨୦ କମ୍ୟୁନିଟି ସେଣ୍ଟରରେ ଚାଲିଥିବା ପତଞ୍ଜଳି ଯୋଗ କେନ୍ଦ୍ର ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ଓ ଭାଗବତ ଜନ୍ମ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଯୋଗକେନ୍ଦ୍ରର ମୁଖ୍ୟ ହେମନ୍ତ କୁମାର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ମାଧବନଗର ଶାଖା ସଭାପତି ବ୍ରଜେନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଓଡ଼ିଆ ଅସ୍ମିତା, ସ୍ୱାଭିମାନର କାଳଜୟୀ ସ୍ୱର ଓଡ଼ିଆ ଭାଗବତ। ଜଗନ୍ନାଥ ଦାସ ଆମ ପାଖରେ ଅମୂଲ୍ୟ ଭାଗବତ ରଖିଥିବାରୁ ସେ ସମସ୍ତ ଓଡ଼ିଆଙ୍କ ପାଇଁ ନମସ୍ୟ। ଭାଗବତକୁ ଆଧ୍ୟାତ୍ମିକ, ସାଂସ୍କୃତିକ ଆନ୍ଦୋଳନର ଅନ୍ୟ ଏକ ରୂପ ବୋଲି ଅଭିହିତ କରି ଭାଗବତରେ ଥିବା ସାମାଜିକ, ନୀତିକଥା, ସଚେତନତା ବାର୍ତ୍ତା ଓ ଆଧ୍ୟାତ୍ମିକତା ତଥା ଅତିବଡ଼ୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ନିରୂପମା ପତି ଭାଗବତ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ସାହିତ୍ୟିକା ଧରିତ୍ରୀ ପାଇକରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଅଧ୍ୟାପକ କରୁଣାକର ପାଢ଼ଶାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନିବେଦିତା ବେହେରା, ନିରୂପମା ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସବିତା ପୃଷ୍ଟି, ପ୍ରଭାତୀ ଦାସ, ସନ୍ତୋଷ ତ୍ରିପାଠୀ, ତୁଷାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶରତ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୩ ମାସ ବିତିଲା, ଫେରିଲେନି ଶୁଭସ୍ନେହା

ରାଉରକେଲା,୮।୯(ସଙ୍ଗୀତା ଜେନା)

ଇସ୍ପାତ ସହର ସେକ୍ଟର-୧୫ ଥାନା ଅଞ୍ଚଳର ଜଣେ ଯୁବତୀ ଶୁଭସ୍ନେହା ପଣ୍ଡା (୨୦) ଗତ ଜୁନ୍ ମାସରୁ ନିଖୋଜ ଅଛନ୍ତି। ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ଏଯାଏ ତାଙ୍କର କୌଣସି ପତ୍ତା ମିଳିପାରିନାହିଁ। ଏ ନେଇ ପୋଲିସ ତଦନ୍ତ କରୁଥିବା ବେଳେ ଯୁବତୀଙ୍କୁ ଉଦ୍ଧାର କରିପାରିନାହିଁ। ଅନ୍ୟପକ୍ଷେ ଯୁବତୀଙ୍କ ନିଖୋଜ ପରଠାରୁ ପରିବାର ଲୋକେ ହତୋତ୍ସାହିତ ହୋଇପଡିଛନ୍ତି।



ଶୁଭସ୍ନେହା ପଣ୍ଡା।

ନିଖୋଜ ଯୁବତୀଙ୍କ ଭଉଣୀ ଶୁଭଶ୍ରୀଙ୍କ ଏତଲା ଅନୁଯାୟୀ, ଶୁଭସ୍ନେହା ଗତ ଜୁନ୍ ୯ ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ତାଙ୍କ ମା'ଙ୍କୁ କିଛି କାମ ଅଛି କହି ବାହାରକୁ ଚାଲିଯାଇଥିଲେ। ସେ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ମାମଲା (ନଂ.୧୨/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ଏଯାଏ ଯୁବତୀଙ୍କ ଖୋଜ୍‌ଖବର ପାଇନାହିଁ। ଏ ସମ୍ପର୍କରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କୁ ପଚରାଯିବାରୁ ଘଟଣା ବାବଦରେ ସମ୍ପୃକ୍ତ ଥାନା ସହ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଡିଏସ୍‌ପି ଯୋଗେଶ ପଣ୍ଡାଙ୍କୁ ପଚରାଯିବାରୁ ସେ କହିଲେ, ଯୁବତୀଙ୍କ ନିଖୋଜ ସୂଚନା ପାଇବା ପରେ ପୋଲିସ ଯାଞ୍ଚ ପ୍ରକ୍ରିୟା କଡାକଡ଼ି କରିଛି। ଏପର୍ଯ୍ୟନ୍ତ ମଧ୍ୟ ଯାଞ୍ଚ କରାଯାଉଛି। ହେଲେ କୌଣସି ସୁଫଳ ମିଳିନାହିଁ। ଏହି ଘଟଣାରେ ପରିବାରଲୋକଙ୍କ ଦୁଃଖ ରହିଛି। ତେବେ ଯୁବତୀଙ୍କ କଲ୍ ଡିଟେଲ୍ ରିପୋର୍ଟ (ସିଡ଼ିଆର୍) ଠାରୁ ଆରମ୍ଭ କରି ଷ୍ଟେଶନ, ବସଷ୍ଟାଣ୍ଡ, ସିସିଟିଭି ଯାଞ୍ଚ ସହ ଅଧିକାଂଶ ରାଜ୍ୟକୁ ଯୁବତୀଙ୍କ ସମସ୍ତ ବିବରଣୀ ପଠାଯାଇଛି। ଏସ୍‌ପିଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବୃନ୍ଦାବନ, ମଥୁରା, ବିହାରର ପାଟନା, ଭୁବନେଶ୍ୱର ଆଦି ସ୍ଥାନରେ ଯାଞ୍ଚ କରିଛନ୍ତି। ଆଗାମୀ ଦିନରେ ଏହି ପ୍ରକ୍ରିୟା କଡାକଡ଼ି କରାଯିବ ବୋଲି ପଣ୍ଡା କହିଥିଲେ। ସୂଚନାଯୋଗ୍ୟ, ନିଖୋଜ ଯୁବତୀଙ୍କ ପିତାଙ୍କ ମୃତ୍ୟୁ ହୋଇସାରିଛି। ସେ ତାଙ୍କ ଭଉଣୀ ଏବଂ ମା'ଙ୍କ ସହ ସେକ୍ଟର-୧୫ ଅଞ୍ଚଳରେ ରହୁଥିଲେ। ନିଖୋଜ ଯୁବତୀ ସ୍ଥାନୀୟ ଏକ କଲେଜରେ ପାଠ ପଢୁଥିଲେ। ତାଙ୍କର କାହା ସହ ଶତ୍ରୁତା ନ ଥିବା ପରିବାର ପକ୍ଷରୁ କୁହାଯାଇଛି।

# ଅଧିକାରୀଙ୍କ ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳ ପରିଦର୍ଶନ

ରାଉରକେଲା,୮।୯(ବିପ୍ଳବ ରଞ୍ଜନ ଦାଶ)

**ବେଦବ୍ୟାସରେ ଝୁଲାପୋଲ ନିର୍ମାଣ ପ୍ରସଙ୍ଗ**

ବେଦବ୍ୟାସରେ ଅତ୍ୟାଧୁନିକ ଝୁଲାପୋଲ ନିର୍ମାଣ ପ୍ରକଳ୍ପକୁ ରାଜ୍ୟ ସରକାର ଗତ ତା ୮।୮।୨୦୨୪ରିଖରେ ଅନୁମୋଦନ କରିଥିଲେ। ଇତିମଧ୍ୟରେ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ହୋଇପାରିନାହିଁ। ଫଳରେ ଏହି ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଛି। ତେବେ ବେଦବ୍ୟାସରେ ପ୍ରସ୍ତାବିତ ଝୁଲାପୋଲ ନିର୍ମାଣ କାର୍ଯ୍ୟର ସର୍ଭେ ପାଇଁ ସୋମବାର ସହାୟକ ନିର୍ବାହୀ ଯନ୍ତ୍ରୀ ଚନ୍ଦ୍ରମଣି ବାବୁଙ୍କ ତତ୍ତ୍ୱାବଧାନରେ ସହାୟକ ଯନ୍ତ୍ରୀ ଶେଷଦେବ ସେଠୀ ଏବଂ କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟା ସା ପ୍ରମୁଖ ସେଠାକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ଅଧିକାରୀମାନେ ତ୍ରିବେଣୀ ଘାଟ (ହାଡ଼ପକା ଘାଟ), ସର୍କିଟ ହାଉସ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଦ୍ୱିତୀୟ ବ୍ରାହ୍ମଣୀସେତୁ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ବେଦବ୍ୟାସ ବିକାଶ ମଞ୍ଚ ସଭାପତି ବଦ୍ରିନାରାୟଣ ପାଢ଼ୀ, ଉପସଭାପତି ହୃଷୀକେଶ ବଳିୟାର ସିଂହ, ରମାକାନ୍ତ ପାଣ୍ଡେ, ଇଂ. ନରେନ୍ଦ୍ର କୁମାର ଦାଶ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସ, ସମ୍ପାଦକ ବିଜୟ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ମଧୁସୂଦନ ସାହୁ, କେଦାରନାଥ ପାଢ଼ୀ, ଲକ୍ଷ୍ମୀ ନାରାୟଣ ମିଶ୍ର, ଦିବାକର ନନ୍ଦ, ଅଭିମନ୍ୟୁ ପାଢ଼ୀ ଏବଂ ଅଜୟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନଙ୍କ ପ୍ରକଳ୍ପ ସ୍ଥଳ ପରିଦର୍ଶନ ପରେ ଏହି ଯଥାଶୀଘ୍ର ଆରମ୍ଭ ହେବ ବୋଲି ଆଶା ପ୍ରକାଶ ପାଇଛି।



ବିଭାଗୀୟ ଅଧିକାରୀ ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରୁଛନ୍ତି।

# ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର



ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।

ରାଉରକେଲା,୮।୯(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ଛେଣ୍ଡସ୍ଥିତ ମଧୁସୂଦନ ପାଠାଗାରରେ ରବିବାର ସନ୍ଧ୍ୟାରେ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। କବି ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୋକ୍ଷ ପ୍ରାପ୍ତିର ମାର୍ଗ ଓ ଶକ୍ତିପୂଜା ଶୀର୍ଷକ ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ ସାହିତ୍ୟିକ ଓ କଥାକାର ଭୂପେନ ମହାପାତ୍ର। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, ଅଭୟ କୁମାର ଦାସ ସମ୍ମାନୀୟ ଅତିଥି, ଅଧକ୍ଷ କ୍ଷୀରୋଦ କୁମାର ବରାଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମୋକ୍ଷ ପ୍ରାପ୍ତିର ମାର୍ଗ, ଶକ୍ତିପୂଜାର ବିଭିନ୍ନ ଦିଗ, ପୌରାଣିକ, ଐତିହାସିକ ପୃଷ୍ଠଭୂମି ବିଷୟରେ ଆଲୋଚନା କରିଥିଲେ। କବୟିତ୍ରୀ ଗୀତାରାଣୀ ବେହେରାଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଆସରରେ ଗାଳ୍ପିକ କାଶୀନାଥ ନନ୍ଦୀ ଗଳ୍ପ ପଠନ କରିଥିଲେ। ସମ୍ପାଦିକା ରଶ୍ମିବାଳା ରାଉତରାୟ ସମ୍ପାଦକୀୟ ବିବରଣୀ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସାହିତ୍ୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କବି ଗୌତମ ଦାସ ଓ କବି ଉର୍ବଶୀ ଦାଶ ପତି ପାଠୋତ୍ସବ ସଂଯୋଜନା କରିଥିଲେ। ଡ. ଗୀତାଞ୍ଜଳି ପତ୍ରୀ, କବି ପ୍ରତାପ ପଣ୍ଡା, ଉପେନ୍ଦ୍ର ବସ୍ତିଆ, ଅର୍ଚ୍ଚନା ପାତ୍ର, ବ୍ରହ୍ମାନନ୍ଦ ପାଢୀ, ନିକୁଞ୍ଜ ବିହାରୀ ଦାଶ, ବଳରାମ ଦାଶ, ଅର୍ଚ୍ଚନା ଦେବତା, ସଞ୍ଜୀବ ଭୋଇ, ପ୍ରତାପ ତ୍ରିପାଠୀ, ସତ୍ୟନାରାୟଣ ଦାସ ପ୍ରମୁଖ ୨୨ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରୂପମା ନାୟକ, ସବିତା ପରିଡା, ବ୍ରଜକିଶୋର ପାଣି, ସୂର୍ଯ୍ୟମଣି ପଣ୍ଡା ପ୍ରମୁଖ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

# ଶିବିରରେ ୧୭୦ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଉରକେଲା,୮।୯ (ଦିନେଶ ମିଶ୍ର)



ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ରାଉରକେଲା ଛେଣ୍ଡ ଥାନା ପରିସରରେ ଥିବା ମଡେଲ ସିନିୟର ସିଟିଜେନ୍ ହେଲ୍ଥ ସେଣ୍ଟରରେ ନିୟୁ ଇଣ୍ଡିଆ ଆସୁରାନ୍ସ ଓ ଏନ୍‌ଡି ଇଣ୍ଡିଆ ଟିପିଏର ମିଳିତ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଆପୋଲୋ ହସ୍ପିଟାଲର ମାର୍କେଟିଂ ହେଡ୍ ସିଦ୍ଧାର୍ଥ ନନ୍ଦ ଓ ଏସ୍‌ଡିପିଓ ରଶ୍ମିରଞ୍ଜନ ମହାପାତ୍ର ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ହୃଦ୍‌ରୋଗ ବିଶେଷଜ୍ଞ ଡା. ଦେବାଶିଷ ନାୟକ, ସ୍ନାୟୁରୋଗ ବିଶେଷଜ୍ଞ ଡା. ଅଭିଷେକ ନନ୍ଦ, ଫୁସ୍‌ଫୁସ୍ ରୋଗ ବିଶେଷଜ୍ଞ ଡା. ପୃଥ୍ୱୀରାଜ ବଣ୍ଡିକେ, ଦନ୍ତ ରୋଗ ବିଶେଷଜ୍ଞ ଡା. ବୈଷ୍ଣବୀ ଦାସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପରୀକ୍ଷା କରିଥିଲେ। ସେହିପରି ୧୭୦ ଜଣ ବରିଷ୍ଠ ନାଗରିକଙ୍କ ବିଭିନ୍ନ ପରୀକ୍ଷା କରାଯାଇଥିଲା। ଛେଣ୍ଡ ଥାନାଧିକାରୀ ବିଜୟ କୁମାର ସିଂ, ନୋଡାଲ ଅଫିସର ମହେନ୍ଦ୍ର କୁମାର ସାହୁ, ବରିଷ୍ଠ ନାଗରିକ ସେଣ୍ଟର ସଭାପତି ମହେନ୍ଦ୍ର କୁମାର ମହାନ୍ତି, ସାଧାରଣ ସମ୍ପାଦକ ବିଜୟ ବରାଳ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ସମାଜସେବୀ ଲକ୍ଷ୍ମଣନାଥ ଦାସ, ଡା. ଗୋକୁଳାନନ୍ଦ ସାହୁ, ସବିତା ସାହୁ, ସରୋଜ ସ୍ୱାଇଁ, ଗଜେନ୍ଦ୍ର ସାହାଣି, ଯୋଗେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଖୁଦୁରୁକୁଣୀ ମେଳଣ: ୪୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି ସାମିଲ



ମେଳଣରେ ସାମିଲ ହୋଇଥିବା ମୂର୍ତ୍ତି।

ରାଉରକେଲା,୮।୯(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୮/୧୫ ଛକସ୍ଥିତ ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ଅପରାହ୍ନ ୨ଟାରେ ଖୁଦୁରୁକୁଣୀ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେକ୍ଟର ତଥା ଅନ୍ୟ ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି ସାମିଲ ହୋଇଥିଲେ। ମେଳଣ କମିଟି ଆୟୋଜିକା ତଥା ଅଧକ୍ଷା ସୁନନ୍ଦା ନାୟକ, ସଭାନେତ୍ରୀ ଉର୍ମିଳା ଡାଲୁଆ, ସମ୍ପାଦିକା ପ୍ରଶ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ କମିଟି ସଦସ୍ୟ, ଗୀତାଞ୍ଜଳି ସାମଲ, ସବିତା ରାଉଳ, ମୀନାକ୍ଷୀ ଓଝା, କସ୍ତୁରୀ ସାମଲ, ସୁଖମତୀ ସୋରେନ୍, ସୁବାସିନୀ ବିଶ୍ୱାଳ, ଚିତାଞ୍ଜଳୀ ନାୟକ, ଭାରତୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଳଣ ସ୍ଥାନରେ ଭଜନ ସମାରୋହ ଏବଂ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ପୁରସ୍କାର ବିତରଣ ହୋଇଥିଲା। ସନ୍ଧ୍ୟା ୬ଟାରେ ମୂର୍ତ୍ତିଗୁଡିକୁ ବିସର୍ଜନ କରାଯାଇଥିଲା।

# ଆଧ୍ୟାତ୍ମିକ ସଶକ୍ତୀକରଣ ନିଶା ନିବାରଣର ପ୍ରଭାବଶାଳୀ ଚିକିତ୍ସା

ରାଉରକେଲା,୮।୯(ସଙ୍ଗୀତା ଜେନା)

**ବିପିୟୁଟିରେ ନିଶାମୁକ୍ତ ଭାରତ ଅଭିଯାନ**

ଭବିଷ୍ୟତ ଯୁବପିଢ଼ିଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ବିଷୟରେ ସଚେତନ କରିବା, ନିଶାଦ୍ରବ୍ୟ ସେବନ ଓ ମୋବାଇଲର ବ୍ୟାପକ ବ୍ୟବହାରରୁ ରକ୍ଷା କରିବା ଉଦ୍ଦେଶ୍ୟରେ ସୋମବାର ପୂର୍ବାହ୍ନ ସାଢ଼େ ୧୧ଟାରେ ବିପିୟୁଟି ପରିସରରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଈଶ୍ୱରୀୟ ବ୍ରହ୍ମକୁମାରୀ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଶିବ କୁମାର ମିଶ୍ର ଯୋଗଦେଇ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଲେ, ମଣିଷ ମଧ୍ୟରେ ବଢୁଥିବା ବିକାର କିମ୍ବା ଚାପ ପାଇଁ ମଣିଷ ନିଶା ଦିଗକୁ ଆକର୍ଷିତ ହେଉଛି। ଏହାର ପ୍ରଭାବଶାଳୀ ଚିକିତ୍ସା ହେଉଛି ଆଧ୍ୟାତ୍ମିକ ସଶକ୍ତୀକରଣ। ଯାହା ମଣିଷକୁ ଅସୀମ ଶକ୍ତି ପ୍ରଦାନ କରେ ଓ ତାର ଉପଯୋଗିତା ବିଷୟରେ ଜାଣିବା ଗୁରୁତ୍ୱପୂର୍ଣ୍ଣ ବୋଲି ମିଶ୍ର କହିଥିଲେ। ସେହିପରି ବ୍ରହ୍ମକୁମାରୀ ମେଡିକାଲ୍ ୱିଙ୍ଗ୍‌ର ପ୍ରବକ୍ତା ରାଜୀବ ଧୱନ କହିଲେ, ନିଶା ଦ୍ୱାରା ସ୍ୱଷ୍ଟ ମାନସିକ, ଶାରୀରିକ, ସାମାଜିକ, ଆର୍ଥିକ ଓ ନୈତିକ ବିକାର ବିଷୟରେ ସମସ୍ତେ ସଚେତନ ହେବା ଉଚିତ। ଆଧ୍ୟାତ୍ମିକତାରେ ଅନୁପ୍ରାଣିତ ହେଲେ ବ୍ୟକ୍ତି ସମାଜକୁ ସଙ୍ଗଠିତ କରିବା ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ଧୱନ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭିଡ଼ିଓ ଶୋ ଦ୍ୱାରା ଶାରୀରିକ ଓ ମାନସିକ ରୋଗ ପୀଡ଼ିତଙ୍କ ଅଭିଜ୍ଞତା ବିନିମୟ କରାଯାଇଥିଲା। ପରେ ନିଜକୁ ଭଲ ପାଇବା ଭଳି ପଦକ୍ଷେପ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ସକାରାତ୍ମକ ନିଶା ଯଥା ସଙ୍ଗୀତ, ନୃତ୍ୟ, ପ୍ରାଣାୟମ, ଭାଷଣ, କାହାଣୀ ଲେଖନ, କଳା, ହସ୍ତଶିଳ୍ପ, ପହଁରିବା, ଶାରୀରିକ କୌଶଳ, ଆତ୍ମରକ୍ଷା କୌଶଳ ଆଦି ପ୍ରତି ରୁଚି ରଖିବା ପାଇଁ ଆହ୍ୱାନ କରାଯାଇଥିଲା। ରାଜଯୋଗ ପ୍ରଶିକ୍ଷଣ ପରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହୋଇଥିଲା। ବିକେ ବିମଳା, ବିକେ ସୀମା, ବିଜୟଲକ୍ଷ୍ମୀ, କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଉମେଶ ଚନ୍ଦ୍ର ବେହେରା, ସୁଜିତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସକାଳ ୮ଟାରେ ବେଦବ୍ୟାସ ସ୍ଥିତ ଘରୋଇ ସ୍କୁଲରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନ ଶିକ୍ଷକ ଲୋକେଶ ନନ୍ଦଙ୍କ ତତ୍ତ୍ୱାବଧାନରେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ।




ନିଶାମୁକ୍ତ ଭାରତ ଅଭିଯାନରେ ମଞ୍ଚାସୀନ ଅତିଥି।

# ଶକ୍ତିପୀଠରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



ବିଭାଗୀୟ ଅଧିକାରୀ ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରୁଛନ୍ତି।

ରାଉରକେଲା,୮।୯(ଦିନେଶ ମିଶ୍ର)

ସେକ୍ଟର-୨ସ୍ଥିତ ଜନଜାଗରଣ କେନ୍ଦ୍ର ଗାୟତ୍ରୀ ଶକ୍ତି ପୀଠରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ଗୁରୁମାତା ଭଗବତୀ ଦେବୀ ଶର୍ମାଙ୍କ ୩୧ତମ ମହାପ୍ରୟାଣ ଓ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାୟତ୍ରୀ ପରିବାରର ଶ୍ରଦ୍ଧାଳୁ ଉପସ୍ଥିତ ରହି ପୁଣ୍ୟତିଥି ଓ ସ୍ମୃତିସଭା ଉପରେ ଆଲୋଚନା କରିଥିଲେ। ସେହିପରି ମାତୃପ୍ରେମ, ଆତ୍ମୀୟତା ଓ ତ୍ୟାଗ ମନୋଭାବକୁ ନେଇ ସୃଷ୍ଟି ହୋଇଥିବା ଗାୟତ୍ରୀ ପରିବାରର ଉଦ୍ଦେଶ୍ୟ ଉପରେ ଅବଗତ କରାଯାଇଥିଲା। ଏହି ଉପଲକ୍ଷେ ଶକ୍ତିପୀଠରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସହିତ ଦୀପଦାନ ଅନୁଷ୍ଠିତ ହୋଇଥିଲା। ପରେ ସାମୂହିକ ଗାୟତ୍ରୀ ମହାମନ୍ତ୍ର ଜପ କରାଯାଇଥିଲା। ଗାୟତ୍ରୀ ପୀଠର ମୁଖ୍ୟ ଟ୍ରଷ୍ଟି ନିତ୍ୟାନନ୍ଦ ଦାସ, ପ୍ରଦୀପ ରାୟ, ପ୍ରମୋଦ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଡାକ୍ତର ସନ୍ତୋଷ ଅଗ୍ରୱାଲ, ହନୁମାନ ସାହୁ, ରାମମୋହନ ସାହୁ, ସତ୍ୟଜିତ ପାଢ଼ୀ, ଇନ୍ଦିରା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ମକ୍ ଡ୍ରିଲ

ରାଉରକେଲା,୮।୯(ବିପ୍ଳବ ରଞ୍ଜନ ଦାଶ)

ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଗତ ୫ତାରିଖରେ ଆର୍‌ଏସ୍‌ପିର ଷ୍ଟିଲ ମେଲ୍ଟିଂ ଶପ୍-୧ ବିଭାଗର କାଷ୍ଟର ଅଞ୍ଚଳରେ ପାଇଲଟ ବର୍ନର, ଗ୍ୟାସ୍ ଲାଇନରେ ଅଗ୍ନି ନିରାପତ୍ତା ଉପରେ ଏକ ମକ୍ ଡ୍ରିଲ ହୋଇଥିଲା। ଏହି ଅଭ୍ୟାସ୍ ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ବି. ଏସ୍. କାର୍ଥାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଏସ୍. ଏ. ଠାକରୁଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମୀ ଏବଂ ଏସ୍‌ଇଡି ବିଭାଗର ଡେପୁଟି ମ୍ୟାନେଜର ସି. କେ. ସାହୁ ସହଯୋଗ ଦେଇଥିଲେ। ଏସ୍‌ଏମ୍‌ଏସ୍-୧ର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ସୁରକ୍ଷା ଅଭ୍ୟାସରେ



କାଷ୍ଟର ଅଞ୍ଚଳରେ ମକ୍ ଡ୍ରିଲ କରାଯାଉଛି।

ମିଶ୍ରିତ ଗ୍ୟାସ ଲିକେଜ ଯୋଗୁ ନିଆଁ ଲାଗିବାର ଏକ କାଳ୍ପନିକ ଦୃଶ୍ୟ ସୃଷ୍ଟି ହୋଇଥିଲା ଏବଂ ଦୁଇଜଣ ଆହତ କର୍ମଚାରୀଙ୍କ ଉଦ୍ଧାର ଏଥିରେ ସାମିଲ କରାଯାଇଥିଲା। ଏହି ସ୍ଥିତି ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟସେବା କେନ୍ଦ୍ର, ଶକ୍ତି ପରିଚାଳନା ବିଭାଗ, ସୁରକ୍ଷା ଇଞ୍ଜିନିୟରିଂ ଏବଂ ସିଆଇଏସ୍‌ଏଫ୍ ସହ ପ୍ରମୁଖ ବିଭାଗଗୁଡିକରୁ ଏକ ସମନ୍ୱିତ ପ୍ରତିକ୍ରିୟାକୁ ସକ୍ରିୟ କରିଥିଲା। ବହୁ ବିଭାଗର ପ୍ରଶିକ୍ଷିତ କର୍ମଚାରୀଙ୍କୁ ନେଇ ଗଠିତ ତିନୋଟି ଉତ୍ସର୍ଗୀକୃତ ଦଳ ଉଦ୍ଧାର, ସହାୟକ ଏବଂ ସମର ସିମୁଲେଟେଡ ଜରୁରୀକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କାର୍ଯ୍ୟ କରିଥିଲେ। ପ୍ରତିକ୍ରିୟା ସମୟ, ଆନ୍ତଃ ଏଜେନ୍ସି ସମନ୍ୱୟ ଏବଂ ମାନକ କାର୍ଯ୍ୟ ପ୍ରକ୍ରିୟା (ଏସ୍‌ଓପି) ପାଳନ ଭଳି ପ୍ରମୁଖ ପରିମାପକଗୁଡିକୁ ସମାଲୋଚନାମୂଳକ ଭାବେ ମୂଲ୍ୟାଙ୍କନ କରାଯାଇଥିଲା। ଶିଳ୍ପ କ୍ଷେତ୍ରରେ ଉପୁଜୁଥିବା ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲାରେ ଉଚ୍ଚ ସତର୍କତା ଓ ତ୍ୱରିତ ପ୍ରତିକ୍ରିୟାଶୀଳତା ସୁନିଶ୍ଚିତ କରିବା ପାଇଁ ଆର୍‌ଏସ୍‌ପିର ରଣନୈତିକ କାର୍ଯ୍ୟକ୍ଷମ ୟୁନିଟ୍‌ଗୁଡିକରେ ଏପରି ମକ୍ ଡ୍ରିଲ ନିୟମିତ ଅନୁଷ୍ଠିତ ହେଉଛି। ଏକ ଡିବ୍ରିଫିଙ୍ଗ, ମୂଲ୍ୟାଙ୍କନ ଅଧିବେଶନ ଶିକ୍ଷା ଏବଂ ଉନ୍ନତି ପାଇଁ କ୍ଷେତ୍ର ଗୁଡିକୁ ଚିହ୍ନଟ କରି ମକ୍ ଡ୍ରିଲ ଶେଷ ହୋଇଥିଲା। ଏସଏମଏସ-୧ ବିଭାଗର ଡିଏସ୍‌ଓ ଏନ୍ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଛାତ୍ର ଜୀବନରେ ଶୃଙ୍ଖଳା ଶୀର୍ଷକ କର୍ମଶାଳା

ରାଉରକେଲା,୮।୯(ଦିନେଶ ମିଶ୍ର)

ଉଦିତନଗରସ୍ଥିତ ଶୀତଳପଡା ବସ୍ତିରେ ଛାତ୍ର ଜୀବନରେ ଶୃଙ୍ଖଳା ଶୀର୍ଷକକୁ ନେଇ ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସୋନୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ସାମାଜିକ କର୍ମୀ ରାମଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ଅବସ୍ଥାରେ ସମୟର ମହତ୍ୱ ବୁଝିବା ସହ ପ୍ରତ୍ୟେକ ଛାତ୍ର ଦେଶର ଭବିଷ୍ୟତ ବୋଲି ସେ ମତ ଦେଇଥିଲେ। ଛାତ୍ର ଜୀବନରେ ସଫଳତା ପାଇବାକୁ ହେଲେ ଶୃଙ୍ଖଳିତ ହୋଇ ନିଜ ଭିତରେ ଥିବା ଦକ୍ଷତାକୁ ପରଖି ନିଷ୍ଠାର ସହ କଠୋର ପରିଶ୍ରମ କଲେ ସଫଳତା ସୁନିଶ୍ଚିତ ମିଳିବ ବୋଲି ସାହୁ କହିଥିଲେ। କର୍ମଶାଳାରେ ୩୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମତବିନିମୟ କାର୍ଯ୍ୟକ୍ରମ ହୋଇଥିଲା। ଶୀତଳପଡା ବସ୍ତିବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୬ ପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍ ସେବା ଫେଲ୍

ଦେବଗଡ଼,୮।୯
(ଶଶାଙ୍କ ଶେଖର ଝାଙ୍କର)

**ଏସ୍‌ଡିଓଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ**

ତିଲେଇବଣି ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ତଥା ପାହାଡ଼ ଉପରେ ଥିବା ଗଣ୍ଡମ, ଝରାଗୋଗୁଆ, ପାରପୋଷି, ଝାରମୁଣ୍ଡା, ଡିମିରିକୁଦା ଓ ଲଇମୁରା ପଞ୍ଚାୟତରେ ୫ ଦିନ ହେଲା ବିଏସ୍‌ଏନ୍‌ଏଲ୍ ମୋବାଇଲ ସେବା ଫେଲ୍ ରହିଛି। ଏଥିଯୋଗୁ ବିଏସ୍‌ଏନ୍‌ଏଲ୍ ଗ୍ରାହକମାନେ ଯୋଗାଯୋଗରୁ ବଞ୍ଚିତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଅଞ୍ଚଳବାସୀ ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସହ ଏହାର ସମାଧାନ ପାଇଁ ଦାବି କରିଥିଲେ। ହେଲେ ଏନେଇ କୌଣସି ସୁଫଳ ମିଳିନାହିଁ। ଫଳରେ ସୋମବାର ପୁଣିଥରେ ଅମ୍ବରେଶ ପ୍ରଧାନ, ଟିକନୁ ପଲେଇ, ରାଜୁ ପଲେଇ ଓ ସୁଜିତ୍ ପଲେଇଙ୍କ ନେତୃତ୍ୱରେ ଉପରୋକ୍ତ ୬ଟି ପଞ୍ଚାୟତର ବହୁସଂଖ୍ୟକ ଜନସାଧାରଣ ଦେବଗଡ଼ସ୍ଥିତ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟକୁ ଆସି ଏସ୍‌ଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଆସନ୍ତା ଏକ ସପ୍ତାହ ମଧ୍ୟରେ ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଅଷ୍ଟମ ଦିନରେ ଦେବଗଡ଼ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

### ବିଦେଶୀ ମଦ ଦୋକାନରୁ ଚୋରି

ଝାରସୁଗୁଡ଼ା, ୮।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ଥାନା ଅଧୀନ ବିଟିଏମ୍ ଅଞ୍ଚଳରେ ଥିବା ବିଦେଶୀ ମଦ ଦୋକାନରୁ ଚୋରି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଉକ୍ତ ଦୋକାନର ଶଟର ତାଡ଼ି ଭିତରେ ପଶିବା ସହ ପ୍ରାୟ ୩ ଲକ୍ଷ ଟଙ୍କା ଓ କିଛି ବିଦେଶୀ ମଦ ଚୋରିକରି ନେଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏନେଇ ଦୋକାନ ମାଲିକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୭୦/୨୫) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ସନ୍ଧ୍ୟାରାଣୀ ଗୋଚ୍ଛାୟତ କହିଛନ୍ତି।

# ହାଇୱା ଧକ୍କାରେ ସୁରକ୍ଷା କର୍ମୀ ମୃତ, ଉତ୍ତେଜନା

**କ୍ଷତିପୂରଣ ଦାବିରେ ବିକ୍ଷୋଭ**

ବେଲପାହାଡ଼, ୮।୯(ସୁବାସ ପ୍ରଧାନ)


ହସ୍ପିଟାଲ ପରିସରରେ ଏମ୍‌ସିଏଲ୍ ଅଧିକାରୀ ଲୋକଙ୍କ ସହିତ ଆଲୋଚନା ହେଉଛନ୍ତି।

ଝାରସୁଗୁଡ଼ା ଜିଲା ଲଖନପୁର ଖଣିକ୍ଷେତ୍ର ୭ ନମ୍ବର ସାଇଡିଂରେ ସୋମବାର ପ୍ରାତଃ ସମୟରେ କୋଇଲା ପରିବହନରେ ନିୟୋଜିତ ଏକ ହାଇୱା ଧକ୍କାରେ ଜଣେ ଠିକା ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ପଦପାଲି ଗ୍ରାମର ସଞ୍ଜୀବ ପଧାନ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସୂଚନା ଅନୁଯାୟୀ, ଲଖନପୁର ଖଣିକ୍ଷେତ୍ର ୭ ନମ୍ବର ସାଇଡିଂରେ ପ୍ରାତଃ ପ୍ରାୟ ସାଢେ ୫ଟାରେ ହାଇୱା ଯୋଗେ କୋଇଲା ପରିବହନ ହେଉଥିଲା। ଏହି ସମୟରେ ସେଠାରେ ଛିଡ଼ା ହୋଇଥିବା ସୁରକ୍ଷା କର୍ମୀ ସଞ୍ଜୀବଙ୍କୁ ହାଇୱା ଧକ୍କା ଦେଇ ଫେରାର ହୋଇଯାଇଥିଲା। ଚିକିତ୍ସା ଲାଗି ସଞ୍ଜୀବଙ୍କୁ ବନ୍ଧବାହାଲସ୍ଥିତ ଏମ୍‌ସିଏଲ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ସଦସ୍ୟ, ବିଭିନ୍ନ ଶ୍ରମିକ ସଙ୍ଗଠନ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ବନ୍ଧବାହାଲସ୍ଥିତ ଏମ୍‌ସିଏଲ୍ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଖବରପାଇ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ, ଏମ୍‌ସିଏଲ୍‌ର ଲଖନପୁର ଖଣିକ୍ଷେତ୍ର ଜିଏମ୍ ଏ.କେ. ପାଣ୍ଡେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଦୀର୍ଘ ସମୟର ବିକ୍ଷୋଭ ପରେ କ୍ଷତିପୂରଣ ପ୍ରଦାନ ପାଇଁ ଆଲୋଚନା ହେବାକୁ ନିଷ୍ପତ୍ତି ହୋଇଥିଲା। ଲଖନପୁର ଖଣିକ୍ଷେତ୍ର ଜିଏମ୍‌ଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନା ପାଇଁ ବୈଠକ ହୋଇଥିଲା। ଏଥିରେ ଏମ୍‌ସିଏଲ୍‌ର ଲଖନପୁର ଖଣିକ୍ଷେତ୍ର ଜିଏମ୍ ପାଣ୍ଡେ, ଲଖନପୁର ଅତିରିକ୍ତ ତହସିଲଦାର, ବ୍ରଜରାଜନଗର ଏସ୍‌ଡିପିଓ, ବନହରପାଲି ଥାନା ଆଇଆଇସି, ସ୍ଥାନୀୟ ଶ୍ରମିକ ସଙ୍ଗଠନ, ଜନସାଧାରଣଙ୍କ ସମେତ ସଞ୍ଜୀବଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ। ଆଲୋଚନା ପରେ କ୍ଷତିପୂରଣ ବାବଦକୁ ସଞ୍ଜୀବଙ୍କ ପରିବାର ସଦସ୍ୟଙ୍କୁ ୭୧ ଲକ୍ଷ ୫୦ ହଜାର ଟଙ୍କା ଏବଂ ସଞ୍ଜୀବ ପାଉଥିବା ମାସିକ ଦରମାର ୯୦ ପ୍ରତିଶତ ଟଙ୍କା ପ୍ରଦାନ କରାଯିବ ବୋଲି ପାଣ୍ଡେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

# ଶିଳାନ୍ୟାସ ଫଳକର ଷ୍ଟିକର ଚିରିଦେଲେ ଦୁର୍ବୃତ୍ତ

ଝାରସୁଗୁଡ଼ା,୮।୯(ଆଶିଷ ରଞ୍ଜନ ଦାଶ)

ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ଝାରସୁଗୁଡ଼ା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଝାଡ଼େଶ୍ୱର ମନ୍ଦିର ପରିସରରେ ୩ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ହେଲେ ରବିବାର କେହି ଦୁର୍ବୃତ୍ତ ଉକ୍ତ ଶିଳାନ୍ୟାସ ଫଳକରେ ଲାଗିଥିବା ଷ୍ଟିକରଗୁଡ଼ିକୁ ଚିରି ଦେଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିର ପରିସରରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚକରି ଷ୍ଟିକର ଚିରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


ଫଳକରେ ଲାଗିଥିବା ଷ୍ଟିକର ଚିରି ଦିଆଯାଇଛି।

# ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ


ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଲଖନପୁର, ୮।୯(ଗୌତମ ସାହୁ)

**ଯୁଗ୍ମ ଅଭିଯୋଗ ଶୁଣାଣି**

ଲଖନପୁର ବ୍ଲକ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୫୭ଟି ଅଭିଯୋଗ ହୋଇଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ, ଭତ୍ତା ପ୍ରଦାନ, ଶିକ୍ଷା ପାଇଁ ସହାୟତା, ରାସନ କାର୍ଡ ପ୍ରଦାନ, ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା, ରାସ୍ତା ନିର୍ମାଣ, ବିଶୁଦ୍ଧ ପାନୀୟଜଳ ଯୋଗାଣ, ପଣ୍ଡରି ବିଦ୍ୟାଳୟରେ ରୋଷେଇଗୃହ ନିର୍ମାଣ, ପ୍ୟାକ୍ସରୁ ଋଣ ପାଇବାରୁ ବଞ୍ଚିତ ଆଦି ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ବିଡିଓ ବିନୟ କୁମାର ପଟେଲ, ତହସିଲଦାର ପ୍ରଶ୍ନ କୁମାର ପଟେଲ, ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହକି ଟୁର୍ନାମେଣ୍ଟ: ଜିଇଏଲ୍ ବ୍ରଦର୍ସ ଚାମ୍ପିୟନ


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

ଦେବଗଡ଼,୮।୯
(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଅଧୀନ ପ୍ରଭାସୁଣୀ ଗ୍ରାମରେ ଗଙ୍ଗାଧର ମେହେର କ୍ଲବ୍ ଆନୁକୂଲ୍ୟରେ ତ୍ରିଦିବସୀୟ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୩୨ଟି ଟିମ୍ ଭାଗ ନେଇଥିଲା। ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ଼ର ଗୁଣ୍ଡିପଡ଼ା ଟିମ୍‌କୁ ଟାଇବ୍ରେକର ଯୋଗେ ୪-୩ ଗୋଲରେ ପରାସ୍ତ କରି ଦେବଗଡ଼ ଜିଲାର ଜିଇଏଲ୍ ବ୍ରଦର୍ସ ହକି ଟିମ୍ ଚାମ୍ପିୟନ ହୋଇଛି। ଆୟୋଜକ ଅନୁଷ୍ଠାନର ସଭାପତି ମାଙ୍ଗରୁ ଏକ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ସେମ ହେମ୍ବ୍ରମ, ସମ୍ମାନୀତ ଅତିଥି ଭାବେ ତିଲେଇବଣି ସରପଞ୍ଚ ସସ୍ମିତା ଏକ୍କା, ସମିତିସଭ୍ୟ ଶୁକ୍ର ମୁଣ୍ଡା, ସୁରେନ୍ଦ୍ର ସାହୁ, ଆକାଶ ଦାସ ଓ ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବିଜେତା ଏବଂ ଉପବିଜେତା ଟିମ୍‌ର ଖେଳାଳିଙ୍କୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ସେମିଫାଇନାଲରେ ପ୍ରବେଶ କରିଥିବା ଶବରପାଲି ଏବଂ ଭାଲୁଡୁଙ୍ଗରୀ ଟିମ୍‌କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଜୟ ଲାକ୍ରା ଧନ୍ୟବାଦ ଦେଇଥିଲେ।

### ଡକାୟତି ଉଦ୍ୟମ: ୫ ଗିରଫ

ଲଖନପୁର,୮।୯(ଗୌତମ ସାହୁ)

ଡକାୟତି ଉଦ୍ୟମବେଳେ ଲଖନପୁର ପୋଲିସ ୫ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର ଉସ୍‌ଦାର ଅଲି, କଲମ ସେକ୍, ଅବ୍ଦୁଲ ଜବ୍ବାର ସେକ୍, ୱାସିମ୍ ଆକ୍ରମ ଏବଂ ମଧ୍ୟପ୍ରଦେଶର ରାଜୁ ବର୍ମା। ସେମାନଙ୍କ ନିକଟରୁ ଏକ ଅଟୋ, ୨ଟି ଲୁହାରଡ଼, ଏକ ଖଣ୍ଡା, ଦୁଇଟି ଛୁରି, ତାରକଟା ଯନ୍ତ୍ର, ୨ ପ୍ୟାକେଟ୍ ଲଙ୍କାଗୁଣ୍ଡ ଓ ୫୫୦୦ ଟଙ୍କା ଜବତ କରାଯାଇଛି। ଲଖନପୁର ଥାନା ଅନ୍ତର୍ଗତ ପୁଞ୍ଜିପଥର ନିକଟ ଓପିଜିସିଏଲ ଗ୍ରୀଡ୍‌ରୁ ଡ଼କାୟତି ପାଇଁ ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଉଦ୍ୟମ କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

### ୧୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଦେବଗଡ଼,୮।୯(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୮ଟି ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ଶିକ୍ଷକ ନିଯୁକ୍ତି, ନଳକୂପ, ମୋବାଇଲ ନେଟ୍‌ୱର୍କ, ଜମି ପଟ୍ଟା ସଂଶୋଧନ ଭଳି ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଏସ୍‌ପି ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜୁନ କୁଜୁର, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରଦୂଷଣ ବଳୟରେ ୪୯ ନମ୍ବର ଜାତୀୟ ରାଜପଥ

ଲଖନପୁର,୮।୯(ଗୌତମ ସାହୁ)


୪୯ ନମ୍ବର ଜାତୀୟ ରାଜପଥର ବଇଗାଡେରା ନିକଟରେ ଟ୍ରକ୍‌ରୁ ପାଉଁଶ ଖସି ରାସ୍ତାରେ ପଡିଛି।

୪୯ ନମ୍ବର ଜାତୀୟ ରାଜପଥ ଦେଇ ପ୍ରତିଦିନ ବହୁସଂଖ୍ୟକ ପାଉଁଶ ବୋଝେଇ ଟ୍ରକ୍ ଚଳାଚଳ କରୁଛି। ଏହି ଟ୍ରକ୍‌ଗୁଡ଼ିକରୁ ପାଉଁଶ ଉଡ଼ିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଉନ୍ନତ ଗମନାଗମନ ବ୍ୟବସ୍ଥା ବିକଶିତ ରାଷ୍ଟ୍ର ଗଠନରେ ସହାୟକ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମଧ୍ୟ ଭାରତରୁ ପୂର୍ବ ଭାରତକୁ ଯୋଡିବା ସହ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ୪୯ ନମ୍ବର ଜାତୀୟ ରାଜପଥ ନିର୍ମାଣ କରାଯାଇଥିଲା। ଏହି ରାସ୍ତାରେ ଉଭୟ ରାଜ୍ୟରୁ ପ୍ରତିଦିନ ବହୁସଂଖ୍ୟକ ଟ୍ରକ ଓ ଟ୍ରେଲର ଯୋଗେ କୋଇଲା, ପାଉଁଶ, ଲୁହାପଥର ଭଳି ଅନେକ ସାମଗ୍ରୀ ପରିବହନ ହେଉଛି। ବ୍ୟସ୍ତବହୁଳ ଏହି ରାସ୍ତାରେ ବହୁସଂଖ୍ୟକ ଗାଡ଼ି ଚଳାଚଳ କରୁଥିବାରୁ ଅଞ୍ଚଳବାସୀ ୨ ଥାକିଆରୁ ୪ ଥାକିଆ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ୪ ଥାକିଆ ରାସ୍ତା ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ହେଲେ ଗତ କିଛିମାସ ଧରି ଏହି ରାସ୍ତା ଦେଇ ଶତାଧିକ ଟ୍ରକ୍ ଯୋଗେ ଓଡ଼ିଶାରୁ ପଡ଼ୋଶୀ ରାଜ୍ୟରେ ନିର୍ମାଣାଧୀନ ୪ ଥାକିଆ ରାସ୍ତା ପାଇଁ ତରଳିଆ ପାଉଁଶ ପରିବହନ ହେଉଛି। ଯାହାକି ଝାରସୁଗୁଡ଼ାଠାରୁ ସୀମାନ୍ତ କନକତୋରା ପର୍ଯ୍ୟନ୍ତ ପ୍ରାୟ ୭୦ କିମି ରାସ୍ତା ଉପରେ ପଡୁଛି। ବିଶେଷକରି ଏହି ଟ୍ରକ୍‌ଗୁଡିକ ଉକ୍ତ ରାସ୍ତାର ଯେଉଁ ସ୍ଥାନରେ ଛିଡା ହେଉଛି, ସେଠାରେ ତରଳ ପାଉଁଶ ଖସି ତଳେ ଗଦା ହେଉଛି। ପରବର୍ତ୍ତୀ ସମୟରେ ଏହା ଶୁଖିଯାଉଛି। ସାମାନ୍ୟ ପବନରେ ଏହା ଉଡିବା ଦ୍ୱାରା ଜନସାଧାରଣ ପାଇଁ ବିପଦ ସୃଷ୍ଟି କରୁଛି। ଏହି ରାସ୍ତା ପାର୍ଶ୍ୱରେ ଅନେକ ବିଦ୍ୟାଳୟ ଓ କଲେଜ ରହିଛି। ପ୍ରତିଦିନ ଛାତ୍ରୀଛାତ୍ର ବିନା ମାସ୍କ ଓ ଚଷମାରେ ଏହି ରାସ୍ତା ଦେଇ ଶିକ୍ଷାନୁଷ୍ଠାନକୁ ଯିବାଆସିବା କରିବା କଷ୍ଟକର ହୋଇପଡୁଛି। କିଛି ସମୟ ଏହି ରାସ୍ତା ଦେଇ ଯାତାୟାତ କଲେ ଆଖିରେ ଯନ୍ତ୍ରଣା ସାଙ୍ଗକୁ ଅନେକଙ୍କୁ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଏଭଳି ପ୍ରଦୂଷଣ ସୃଷ୍ଟି କରୁଥିବା ଗାଡ଼ି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ବିଷାକ୍ତ ପାଉଁଶ ପରିବହନ ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭତ୍ତା ପାଇବାରୁ ବଞ୍ଚିତ ସୁକାନ୍ତି

**ବୃଦ୍ଧାଶ୍ରମରେ ବିତୁଛି ଜୀବନ**

ଝାରସୁଗୁଡ଼ା, ୮।୯(ଆଶିଷ ରଞ୍ଜନ ଦାଶ)


ସୁକାନ୍ତି ପାତ୍ର

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ମରାକୁଠା ଗ୍ରାମର ସୁକାନ୍ତି ପାତ୍ର(୬୩) ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହ ବୃଦ୍ଧାଶ୍ରମରେ ରହି ଦୁଃଖଦପୂର୍ଣ୍ଣ ଜୀବନ ବିତାଉଛନ୍ତି। ଏନେଇ ସୁକାନ୍ତି କହିଛନ୍ତି, ପ୍ରାୟ ୧୦ ବର୍ଷ ତଳେ ସ୍ୱାମୀ ଗୋପାଳ ପାତ୍ରଙ୍କ ଦେହାନ୍ତ ହୋଇଥିଲା। ସେହି ସମୟରେ ବିଧବା ଭତ୍ତା ପାଇଁ ଆବେଦନ କରିଥିଲେ ମଧ କୌଣସି କାରଣରୁ ତାଙ୍କ ଭତ୍ତା ମଞ୍ଜୁର ହୋଇ ନ ଥିଲା। ପରିବାରର ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ଦୟନୀୟ ଥିବାରୁ ପୁଅ, ବୋହୂ ତାଙ୍କୁ ବିଶେଷ ଧ୍ୟାନ ଦେଉ ନ ଥିଲେ। ୨୦୨୨ ମସିହାରୁ ଲହଣ୍ଡାବୁଡ଼ରେ ଥିବା ବୃଦ୍ଧାଶ୍ରମରେ ଆଶ୍ରୟ ନେଇଛି। ହେଲେ ଦୁଃଖର କଥା ବର୍ତ୍ତମାନ ୬୩ ବର୍ଷ ହୋଇଥିଲେ ମଧ ଭତ୍ତା ପାଇବାରୁ ବଞ୍ଚିତ ହୋଇଛି। ପାଖରେ ଥିବା ଆଧାର କାର୍ଡ ହଜି ଯାଇଥିବାବେଳେ ବାର୍ଦ୍ଧକ୍ୟ ଭତ୍ତା ଆବେଦନ କରିବା ପାଇଁ କେହି ସାହାଯ୍ୟ କରୁ ନ ଥିବା ସୁକାନ୍ତି କହିଛନ୍ତି। ଏନେଇ ଝାରସୁଗୁଡ଼ା ଉପଜିଲାପାଳ ସବ୍ୟସାଚୀ ପଣ୍ଡା କହିଛନ୍ତି, ସୁକାନ୍ତିଙ୍କ ଭତ୍ତା ବିଷୟରେ ସୂଚନା ପାଇ ନ ଥିଲୁ। ଏବେ ତାଙ୍କ ଭତ୍ତା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ।

# ରାସ୍ତା ମରାମତି ନ ହେଲେ ଆନ୍ଦୋଳନ

ଦେବଗଡ଼,୮।୯
(ଶଶାଙ୍କ ଶେଖର ଝାଙ୍କର)

**ଅସନ୍ତୋଷ ବ୍ୟକ୍ତକଲେ ଅଞ୍ଚଳବାସୀ**

ଦେବଗଡ଼ ପୌରାଞ୍ଚଳ ରଜାମୁଣ୍ଡା ନୂଆଁସାହି(୧୧ ନମ୍ବର ୱାର୍ଡ)ର ପୁରୁଣା ୪୯ ନମ୍ବର ଜାତୀୟ ରାଜପଥ ନିକଟସ୍ଥ ତାରାଚାନ୍ଦ ସୋନାମୀଙ୍କ ଘରଠାରୁ ସୁନୀଲ ସାହୁଙ୍କ ଘର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। କିଛିଦିନ ପୂର୍ବେ ହୋଇଥିବା ଲଗାଣ ବର୍ଷାରେ ଉକ୍ତ ମାଟି ରାସ୍ତା ଧୋଇଯିବା ସହ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତାୟାତ ପାଇଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରାମତି ପାଇଁ ସାହିବାସିନ୍ଦା ଇତିମଧ୍ୟରେ କାଉନ୍‌ସିଲରଙ୍କଠାରୁ ଆରମ୍ଭ କରି ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କ ନିକଟରେ ଏକାଧିକ ଥର ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ରାସ୍ତା ମରାମତି କିମ୍ବା ପୁନରୁଦ୍ଧାର କରା ନ ଗଲେ ବାଧହୋଇ ସେମାନେ ସହର ମଧ୍ୟଦେଇ ଯାଇଥିବା ପୁରୁଣା ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ ଓ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ କହିଛନ୍ତି, ପୌର ପରିଷଦ ପକ୍ଷରୁ ଖୁବ୍‌ଶୀଘ୍ର ଉକ୍ତ ରାସ୍ତା ମରାମତି କରାଯିବ।


ବିପର୍ଯ୍ୟସ୍ତ ହୋଇପଡ଼ିଥିବା ରାସ୍ତା।

# ଡିଜିଟାଲ ସାକ୍ଷରତା ଉପରେ ଅଧିକ ଧ୍ୟାନ ଦିଅନ୍ତୁ

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ**

ଦେବଗଡ଼,୮।୯(ଶଶାଙ୍କ ଶେଖର ଝାଙ୍କର)


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ୍ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଆମକୁ ଡିଜିଟାଲ ସାକ୍ଷରତା ଉପରେ ଅଧିକ ଧ୍ୟାନ ଦେବାକୁ ପଡିବ ବୋଲି ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାକ୍ଷରତା କମିଟିର ସଦସ୍ୟ ଉଦୟ କୁମାର ପ୍ରଧାନ, କ୍ଷୀରୋଦ ବିହାରୀ ପ୍ରଧାନ, ପ୍ରଦୀପ କୁମାର ବିଶ୍ୱାଳ, ବବିତା ନାୟକ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଦେବଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷିକା ଇପ୍‌ସିତା ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ନବ ଭାରତ ଲୋଗୋ, ସାକ୍ଷରତା ବାର୍ତ୍ତା ଓ ଲିଫ୍‌ଲେଟ୍ ଉନ୍ମୋଚିତ ହୋଇଥିଲା। ସାକ୍ଷରତା ସପ୍ତାହ ଅବସରରେ ପୂର୍ବରୁ ଜିଲାସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ କାର୍ଯ୍ୟକ୍ରମ ସଂଯୋଜନା ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଲି ଲାକ୍ରା ଧନ୍ୟବାଦ ଦେଇଥିଲେ। ସିଆର୍‌ସିସି ଚୂଡ଼ାମଣି ସାହୁ, ଭେନସ କୁମାର ପ୍ରଧାନ, ଗୌରହରି ସାହୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏସୟୁରେ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ବିଜ୍ଞାନ, ପ୍ରଯୁକ୍ତି ବିଭାଗର ଡ. ପ୍ରବୀର ଶ୍ରେଷ୍ଠ ଶିକ୍ଷକ**



ଡ. ପ୍ରବୀର କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୮।୯(ବି.ଶଙ୍କର): ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ-୨୫ ସୋମବାର ଜ୍ୟୋତିବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ତଥା ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ଆର. ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକମାନେ ଉପସ୍ଥିତ ଥିଲେ। ୨୦୨୫ ବର୍ଷ ସକାଶେ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଶ୍ରେଷ୍ଠ ଶିକ୍ଷକ ଭାବେ ଡ. ପ୍ରବୀର କୁମାର ସେଠୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ପ୍ରଦାନ ସକାଶେ ଗବେଷଣା ପତ୍ର ପ୍ରକାଶନ, ପୁସ୍ତକ ଅଧ୍ୟାୟ, ସମ୍ମେଳନ ପ୍ରସ୍ତୁତି, ବିଭିନ୍ନ ସଙ୍ଗଠନରୁ ପ୍ରାପ୍ତ ସମ୍ମାନ, ସମ୍ପାଦକ ଓ ସମୀକ୍ଷକ ଭୂମିକା, ଗବେଷଣା ଓ ପରାମର୍ଶ ପ୍ରକଳ୍ପ ଇତ୍ୟାଦି କ୍ଷେତ୍ରକୁ ମୂଲ୍ୟାୟନ କରାଯାଇଥାଏ। ଏହି ସମସ୍ତ କ୍ଷେତ୍ରର କାର୍ଯ୍ୟଦକ୍ଷତାକୁ ଏପିଆଇ ଅଙ୍କାଧାରରେ ମୂଲ୍ୟାୟନ କରି ସମ୍ମାନିତ କରିବାକୁ ବିଚାର କରାଯାଇଥାଏ। ସମ୍ମାନ ଗ୍ରହଣ କରିବା ପରେ ଡ. ସେଠୀ ତାଙ୍କ ଛାତ୍ରଛାତ୍ରୀ ଓ ଗବେଷଣା ସହପାଠୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସମ୍ମାନ କେବଳ ମୋର ନୁହେଁ, ଏହା ଆମ ସମଗ୍ର ଶିକ୍ଷାନୁସନ୍ଧାନ ପରିବାରର ସଫଳତା ବୋଲି ଡ. ସେଠୀ ମତବ୍ୟକ୍ତ କରିଥିଲେ।

# ଏମ୍‌ସିଏଲ୍‌କୁ କୋଇଲା ମନ୍ତ୍ରଣାଳୟର ଷ୍ଟାରରେଟିଂ ପୁରସ୍କାର




କୋଇଲା ମନ୍ତ୍ରଣାଳୟର ଷ୍ଟାର ରେଟିଂ ପୁରସ୍କାର ଏମ୍‌ସିଏଲ୍‌କୁ ପ୍ରଦାନ କରାଯାଉଛି।

ସମ୍ବଲପୁର,୮।୯(ବି.ଶଙ୍କର): ଏମ୍‌ସିଏଲ କୋଇଲା ମନ୍ତ୍ରଣାଳୟର ଷ୍ଟାର ରେଟିଂ ପୁରସ୍କାର ହାସଲ କରିଛି। ମୁମ୍ବାଇରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର କୋଇଲା ଏବଂ ଖଣିମନ୍ତ୍ରୀ ଜି କିଶନ ରେଡ୍ଡୀ, କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଏବଂ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟର ସଚିବ ବିକ୍ରମଦେବ ଦତ୍ତଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ମହାନଦୀ କୋଇଲା କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏବଂ ଏମ୍‌ସିଏଲର ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରାଙ୍କ ସହିତ ସମ୍ପୃକ୍ତ ଖଣିର କ୍ଷେତ୍ର ମହାପ୍ରବନ୍ଧକମାନେ ପୁରସ୍କାର ଗ୍ରହଣ କରିଥିଲେ। ଏହାର ନଅଟି କୋଇଲା ଖଣିକୁ ୨୦୨୩-୨୪ ବର୍ଷ ପାଇଁ ମର୍ଯ୍ୟାଦାଜନକ ୫- ଷ୍ଟାର ରେଟିଂ ପ୍ରଦାନ କରାଯାଇଛି। ଏଥିରେ ୦୨ ଅଣ୍ଡରଗ୍ରାଉଣ୍ଡ ଖଣି (ହୀରାଖଣ୍ଡ- ବୁନ୍ଦିଆ ଏବଂ ଓରିଏଣ୍ଟ କଲିରି ମାଇନ୍ସ ନମ୍ବର ୧ ଏବଂ ୨) ଅନ୍ତର୍ଭୁକ୍ତ ଏବଂ ୦୬ ଓପନକାଷ୍ଟ ମାଇନ୍ସ (କୁଲଦା ଅନନ୍ତ ସମଲେଶ୍ୱରୀ ଭୁବନେଶ୍ୱରୀ ଲାଜକୁରା ବେଲପାହାଡ ଏବଂ ଗୋପାଳଜୀ- କାଣିହାଁ ବିସ୍ତାର ପ୍ରକଳ୍ପ) ରହିଛି। ଭାରତ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ଖଣିର ସଫଳତାକୁ ସାମଗ୍ରିକ ଭାବରେ ମୂଲ୍ୟାଙ୍କନ କରି ୧ ରୁ ୫ ପର୍ଯ୍ୟନ୍ତ ସ୍କେଲରେ ଷ୍ଟାର ରେଟିଂ ପ୍ରଦାନ କରାଯାଏ। ଷ୍ଟାର ରେଟିଂ କାର୍ଯ୍ୟକ୍ଷମ ଉତ୍କର୍ଷତା, ସୁରକ୍ଷା ମାନଦଣ୍ଡ, ପରିବେଶଗତ ସ୍ଥିରତା, ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ଆର୍ଥିକ ପ୍ରଦର୍ଶନ ସମେତ ବିଭିନ୍ନ କ୍ଷେତ୍ରରେ ଖଣି ବିକାଶର ସୂଚକକୁ ଗୁରୁତ୍ୱ ଦିଆଯାଇଥାଏ। ଏହି ମାନ୍ୟତା ହେଉଛି ଏମ୍‌ସିଏଲ୍‌ର ସ୍ଥାୟୀ ଏବଂ ଦାୟିତ୍ୱପୂର୍ଣ୍ଣ ଖଣି, ନବସୃଜନ ଏବଂ ରାଷ୍ଟ୍ର ପାଇଁ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପ୍ରତି ପ୍ରତିବଦ୍ଧତାର ପ୍ରମାଣ ଅଟେ ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି।

# ବଜ୍ରପାତରେ ଯୁବକ ମୃତ

କୁଚିଣ୍ଡା,୮।୯(ବିଜୟ ଦର୍ଶୀ): ସମ୍ବଲପୁର ଜିଲା ମହୁଲପାଲି ଥାନା କୁସୁମୀ(ଖୁଟପୁଷ୍ଠା)ର ଅର୍ଜୁନ କିଷାନ(୩୨)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟାରେ ସେ ଘର ଅଗଣାରେ ବସିଥିଲେ। ଏତିକିବେଳେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଅର୍ଜୁନ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ କୁଚିଣ୍ଡା ଓ ପରେ କୁଚିଣ୍ଡା ମେଡ଼ିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁଚିଣ୍ଡା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. DRM/Engg/KUR/25-26/E-Tender/68, ତା.03.09.2025ରିଖ

**(1) ଟେଣ୍ଡର ସଂ. e-tenderNorthKUR 235-2025, ତା.28.08.2025ରିଖ**

**ବିବରଣୀ :** ନୟାଗଡ଼ ଏବଂ [illegible] ମଧ୍ୟରେ ଥିବା ବିଭିନ୍ନ ଷ୍ଟେସନରେ କଲୋନି ରାସ୍ତା, ଷ୍ଟେସନ ଆପ୍ରୋଚ୍ ରାସ୍ତା ଏବଂ ସର୍କୁଲେଟିଂ ଅଞ୍ଚଳଗୁଡ଼ିକର ମରାମତି, ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/କେନ୍ଦୁଝରଗଡ଼ ସେକ୍ସନ ଅଧୀନରେ ଗୋଆଲଡ଼ିହ ଷ୍ଟେସନ ଠାରେ ଏକ ଲନ୍‌ର ବିକାଶ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 204.44 ଲକ୍ଷ, **EMD :** ₹ 2,52,200.00

**(2) ଟେଣ୍ଡର ସଂ. eTender-EastKUR 237-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ନିମନ୍ତେ ହରିଦାସପୁରା ଡିପୋ ଠାରେ ମେସିନ୍ ଦ୍ୱାରା ଭଙ୍ଗା ଯାଇ ଥିବା 50 MM ଆକାରର 50,000 ଘନ ମିଟର କଠିନ ପଥର ବାଲାଷ୍ଟର ଯୋଗାଣ ଏବଂ ତାହାକୁ କୌଣସି ପ୍ରକାରର ରେଳବାଇ ୱାଗନରେ ବୋଝେଇ କରିବା କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 865.66 ଲକ୍ଷ, **EMD :** ₹ 5,82,800.00

**(3) ଟେଣ୍ଡର ସଂ. eTender-NorthKUR 233-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଷ୍ଟିଲ୍ ଗିର୍ଡର ବ୍ରିଜ୍ ଉପରେ ହୁକ୍ ବୋଲ୍ଟ ପାଇଁ ସିଙ୍ଗଲ୍ ପିସ୍ ସ୍ପ୍ରିଂ ସନ୍ନିବେଶିତ ପୁନଃବ୍ୟବହାରଯୋଗ୍ୟ ସେଲ୍ଫ ନଟ୍ (28 MM) M-27 ଯୋଗାଇବା ଏବଂ ଲଗାଇବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 151.14 ଲକ୍ଷ, **EMD :** ₹ 2,25,600.00

**(4) ଟେଣ୍ଡର ସଂ. eTender-SouthKUR 236-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)ଙ୍କ ଅଧିକାରକ୍ଷେତ୍ର ଅଧୀନରେ ଥିବା ଖୋର୍ଦ୍ଧା ରୋଡ଼ - ପଲାସା ସେକ୍ସନ ମଧ୍ୟରେ ଫିଟିଂ ନବୀକରଣ ମାଧ୍ୟମରେ (TFR) ଏବଂ ଟର୍ଣ୍ଣଆଉଟ୍ ମାଧ୍ୟମରେ ଫିଟିଂ ନବୀକରଣ (TFRTO), 12ଟିରୁ ୧ଟି ଫ୍ୟାନ୍ ଆକୃତିର ଲେଆଉଟ୍‌ର ନବୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 159.61 ଲକ୍ଷ, **EMD :** ₹ 2,29,800.00

**ଶେଷ ହେବା ଅବଧି :** 08 (ଆଠ) ମାସ (କ୍ରମ ସଂ. 1 ପାଇଁ), 15 (ପନ୍ଦର) ମାସ (କ୍ରମ ସଂ. 2 ପାଇଁ), 06 (ଛଅ) ମାସ (କ୍ରମ ସଂ. 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 4 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.09.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-566/Q/25-26



## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳପଥ ପ୍ରବନ୍ଧକ/ଇଏନ୍‌ଜିଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୧୨, ତାରିଖ: ୦୪।୦୯।୨୦୨୫।** **କାର୍ଯ୍ୟର ନାମ:** ରାଜଖରସୁଆଁ-ସୋଙ୍ଗାରି-ଗହ୍ମାରିଆ-ଟାଟାନଗର ସେକ୍ସନ ମଧ୍ୟସ୍ଥ ଫିଡର ରୁଟ୍/୨୫ଟି ଏକ୍ସିଲ୍ ରୁଟ୍ କିଲ୍ୟୁ/ଜିଡି ରୁଟ୍‌ରେ ପୁଶିଂ ପଦ୍ଧତି କରିଆରେ ଆରସିସି ବକ୍ସ ଦ୍ୱାରା ପଥର ପୋଲ (୩୦ ଗୋଟି)ଗୁଡ଼ିକୁ ପୁନଃ ନିର୍ମାଣ କରିବା। **ଟେଣ୍ଡର ମୂଲ୍ୟ:** ₹୩୬,୯୫,୯୭,୯୧୮.୧୧। **ଇଏମ୍‌ଡି:** ₹୧୯,୯୮,୦୦୦। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦। **ଖୋଲାଯିବା ତାରିଖ:** ତା୦୬।୧୦।୨୦୨୫ରିଖ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। (PR-599)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ସିଗ୍‌ନାଲ ଓ ଟେଲିକମ୍ ଯନ୍ତ୍ରୀ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ଟେଣ୍ଡର ନଂ. ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକ ତା୨୬।୦୯।୨୦୨୫ରିଖ ୧୫.୦୦ ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ.-୧।** **ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୧, ତାରିଖ: ୦୪।୦୯।୨୦୨୫।** **କାର୍ଯ୍ୟର ନାମ:** (i) ୧୦ଟି ଷ୍ଟେଶନଠାରେ ଗୁଡ୍‌ସ ଶେଡ୍ କିମ୍ବା ପବ୍ଲିକ୍ ସାଇଡିଂରେ ଆଇପି ଭିତ୍ତିକ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରିବା। (ii) ବିରରାଜପୁରଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ। **ଟେଣ୍ଡର ମୂଲ୍ୟ:** ₹୭୦,୧୧,୬୨୭.୪୦। **ଅମାନତ ରାଶି:** ₹୧,୪୦,୨୦୦। **ସମାପ୍ତି ଅବଧି:** ୦୬ (ଛଅ) ମାସ। **କ୍ର.ସଂ.-୨।** **ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୨, ତାରିଖ: ୦୪।୦୯।୨୦୨୫।** **କାର୍ଯ୍ୟର ନାମ:** ଏସ୍‌ଏସ୍‌ଇ/ଟେଲି/ଡାଙ୍ଗୋଆପୋଷୀ ଅଧୀନରେ ପରିଚାଳନା ପାଇଁ ୧ ଗୋଟି ୧ ଟନ କ୍ଷମତା ବିଶିଷ୍ଟ ଟ୍ରକ୍‌ର ନିୟୋଜନ ପାଇଁ ଅବଶିଷ୍ଟ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧୧,୮୭,୧୫୫.୭୦। **ଅମାନତ ରାଶି:** ₹୨୩,୮୦୦। **ସମାପ୍ତି ଅବଧି:** ୨୪ (ଚବିଶ) ମାସ। **କ୍ର.ସଂ.-୩।** **ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୩, ତାରିଖ: ୦୪।୦୯।୨୦୨୫।** **କାର୍ଯ୍ୟର ନାମ:** ଚକ୍ରଧରପୁର ମଣ୍ଡଳରେ ଏଲ୍‌ଭିସିଡି ଓ ଏମ୍‌ଏସ୍‌ଡିଏସି ଲାଗି କପର୍ ପ୍ଲେଟ୍ ଆର୍ଥିଂର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ:** ₹୨,୭୮,୫୬,୩୬୮.୫୦। **ଅମାନତ ରାଶି:** ₹୨,୮୯,୩୦୦। **ସମାପ୍ତି ଅବଧି:** ୦୯ (ନଅ) ମାସ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (PR-604)

# ଅର୍ଣ୍ଣବ ମିନି ସବ୍ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ

**ଇଷ୍ଟ ଜୋନ୍ ଇଭେଣ୍ଟରେ ଜୟଶଙ୍କୁ ସ୍ୱର୍ଣ୍ଣ**

ବଲାଙ୍ଗିର, ୮।୯ (ବୀରେନ୍ଦ୍ର କୁମାର ଖାଙ୍କର)

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ବାଲେଶ୍ୱରରେ ଆୟୋଜିତ ମିନି ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବଲାଙ୍ଗୀରର ପ୍ରତିଭାବାନ୍ ଖେଳାଳି ଅର୍ଣ୍ଣବ ସାହୁ ୯ ବର୍ଷ ବୟସ ବର୍ଗରେ ପୁଣି ଥରେ ଚାମ୍ପିୟନ ହୋଇଛନ୍ତି। ପ୍ରତିଯୋଗିତାରେ ବଲାଙ୍ଗୀର ଜିଲ୍ଲାରୁ ଖେଳାଳି ଭାଗ ନେଇଥିଲେ। ଅର୍ଣ୍ଣବ ଫାଇନାଲରେ ଶ୍ରୀହାନ ପଟ୍ଟନାୟକଙ୍କୁ ୨୧-୫, ୨୧-୧୨ରେ ହରାଇ ଦେଇଥିଲେ। ପ୍ରାୟ ୨ ମାସ ତଳେ ଅନୁଷ୍ଠିତ ଏକ ପ୍ରତିଯୋଗିତାରେ ସେ ମଧ୍ୟ ରାଜ୍ୟ ଚାମ୍ପିୟନ ହୋଇଥିଲେ। ଅନ୍ୟ ଖେଳାଳି ଜି. ଗୌତମ, ଅଦ୍ୱୈତ ବଳରାଜ କର ନିଜ ବିଭାଗରେ ଉନ୍ନତ ଖେଳ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିବା ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବଲାଙ୍ଗୀରର ଖେଳାଳି ସାଇ ଆୟୁଷ, ଶ୍ରାଦ୍ଧସ ପତି, ଅରୁଣ ମହାଣ, ସାଇ ଶଙ୍କର ପାଣ୍ଡୀ, ସମର୍ଥ ପାଣ୍ଡୀ ଉଲ୍ଲେଖଯୋଗ୍ୟ ଖେଳ ପ୍ରଦର୍ଶନ କରିଥିଲେ। ବଲାଙ୍ଗୀରର ଜୟଶ ଅଗ୍ରୱାଲ ଝାରଖଣ୍ଡର ଜାମସେଦପୁରଠାରେ ଆୟୋଜିତ ଇଷ୍ଟ ଜୋନ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍‌ର ଜୁନିୟର ବର୍ଗରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ମିକ୍ସ ଡବଲ୍‌ସରେ ନିଜ ସାଥୀ ସ୍ୱପ୍ନିୟା ପ୍ରଧାନଙ୍କ ସହ ଫାଇନାଲରେ ଉତ୍ତରାଖଣ୍ଡ ଖେଳାଳି ଗର୍ବ ସାହାଣୀ ଓ ଅନ୍ୟା ବିସ୍ତଙ୍କୁ ହରାଇ ସ୍ୱର୍ଣ୍ଣପଦକ ପାଇଛନ୍ତି।

# ଡୁମେରପାଲିରେ ଭାଗବତ ଜନ୍ମୋତ୍ସବ

ସୋହେଲା, ୮।୯ (ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଗର୍ଭଣା ପଞ୍ଚାୟତ ଡୁମେରପାଲି ଗ୍ରାମରେ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ସୋହେଲା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଉପେନ୍ଦ୍ର ମହାପାତ୍ର, ଅଧ୍ୟାପକ ସୁକୁମାର ଭୋଇ ପ୍ରମୁଖ ଯୋଗଦେଇ ସମ୍ବଲପୁରୀ ଭାଗବତ ରଚୟିତା ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସାଧନା ତଥା ତାଙ୍କ ସାରସ୍ୱତ ସୃଷ୍ଟି ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସମ୍ବଲପୁରୀ ଭାଗବତ ପ୍ରଚାର ପ୍ରସାର କରୁଥିବା ଡ. ଉପେନ୍ଦ୍ର ମହାପାତ୍ରଙ୍କୁ ସମ୍ବଲପୁରୀ ଭାଗବତ ସମ୍ମାନ ପ୍ରଦାନ କରାଯାଇଥିଲା। ସଭା କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ସାହୁ ସଂଯୋଜନା କରିଥିଲେ। ପ୍ରକାଶକ ବିକାଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗେର ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେବା ପୂଜା ନ କଲେ କାର୍ଯ୍ୟାନୁଷ୍ଠାନ

ସୋନପୁର, ୮।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରର ଐତିହାସିକ ମହାବଳି ଯାତ୍ରା ଆସନ୍ତା ୨୧ ତାରିଖ ଅମାବାସ୍ୟାରୁ ଆରମ୍ଭ ହେବ। ୧୫ଦିନ ଧରି ଏହା ଚାଲିବ। ରାଜାରାଜୁଡ଼ା ଅମଳରୁ ଚାଲି ଆସିଥିବା ମହାବଳି ଯାତ୍ରା ଓ ଦଶହରା ପୂଜା ପାଇଁ ସୋମବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଡ. ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ। ରାଜ ପୁରୋହିତ ଦୀପକ କୁମାର ପୁରୋହିତ ବିଭିନ୍ନ ପୂଜା ଓ ବଳି ଯାତ୍ରାର ସମୟ ନିର୍ଘଣ୍ଟ ତାଲିକା ବୈଠକରେ ଉପସ୍ଥାପନ କରିଥିଲେ। ସହରର ଅଷ୍ଟଚଣ୍ଡୀଙ୍କ ପୀଠରେ ଦଶହରା ପୂଜା ଓ ବଳିଯାତ୍ରା ଆୟୋଜନ ନେଇ ଆଲୋଚନା ହୋଇଥିଲା। ଚୌହାଣ ରାଜାମାନଙ୍କ ଶାସନ ସମୟରୁ ଏଠାରେ ଶାରଦୀୟ ବଳିଯାତ୍ରା ହୋଇଆସୁଛି। ଯାତ୍ରାରେ ପୁରୋହିତ, ବରୁଆ, ଖମ୍‌ସିରିଆ, ଡାଙ୍ଗୁଆ, ମହୁରିଆ, ଚାରଘରିଆ, ଢୁଲିଆ, ମଶାଲତା, ଗାଏନ, ଛତ୍ରିଆ, ଛିପି, ଥନାପତି, ମାଳୀ, ଭଣ୍ଡାରୀ, ଢୁଲିଆ ଓ କୁମ୍ଭାର ଆଦି ୩୬ଟି ସମ୍ପ୍ରଦାୟର ସେବାୟତମାନେ ଅଂଶଗ୍ରହଣ କରିଥାନ୍ତି। ଅମାବାସ୍ୟା(ମହାଳୟା) ଠାରୁ କାର୍ତ୍ତିକ କୃଷ୍ଣପକ୍ଷ ପ୍ରତିପଦ ପର୍ଯ୍ୟନ୍ତ ବିଭିନ୍ନ ଶକ୍ତିପୀଠରେ ଏହି ଯାତ୍ରା ଆୟୋଜନ ହେବ। ତେଣୁ ଯାତ୍ରାକୁ ଭଲ ଭାବେ ଆୟୋଜନ କରିବା ପାଇଁ ଦୋବୋତ୍ତର କମିଟିର ସଭ୍ୟ, ସେବାୟତ, ବରୁଆ, ପୂଜକ ଓ ବୁଦ୍ଧିଜୀବୀମାନେ ମତ ରଖିଥିଲେ। ବଳିଯାତ୍ରାରେ ସେବାପୂଜା ପାଇଁ ସୋନପୁର ରାଜା ସେବାୟତଙ୍କ ପାଇଁ ପର୍ଯ୍ୟାପ୍ତ ଜମିର ବ୍ୟବସ୍ଥା କରିଛନ୍ତି। ବିନିକା ବ୍ଲକ ସକ୍‌ମା ଗାଁର ସେବାୟତଙ୍କୁ ବଳିଯାତ୍ରାରେ ସେବାକାର୍ଯ୍ୟ ପାଇଁ ରାଜା ୫୦୦ଏକରରୁ ଊର୍ଦ୍ଧ୍ୱ ଜମି ପ୍ରଦାନ କରିଛନ୍ତି। ଏହି ଜମିରେ ଖରିଫ ଓ ରବିରେ ଧାନ ଚାଷ ହେଉଛି। ତେବେ ଦୀର୍ଘ ବର୍ଷ ହେବ ସେବାୟତମାନେ ବଳିଯାତ୍ରାରେ ଅସହଯୋଗ କରୁଥିବା ବୈକୁଣ୍ଠନାଥ ଶତପଥୀ, ପ୍ରମୋଦ ମହାପାତ୍ର ଓ କ୍ଷେତ୍ରଦେବ ମେହେର ପ୍ରମୁଖ ଅଭିଯୋଗ କରିଥିଲେ। ସେହିପରି ପ୍ରସ୍ତୁତି ବୈଠକରେ ଉପସ୍ଥିତ ରହିବା ପାଇଁ ବିନିକା ତହସିଲଦାରଙ୍କ ପକ୍ଷରୁ ଦିଆଯାଇଥିବା ନୋଟିସକୁ ସେମାନେ ଗ୍ରହଣ କରିନଥିବା ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ସୌମ୍ୟରୂପା ରଥ ପ୍ରକାଶ କରିଥିଲେ। ଏହା ବେଆଇନ କାର୍ଯ୍ୟ ହୋଇଥିବାରୁ ସମ୍ପୃକ୍ତ ସେବାୟତଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ବଳିଯାତ୍ରା ପାଇଁ ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଡିଏସ୍‌ପି ବୈକୁଣ୍ଠ ବିହାରୀ ସେଠ୍, ସୋନପୁର ବିଡିଓ ସଞ୍ଜିବ୍ କୁମାର ସାହୁ, ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶୈଳେଶ କୁମାର ଢେଲ୍‌କି, ଡିଆଇପିଆରଓ ଅର୍ଜୁନ ମାଝୀ, ପୌର ନିର୍ବାହୀ ଅଧିକାରୀ ଋଷି ମାଝୀ, ସହକାରୀ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ, ଶ୍ରୀବତ୍ସ ମଲ୍ଲିକ, ଦୀପକ କୁମାର ମହାପାତ୍ର, ଅଚ୍ୟୁତ ପୂଜାହାରୀ, ଲଡ୍ଡୁକିଶୋର ମଲ୍ଲିକ ଓ ଜନ୍ମେଜୟ ପାତ୍ର ଶୃଙ୍ଖଳିତ ବଳିଯାତ୍ରା ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ, ଦେବୋତ୍ତର ଅଧିକାରୀ, ସେବାୟତ ଓ ବରିଷ୍ଠ ନାଗରିକ ମାନେ।

## ସୁବର୍ଣ୍ଣପୁରର ପ୍ରସିଦ୍ଧ ବଳିଯାତ୍ରା ପାଇଁ ପ୍ରସ୍ତୁତି
## ୨୧ରୁ ଆରମ୍ଭ ହେବ ମହାବଳି ଯାତ୍ରା


# OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA

Plot No- GD 2/12, 5th FLOOR, ARANYA BHAWAN, CHANDRASEKHARPUR, BHUBANESWAR, PIN-751023,
Tel. Phone No. 0674-2300916, E-mail Id:- pccfkldak@gmail.com
Notice No. 60 / 3KL (AC) 08/2023
Dated, Bhubaneswar the 08th September, 2025

**ABRIDGED TENDER CALL NOTICE FOR HIRING OF PRIVATE VEHICLE**

Sealed Tenders are invited from interested Travel Agencies for providing **2 Nos. of Swift Dzire (Petrol)** for official use on Hiring in the Office of the Principal Chief Conservator of Forests, Kendu Leaves, Odisha on terms & conditions mentioned in the Standard Bidding Document. Detailed terms & conditions can be collected from the O/o- the Principal Chief Conservator of Forest, (KL), Odisha. The last date of submission of the Tender is 16.09.2025 up to 1.30 P.M., and to be opened on **17.09.2025** at 4.00 P.M.

Sd./- Dy. Conservator of Forests-cum-DDO (KL)
O/o. The P.C.C.F.(KL), Odisha, BBSR

# GOVERNMENT OF ODISHA
# OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA

(E-mail ID : eemirgd@ymail.com)

**NOTICE INVITING TENDER**
e-Procurement Notice
e-Procurement Notice No. **SEMIDRGD-02/2025-26**
**Letter No.2924 Dated. 06.09.2025**

**No.A-590** : The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Improvement to 2 Nos. of MIPs under ERM, 01 No. of MIP under DPIW in Bissamcuttack Block of Rayagada District and construction of 01 No. of new Check Dam in Rayagada Block of Rayagada District under MATY for the year 2025-26.
2. Total Number of works : 04 (Four) Nos.
3. Estimated cost : Approximately varies from Rs.16.78 lakh to Rs.44.75 lakh
4. Period of completion : Varies from 90 (Ninety) to 150 (One Hundred Fifty Days)
5. Class of Contractor : "D", "C" & "B" Class Contractor
6. Date and time of availability of bid documents in the portal : From 10.00 A.M. of 11.09.2025 to 5.00 P.M. of 20.09.2025
7. Last date/time for receipt of bids in the portal : 5.00 P.M. on 20.09.2025
8. Date of opening of bid : At 11.00 A.M. on 22.09.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website : www.tendersorissa.gov.in

Sd./- Superintending Engineer
M.I. Division, Rayagada
OIPR-32524/11/0025/2526

# वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

**लापता: आवश्यक सूचना**



गुमशुदा मंगल अब्राहम पूर्ति उम्र–73 वर्ष

सर्व साधारण को सूचित किया जाता है कि आवेदन सैमसन पूर्ति के द्वारा अपने पिता मंगल अब्राहम पूर्ति उम्र–73 वर्ष की गुमशुदगी के संबंध में संबंधित थाना सिदगोड़ा में लिखित आवेदन दिये हैं। आवेदन में इनके द्वारा बताया गया कि गुमशुदा मंगल अब्राहम पूर्ति उम्र–73 वर्ष, पिता–स्व0 सनातन पूर्ति, सा0–म0सं0–बी/79, आजाद पथ, जोन नं0–10, बिरसानगर, पो0–बारीडीह, थाना–सिदगोड़ा, जिला–पूर्वी सिंहभूम, जमशेदपुर जो दिनांक–29.08.2025 की दोपहर समय–करीब 04:00 बजे घर से अयंत्र कहीं चले गये हैं और आज तक वापस नहीं आये हैं। अधिक उम्र की वजह से उन्हे सोचने समझने में दिक्कत और सुनने में लाचार होने की समस्या है। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा का हुलिया निम्न प्रकार है :–ऊचाई–करीब 05 फीट, रंग–सांवला, बाल–सफेद, पहनावा–सफेद में नीला धारी वाली हाफ सर्ट, काला पैंट, पैर में चप्पल पहने हुए।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, (मु0–01) | : 9431706481 |
| थाना प्रभारी, सिदगोड़ा | : 9431706508 |

वरीय पुलिस अधीक्षक
पूर्वी सिंहभूम, जमशेदपुर
PR 361288 Police (25-26)_D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

# ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
## ସାମଗ୍ରୀ ପ୍ରବନ୍ଧନ ବିଭାଗ

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୫/୩୯, ତାରିଖ: ୦୨-ସେପ୍ଟେମ୍ବର-୨୦୨୫

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୩୧୦ | ବିଓଏକ୍ସଏନ୍ ଏଚ୍‌ଏଲ୍ ୱାଗନ ପାଇଁ ବଗି ସେଣ୍ଟର ପାଇଭଟ୍ ବଟମ୍ ଆରଡିଏସ୍‌ଓ ଡ୍ରଇଂ. ନଂ. ଡବ୍ଲ୍ୟୁଡି–୯୭୦୪୯–ଏସ୍–୦୩, ସାମଗ୍ରୀ ନଂ.୦୧, ଅଲ୍ଟ. ୧୧ ଅନୁରୂପ । | ୧୯।୦୯।୨୦୨୫ ୧୦.୩୦ ଘଟିକାରେ | ୧୨୪୬ ଗୋଟି |
| ୨ | ୦୩୨୫୨୬୮୩ଏ | ଡ୍ରାଫ୍ଟ ଗିୟର୍ ସମେତ ଡ୍ରାଫ୍ଟ ଗିୟର ଫଲୋଅର, ଆରଡିଏସ୍‌ଓ ଡ୍ରଇଂ ନଂ. ଡବ୍ଲ୍ୟୁଡି–୮୧୦୧୦–ଏସ୍–୦୩, ଅଲ୍ଟ. ୧୩ ଅନୁଯାୟୀ । | ୧୯।୦୯।୨୦୨୫ ୧୦.୩୦ ଘଟିକାରେ | ୪୩୫୦ ଗୋଟି |
| ୩ | ୦୨୨୫୧୭୪୧ | ୩ ଫେଜ୍ ଲୋକୋ ପାଇଁ ୭୦ ବ୍ରେକ୍ ସିଷ୍ଟମର ଇମର୍ଜେନ୍ସି ଏକ୍‌ଜଷ୍ଟ ଭାଲ୍‌ଭ ନିମନ୍ତେ ମେଣ୍ଟେନାନ୍ସ କିଟ୍ ସେଟ୍ | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୩୩୧ ସେଟ୍ |
| ୪ | ୦୨୨୫୪୨୭୬ | ଏମ୍‌ଡିଏଲ୍ ପିଡବ୍ଲ୍ୟୁଆର୍ ୬୮୧୭ ସିଆର୍‌ଆଇଏଏ– ଅକ୍‌ଜିଲାରୀ କନ୍‌ଭର୍ଟର ପାଇଁ ରେକ୍ଟିଫାୟାର୍ | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୦୫ ଗୋଟି |
| ୫ | ୦୨୨୫୪୨୫୨ | ଡିସିୟୁ୨/ଏଚ୍‌ପିପି ୧୧୦ ଭି ଆଇସି୨୧ ପାଇଁ ପାୱାର ସପ୍ଲାଏ ପିଏସ୍‌ୟୁ | ୨୨।୦୯।୨୦୨୫ ୧୦.୩୦ ଘଟିକାରେ | ୪୪ ଗୋଟି |
| ୬ | ୦୩୨୫୩୧୬୫ଏ | ବିଓଏକ୍ସଏନ୍‌ଏସ୍ ୱାଗନଗୁଡ଼ିକର ଏଲ୍‌ଡବ୍ଲ୍ୟୁଏଲ୍‌ଏଚ୍ ୨୫ ଟନ୍ ବଗି ପାଇଁ ନେଷ୍ଟେଡ୍ ସ୍ନବର ସ୍ପ୍ରିଙ୍ଗ୍ ଆଉଟର୍ ଓ ଇନର୍ ସେଟ୍ | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୯୭୯ ସେଟ୍ |
| ୭ | ୦୬୨୫୦୧୦୯ସି | ୬୦ କିଗ୍ରା ରେଲ୍ ୧ ଇନ୍ ୮.୫ ପାଇଁ ଫ୍ୟାନ୍ ଶେପ୍‌ଡ ଟର୍ନଆଉଟ୍ ନିମନ୍ତେ ୬ ମିମି ମୋଟା ନାଇଲନ୍ କର୍ଡ ରିଇନ୍‌ଫୋର୍ସଡ୍ ଗ୍ରୁଭଡ଼ ରବର ସୋଲ ପ୍ଲେଟ୍‌ର ବିନିର୍ମାଣ ଓ ଯୋଗାଣ | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୧୪୮୨ ସେଟ୍ |
| ୮ | ୦୨୨୫୩୮୭୭ | ଡିଫରେନ୍ସିଆଲ୍ ଗେଜ୍ ପାଇଁ ଗେଜ୍ (ଏୟାର୍ ଫ୍ଲୋ ଇଣ୍ଡିକେଟର୍) | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୩୩୭ ଗୋଟି |
| ୯ | ୦୨୨୫୧୭୯୪ | "ଏୟାର୍ ଲାଇନ୍ ସିଭ୍ ପାଇଁ ମେଣ୍ଟେନାନ୍ସ କିଟ୍ ସେଟ୍" | ୨୨।୦୯।୨୦୨୫ ୧୦.୩୦ ଘଟିକାରେ | ୧୨୫ ସେଟ୍ |
| ୧୦ | ୦୩୨୫୨୦୨୧ | କ୍ୟାସନବ୍ ବଗି ପାଇଁ ବ୍ରେକ୍ ୱେର୍ ପ୍ଲେଟ୍ (ପକେଟ୍ ଲାଇନର୍) | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୨୯୮୧୫ ଗୋଟି |
| ୧୧ | ୦୨୨୫୧୭୮୪ବି | ୨୧ ଟିଥ୍ ଶାଫ୍ଟ ପିନିୟନ୍" | ୨୨।୦୯।୨୦୨୫ ୧୦.୩୦ ଘଟିକାରେ | ୩୧୩ ଗୋଟି |
| ୧୨ | ୦୬୨୫୫୦୮୨ | ୦୫ (ପାଞ୍ଚ) ଟନ କ୍ଷମତାର ଡିଜେଲ ହାଇଡ୍ରଲିକ୍ ରେଳ କ୍ରେନ୍‌ର ଡିଜାଇନ୍, ବିନିର୍ମାଣ, ଯୋଗାଣ ଓ ଉତ୍ଥାନ, ତାହାକୁ ରେଳବାଇ ଦ୍ୱାରା ଯୋଗାଣ କରାଯାଇଥିବା ବ୍ରଡ୍ ଗେଜ୍ ୱାଗନରେ ମାଉଣ୍ଟିଂ । | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୦୨ ଗୋଟି |
| ୧୩ | ୦୫୨୫୫୧୯୫ | ସିଗ୍‌ନାଲିଂ ଓ ଟେଲିକମ୍ ସ୍ଥାପନା ପାଇଁ ଅଣ୍ଡରଗ୍ରାଉଣ୍ଡ ଜେଲି ଫିଲ୍‌ଡ କ୍ୱାଡ୍ କେବୁଲ, ଆକାର: ୬ କ୍ୱାଡ୍ x ୦.୯ ମିମି ବ୍ୟାସ, ଆରଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂ. ଆଇଆର୍‌ଏସ୍:ଟିସି–୩୦/୨୦୦୫ (ସଂସ୍କରଣ ୧) ସଂଶୋଧନ ନଂ. ୧ରୁ ୫ କିମ୍ବା ସର୍ବଶେଷ ସଂଶୋଧନ । | ୨୩।୦୯।୨୦୨୫ ୧୦.୩୦ ଘଟିକାରେ | ୧୫୯୪ କେଏମ୍‌ଏସ୍ |
| ୧୪ | ୦୬୨୫୧୦୩୯ବି | ୬ ମିଟର ୩୨ ମିମି ଏନ୍‌ବି x ହେଭି ଡ୍ୟୁଟି ବାହ୍ୟ ବ୍ୟାସ ଦୈର୍ଘ୍ୟରେ ଏଏସ୍‌ଟିଏମ୍–ଏ ୩୧୨ ସିଡ୍ୟୁଲ୍ ୪୦ଏସ୍ ଜିଆର୍.ଟିପି ୩୦୪ (ସିମ୍‌ଲେସ୍) ଅନୁଯାୟୀ ଷ୍ଟେନଲେସ୍ ଷ୍ଟିଲ୍ ସିମ୍‌ଲେସ୍ ପାଇପର ସଂଗ୍ରହଣ । | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୧୪୭୫୦ ମିଟର |
| ୧୫ | ୦୬୨୫୦୦୮୨ | "୧୦୧୨୫ ମିମି ମୋଟା ୱେଭ୍ ସୁଇଚ୍–୬୦ କିଗ୍ରା ୧ ଇନ୍ ୧୨"ର ଯୋଗାଣ ପାଇଁ ରନିଂ ଠିକା । | ୨୩।୦୯।୨୦୨୫ ୧୦.୩୦ ଘଟିକାରେ | ୮୨୦ ସେଟ୍ |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

ଏମ୍‌ଏମ୍/II
ପିସିଏମ୍‌ଏମ୍, ଦ.ପୂ.ମ. ରେଳପଥ, ବିଳାସପୁରଙ୍କ ପାଇଁ
CPR/10/AM/302
South East Central Railway | @secrail

# ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ
# Airports Economic Regulatory Authority of India (AERA)

ଭାରତ ସରକାର/Government of India
୩ୟ ମହଲା, ଉଡ଼ାଣ ଭବନ, ସଫଦରଜଙ୍ଗ ବିମାନବନ୍ଦର, ନୂଆଦିଲ୍ଲୀ - ୧୧୦୦୦୩
ଫୋନ୍: ୦୧୧-୨୪୬୯୫୦୪୪

**ସର୍ବସାଧାରଣ ବିଜ୍ଞପ୍ତି**

**ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ସେବା ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଗୁଣବତ୍ତା, ନିରନ୍ତରତା ଏବଂ ବିଶ୍ୱସନୀୟତାର ପ୍ରଦର୍ଶନ ମାନକ ପ୍ରସ୍ତୁତି ନିମନ୍ତେ ଅଂଶଧାରକଙ୍କ ପରାମର୍ଶ ବୈଠକ**

ଏଇଆର୍‌ଏ ଅଧିନିୟମ, ୨୦୦୮ର ଧାରା ୫୧(୨)(ଚ)ର ବ୍ୟବସ୍ଥା ଅନୁଯାୟୀ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ସେବା ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଗୁଣବତ୍ତା, ନିରନ୍ତରତା ଏବଂ ବିଶ୍ୱସନୀୟତାର ପ୍ରଦର୍ଶନ ମାନକ ପ୍ରସ୍ତୁତି ନିମନ୍ତେ ନିୟମାବଳୀ ପ୍ରସ୍ତୁତି ପ୍ରକ୍ରିୟାରେ ଅଛନ୍ତି । ଏ ସଂକ୍ରାନ୍ତରେ ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ (ଏଇଆର୍‌ଏ) ତା୧୮।୦୮।୨୦୨୫ରିଖରେ ଏକ ପରାମର୍ଶ ପତ୍ର ସଂ. ୦୩/୨୦୨୫-୨୬ ଜାରି କରିଛନ୍ତି, ଯେଉଁଥିରେ ପ୍ରସ୍ତାବିତ ପ୍ରଦର୍ଶନ ମାନକ ସମେତ ତାହାର ତତ୍ତ୍ୱାବଧାନ ପ୍ରଣାଳୀ ରହିଛି (ଯାହା ଏଇଆର୍‌ଏ ୱେବ୍‌ସାଇଟ୍‌ରେ ୟୁଆର୍‌ଏଲ୍ https://aera.gov.in ରେ ଉପଲବ୍ଧ) ।

ପରାମର୍ଶ ପତ୍ରରେ ସମ୍ମିଳିତ ରହିଥିବା ବିଭିନ୍ନ ପ୍ରସ୍ତାବଗୁଡ଼ିକୁ ଅଂଶଧାରକଙ୍କ ବିଚାର ପାଇଁ ଉପସ୍ଥାପନ କରାଯାଇଛି । ଏ ସଂକ୍ରାନ୍ତରେ ୧୦ ସେପ୍ଟେମ୍ବର, ୨୦୨୫ ଅପରାହ୍ନ ୦୧.୩୦ ଘଟିକାରେ ହାଇବ୍ରିଡ୍ ପଦ୍ଧତି (ଫିଜିକାଲ/ଅନଲାଇନ୍)ରେ ଏକ ଅଂଶଧାରକ ବୈଠକ ନିମ୍ନଲିଖିତ ସ୍ଥାନରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଛି:

**ଇଣ୍ଡିଆନ୍ ଆଭିଏଶନ୍ ଏକାଡେମୀ, ବସନ୍ତ କୁଞ୍ଜ, ନୂଆଦିଲ୍ଲୀ -୧୧୦୦୭୦ ।**

ବିମାନବନ୍ଦର ପରିଚାଳକ, ଏୟାରଲାଇନ୍ସ, ଯାତ୍ରୀ/ଯାତ୍ରୀ ସଂଘ, ସର୍ବସାଧାରଣ, ଶିଳ୍ପ ସଂଘ/ନିକାୟ, କାର୍ଗୋ, ଗ୍ରାଉଣ୍ଡ ହ୍ୟାଣ୍ଡଲିଂ, ଫୁଏଲ୍ ଫାର୍ମ ପାଇଁ ସ୍ୱାଧୀନ ସେବା ପ୍ରଦାନକାରୀ ଭଳି ସମସ୍ତ ଅଂଶଧାରକଙ୍କୁ ଉକ୍ତ ବୈଠକରେ ଯୋଗ ଦେଇ ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ସେବା ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଗୁଣବତ୍ତା, ନିରନ୍ତରତା ଏବଂ ବିଶ୍ୱସନୀୟତାର ପ୍ରଦର୍ଶନ ମାନକ ପ୍ରସ୍ତୁତି ନିମନ୍ତେ ଉପରୋକ୍ତ ପରାମର୍ଶ ପତ୍ର ଉପରେ ସେମାନଙ୍କର ମୂଲ୍ୟବାନ ମତାମତ/ମନ୍ତବ୍ୟ/ଦୃଷ୍ଟିକୋଣ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଉଛି ।

ଅନ୍‌ଲାଇନରେ ଯୋଗ ଦେବା ପାଇଁ ଇଚ୍ଛୁକ ଅଂଶଗ୍ରହଣକାରୀଙ୍କ ପାଇଁ ଅଂଶଧାରକ ବୈଠକ ପୂର୍ବରୁ ଏଇଆର୍‌ଏ ୱେବ୍‌ସାଇଟ୍ (https://aera.gov.in)ରେ "ନ୍ୟୁଜ୍ ଆଣ୍ଡ ଆନାଉନ୍ସମେଣ୍ଟସ" ଟ୍ୟାବ୍ ଅଧୀନରେ ଲିଙ୍କ୍ ଉପଲବ୍ଧ ହେବ ।

CBC 03112/12/0008/2526 | ସ୍ୱା./- ସଚିବ, ଏଇଆର୍‌ଏ

# OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

No.O-705
E_mail ID : serw_balasore@yahoo.in, Ph No - 06782/260318, Balia, Balasore

**"e"-Procurement Notice for Road Work**
**Identification No. - Online Tender - Road N.C.B. No. 28 for 2025-26**
**Letter No. : 3075 Dt. : 02.09.2025**

1. Name of the work : **(MMSY-Improvement to existing RD road)**, 2. Total No. of work : **06 Nos. of work**, 3. Estimated Cost : As per annexure, 4. Eligible Class of Contractor : As per annexure, 5. Period of Completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 28 of 2025-26 | 10.09.2025 at 11.00 A.M. | 25.09..2025 up to 5.00 P.M. | 24.09.2025 up to 5.00 P.M. | 26.09.2025 at 11.00 A.M. | Will be intimated later |

● Further details can be seen from the website : www.tendersodisha.gov.in

Sd./- Chief Construction Engineer, R.W. Circle, Balasore
OIPR-25105/11/0079/2526

# INTEGRATED TRIBAL DEVELOPMENT AGENCY, PARALAKHEMUNDI, GAJAPATI, PARALAKHEMUNDI, DIST. : GAJAPATI, ODISHA

Phone/Fax : 06815-222207, Email Id : itdapla@gmail.com

No.CAD-1686 **E-Procurement Notice No - ITDAPKD/04/2025-26**

1. Type of Work : Civil Work (Buildings) 57 Nos.
2. Form of Contract : Percentage Rate
3. Class of Contractor : As mentioned in DTCN
4. Bid Cost : As mentioned in DTCN
5. Time for completion : As per DTCN

| Procurement Officer | E-Procurement Notice No. | Availability of Tender on-line for bidding | | Date & Time of Opening of Tender |
|---|---|---|---|---|
| | | From | To | |
| Project Administrator, ITDA, Paralakhemundi | ITDAPKD/04/2025-26 | 12.09.2025 (10.00 Hours) | 22.09.2025 (17.30 Hours) | 23.09.2025 At 11.00 hours |

Further details can be seen from the website : www.tendersorissa.gov.in. The authority reserves the right to reject any or all the tenders without assigning any reason thereof.

Sd./- Project Administrator, ITDA, Paralakhemundi
OIPR-26078/11/0004/2526

# NATIONAL COMPETITIVE BIDDING THROUGH E-PROCUREMENT

Tel. No. 06752222092, e-mail id : eerwpuri@gmail.com
**TCN NO. TENDER ONLINE - 08 OF 2025-26**
**No.7556 /Dt. 01.09.2025**

**No.O-687** : The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 2 Nos. of work for the year 2025-26 in the District of Puri.
1. Total No. of works : **2 Nos.**, 2. Tender cost of packages : Amount varies from **Rs.57.47 lakh to Rs.58.74**, 3. Class of contractor : **As per DTCN**, 4. Period of completion : **6 (Six) Calendar months**, 5. Period of availability of tenders on-line/Date & time of bidding on-line/last date of seeking calrification/Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-08 | 10.09.2025 at 11.00 A.M. | 24.09.2025 up to 5.00 P.M. | 23.09.2025 up to 01.30 P.M. | 25.09.2025 at 12.00 Noon Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in".

Sd./- Superintending Engineer, R.W. Division, Puri
OIPR-25065/11/0028/2526

# यूनियन बैंक ऑफ इंडिया Union Bank of India

भारत सरकार का उपक्रम | A Government of India Undertaking

 କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।** ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ପଟିଆ ଶାଖା /** ଋଣଗ୍ରହୀତା: ମେସର୍ସ କେବିବି ଫୁଡ୍ ପ୍ରଡକ୍ଟସ୍ ପ୍ରା. ଲିଃ., ନିର୍ଦ୍ଦେଶକ: ଶେଖ୍ ମହମ୍ମଦ ସାଦିକ୍, ପିତା: ଶେଖ୍ ଅବ୍‌ଦୁଲ ରଉଫ୍, ଠିକଣା-୧: ସା: ପ୍ଲଟ୍ ନଂ.: ୪୧୪/୪୩୬୬, ବଜରଙ୍ଗ ବିହାର, ପଟିଆ, ପୋ: କିଟ୍ କ୍ୟାମ୍ପସ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୧୦୨୪, ଠିକଣା-୨: ସା: ପ୍ଲଟ୍ ନଂ.: ୨୫, ଖାତା ନଂ.: ୩୧/୬୩, ମୌଜା: ରାମେଶ୍ୱର, ତହସିଲ: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା / ନିର୍ଦ୍ଦେଶକ/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନେ: ୧) ଶେଖ୍ ମହମ୍ମଦ ସାଦିକ୍, ପିତା: ଶେଖ୍ ଅବ୍‌ଦୁଲ ରଉଫ୍, ୨) ସାଇରା ବିବି, ସ୍ୱାମୀ: ଶେଖ୍ ଅବ୍‌ଦୁଲ ରଉଫ୍, ୩) ଶେଖ୍ ଅବ୍‌ଦୁଲ ରଉଫ୍, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୪୧୪/୪୩୬୬, ବଜରଙ୍ଗ ବିହାର, ପଟିଆ, ପୋ: କିଟ୍ କ୍ୟାମ୍ପସ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୧୦୨୪ | ଟ.୮୨,୨୯,୦୮୨.୬୩ + ସେବାବଦ ସୁଧ | ୨୬.୦୫.୨୦୨୫ / ୦୬.୦୯.୨୦୨୫ | **ସମ୍ପତ୍ତି-୧: ସାଇରା ବିବିଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୧/୬୩, ପ୍ଲଟ୍ ନଂ.: ୨୫, **ମୋଟ ଜମିର କ୍ଷେତ୍ର: ଏକର ୦.୧୭୯ ଡିସିମିଲି (୭୭୯୭ ବର୍ଗଫୁଟ)**, ମୌଜା: ରାମେଶ୍ୱର, ଥାନା: ଟାଙ୍ଗି (ନଂ.: ୧୪୭), ତହସିଲ: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୨୦, ସମ୍ପତ୍ତିର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୩୯ ଏବଂ ୩୮, ଦକ୍ଷିଣ: ପ୍ଲଟ୍ ନଂ.: ୨୬ ଏବଂ ୨୦/୨୦୧ (ଶେଖ୍ ଅବ୍‌ଦୁଲ ରଉଫ୍), ପୂର୍ବ: ପ୍ଲଟ୍ ନଂ.: ୩୮, ପଶ୍ଚିମ: ପ୍ଲଟ୍ ନଂ.: ୨୦/୨୦୧ ଏବଂ ପ୍ଲଟ୍ ନଂ.: ୨୪ ଓ ୨୦/୨୦୧ ଉପରେ ଥିବା ରାସ୍ତା, **ସମ୍ପତ୍ତି-୨: ସାଇରା ବିବିଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୩୧/୧୬, ପ୍ଲଟ୍ ନଂ.: ୨୦/୨୦୧, କ୍ଷେତ୍ର: ଏକର ୦.୦୪୨ ଡିସିମିଲି, ଅନୁରୂପ ଖାତା ନଂ.: ୪, ପ୍ଲଟ୍ ନଂ.: ୨୦, ମୌଜା: ରାମେଶ୍ୱର, ତହସିଲ/ଥାନା: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା |
| **ଶହୀଦ ନଗର ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ଶ୍ରୀମତୀ ସସ୍ମିତା ପରିଜା, ୨) ଶ୍ରୀ ଓମ୍‌ପ୍ରକାଶ ଭବାନୀଶଙ୍କର ପରିଜା, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍/୧୨୫, ପୋ: ଭିଏସ୍‌ଏସ୍ ନଗର, ବାଣୀ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୭ / ଗ୍ୟାରେଣ୍ଟିଦାତା: ଶ୍ରୀ ରବି ନାରାୟଣ ଆଚାର୍ଯ୍ୟ, ଠିକଣା-୧: କ୍ୱାର୍ଟର ନଂ.: ଏଚ୍‌ସି ୩୪, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର-୭୫୧୦୦୭, ଠିକଣା-୨: ସା/ପୋ: ପିପଳମାଧବ, ଭାୟା: ତିରଣ, ପୋ: ତିର୍ତ୍ତୋଲ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍-୭୫୪୧୩୭ | ଟ.୧୨,୩୫,୫୬୦.୮୮ + ସେବାବଦ ସୁଧ | ୦୫.୦୪.୨୦୨୫/ ୦୬.୦୯.୨୦୨୫ | ବାସୋପଯୋଗୀ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡବ୍ଲ୍ୟୁଏସ୍ ଓଏସ୍‌ଏଚ୍‌ବି ନଂ.: ଏଲ୍/୧୨୫, ହାଉସିଂ ସ୍କିମ୍ ଫେଜ୍-୨, ଭିଏସ୍‌ଏସ୍ ନଗର, ମୌଜା: ଗାଡକଣ, ତହସିଲ: ଭୁବନେଶ୍ୱର, ଡିଏସ୍‌ଆର୍: ଭୁବନେଶ୍ୱର ଅଧୀନ, ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଡ୍ରଇଂ ନଂ.: ବିଏସ୍/୧-୦୧/ପିସି, କ୍ଷେତ୍ର: ୬୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଖୋଲା ସ୍ଥାନ, ପୂର୍ବ: ହାଉସ୍ ନଂ.: ଏଲ୍/୧୨୪, ପଶ୍ଚିମ: ହାଉସ୍ ନଂ.: ଏଲ୍/୧୨୬ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୮.୦୯.୨୦୨୫
ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/ E-Tender/68, ତା.03.09.2025ରିଖ

(1) ଟେଣ୍ଡର ସଂ. e-tenderNorthKUR 235-2025, ତା.28.08.2025ରିଖ
**ବିବରଣୀ :** ନୟାଗଡ଼ ଏବଂ ଟାଙ୍ଗିରିଆ ପାକ ମଧ୍ୟରେ ଥିବା ବିଭିନ୍ନ ଷ୍ଟେସନରେ କଲୋନି ରାସ୍ତା, ଷ୍ଟେସନ ଆପ୍ରୋଚ୍ ରାସ୍ତା ଏବଂ ସର୍କୁଲେଟିଂ ଅଞ୍ଚଳଗୁଡ଼ିକର ମରାମତି, ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ କେନ୍ଦୁଝରଗଡ଼ ସେକ୍ସନ ଅଧୀନରେ ଗୋଆଲଡ଼ିହ ଷ୍ଟେସନ ଠାରେ ଏକ ଲନ୍‌ର ବିକାଶ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 204.44 ଲକ୍ଷ, EMD : ₹ 2,52,200.00

(2) ଟେଣ୍ଡର ସଂ. eTender-EastKUR 237-2025, ତା.29.08.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ନିମନ୍ତେ ହରିଦାସପୁରା ଡିପୋ ଠାରେ ମେସିନ୍ ଦ୍ୱାରା ଭଙ୍ଗା ଯାଇ ଥିବା 50 MM ଆକାରର 50,000 ଘନ ମିଟର କଠିନ ପଥର ବାଲାଷ୍ଟର ଯୋଗାଣ ଏବଂ ତାହାକୁ କୌଣସି ପ୍ରକାରର ରେଳବାଇ ୱାଗନରେ ବୋଝେଇ କରିବା କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 865.66 ଲକ୍ଷ, EMD : ₹ 5,82,800.00

(3) ଟେଣ୍ଡର ସଂ. eTender-NorthKUR 233-2025, ତା.29.08.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ [illegible] (28 MM) M-27 ଯୋଗାଇବା ଏବଂ ଲଗାଇବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 151.14 ଲକ୍ଷ, EMD : ₹ 2,25,600.00

(4) ଟେଣ୍ଡର ସଂ. eTender-SouthKUR 236-2025, ତା.29.08.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)ଙ୍କ ଅଧିକାରକ୍ଷେତ୍ର ଅଧୀନରେ ଥିବା ଖୋର୍ଦ୍ଧା ରୋଡ଼ - ପଲାସା ସେକ୍ସନ ମଧ୍ୟରେ ଫିଟିଂ ନବୀକରଣ ମାଧ୍ୟମରେ (TFR) ଏବଂ ଟର୍ଣ୍ଣଆଉଟ୍ ମାଧ୍ୟମରେ ଫିଟିଂ ନବୀକରଣ (TFRTO), 12ଟିରୁ ୧ଟି ଫ୍ୟାନ୍ ଆକୃତିର ଲେଆଉଟ୍‌ର ନବୀକରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 159.61 ଲକ୍ଷ, EMD : ₹ 2,29,800.00

**ଶେଷ ହେବା ଅବଧି :** 08 (ଆଠ) ମାସ (କ୍ରମ ସଂ. 1 ପାଇଁ), 15 (ପନ୍ଦର) ମାସ (କ୍ରମ ସଂ. 2 ପାଇଁ), 06 (ଛଅ) ମାସ (କ୍ରମ ସଂ. 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 4 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.09.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-566/Q/25-26

# ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳପଥ ପ୍ରବନ୍ଧକ/ଇଏନ୍‌ଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୧୨, ତାରିଖ: ୦୪।୦୯।୨୦୨୫ । କାର୍ଯ୍ୟର ନାମ:** ରାଜଖରସୁଆଁ–ସୋଣ୍ଡୀରି–ଗମ୍ହାରିଆ–ଟାଟାନଗର ସେକ୍ସନ ମଧ୍ୟସ୍ଥ ଫିଡର୍ ରୁଟ୍/୨୫ଟି ଏକ୍ସିଲ୍ ରୁଟ୍ କିମ୍ବା/ଜିଡି ରୁଟ୍‌ରେ ପୁଣିଂ ପଦ୍ଧତି କରିଆରେ ଆର୍‌ସିସି ବକ୍ସ ଦ୍ୱାରା ପଥର ପୋଲ (୩୦ ଗୋଟି)ଗୁଡ଼ିକୁ ପୁନଃ ନିର୍ମାଣ କରିବା । **ଟେଣ୍ଡର ମୂଲ୍ୟ:** ₹୩୬,୯୫,୯୭,୯୧୮.୧୧ । **ଇଏମ୍‌ଡି:** ₹୧୯,୯୮,୦୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ । **ଖୋଲାଯିବା ତାରିଖ:** ତା୦୬।୧୦।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-599)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ସିଗ୍ନାଲ ଓ ଟେଲିକମ୍ ଯନ୍ତ୍ରୀ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ଟେଣ୍ଡର ନଂ. ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକ **ତା୨୬।୦୯।୨୦୨୫ରିଖ ୧୫.୦୦ ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ ।** ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ.-୧ । ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୧, ତାରିଖ: ୦୪।୦୯।୨୦୨୫ । କାର୍ଯ୍ୟର ନାମ:** (i) ୧୦ଟି ଷ୍ଟେଶନଠାରେ ଗୁଡ୍‌ସ ଶେଡ୍ କିମ୍ବା ପବ୍ଲିକ୍ ସାଇଡିଂରେ ଆଇପି ଭିତ୍ତିକ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରିବା । (ii) ବିରାଜପୁରଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ । **ଟେଣ୍ଡର ମୂଲ୍ୟ:** ₹୭୦,୧୧,୬୨୭.୪୦ । **ଅମାନତ ରାଶି:** ₹୧,୪୦,୨୦୦ । **ସମାପ୍ତି ଅବଧି:** ୦୬ (ଛଅ) ମାସ । **କ୍ର.ସଂ.-୨ । ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୨, ତାରିଖ: ୦୪।୦୯।୨୦୨୫ । କାର୍ଯ୍ୟର ନାମ:** ଏସ୍‌ଏସ୍‌ଇ/ଟେଲି/ଡାଙ୍ଗୋଆପୋଷୀ ଅଧୀନରେ ପରିଚାଳନା ପାଇଁ ୧ ଗୋଟି ୧ ଟନ କ୍ଷମତା ବିଶିଷ୍ଟ ଟ୍ରକ୍‌ର ନିୟୋଜନ ପାଇଁ ଅବଶିଷ୍ଟ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୧୧,୮୭,୧୫୫.୭୦ । **ଅମାନତ ରାଶି:** ₹୨୩,୮୦୦ । **ସମାପ୍ତି ଅବଧି:** ୨୪ (ଚବିଶ) ମାସ । **କ୍ର.ସଂ.-୩ । ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୩, ତାରିଖ: ୦୪।୦୯।୨୦୨୫ । କାର୍ଯ୍ୟର ନାମ:** ଚକ୍ରଧରପୁର ମଣ୍ଡଳରେ ଏଲ୍‌ଭିସିଡି ଓ ଏମ୍‌ଏସ୍‌ଡିଏସି ଲାଗି କପର୍ ପ୍ଲେଟ୍ ଆର୍ଥିଂର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ:** ₹୨,୭୮,୫୬,୩୬୮.୫୦ । **ଅମାନତ ରାଶି:** ₹୨,୮୯,୩୦୦ । **ସମାପ୍ତି ଅବଧି:** ୦୯ (ନଅ) ମାସ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (PR-604)

**ଗଞ୍ଜେଇ ଜବତ, ଜଣେ ଗିରଫ**

ସୁନ୍ଦରଗଡ଼ (ଜୟ ନାରାୟଣ ମେଣ୍ଡୁଲି) : ଲେଫ୍ରିପଡା ଥାନା ପୋଲିସ କାସେଇଝରଣ ଘାଟିରେ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସୋନପୁର ଜିଲା ମେଣ୍ଢା ଗ୍ରାମର ବୃଷଭ ରଣା। ଏ ନେଇ ଲେଫ୍ରିପଡା ଥାନାରେ ଏକ ମାମଲା ନଂ. ୨୦୫/୨୫ ରୁଜୁ ହୋଇଛି। ବୃଷଭ ଓଡିଶା୧୬ଜି-୨୫୪୧ନମ୍ବର ବାଇକ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଜବତ ଗଞ୍ଜେଇର ପରିମାଣ ୪ କେଜି ୨୩କେଜି ଓ ଏହାର ଆନୁମାନିକ ମୂଲ୍ୟ ୪୨ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି ।



## ସଂକ୍ଷେପରେ

### ବାଇକ୍ ଧକ୍କାରେ ମହିଳା ମୃତ

**ବାଲିଶଙ୍କରା,୮।୯( ସତ ସେଠ୍):** କିଞ୍ଜିରକେଲା ଥାନା ଅନ୍ତର୍ଗତ କୁସୁମୁରା ପଞ୍ଚାୟତ ରାଇ ଗ୍ରାମର ଝିଲିମିଲ ପଡା ରାସ୍ତାରେ ବାଇକ୍ ଧକ୍କାରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳାହେଲେ ଝାଲେନମାଲ ଗ୍ରାମର ମୁକ୍ତିମା ଏକ୍କା(୩୩)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମୁକ୍ତିମା ସ୍ୱାମୀ ଆରବୀନ ଏକ୍କା(୩୮)ଙ୍କ ସହ ବାଇକ୍ ଯୋଗେ ରାଇ ସାପ୍ତାହିକ ବଜାରକୁ ଯାଇ ଗ୍ରାମକୁ ଫେରୁଥିଲେ। ଝିଲିମିଲ ପଡା ରାସ୍ତାରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ମୁକ୍ତିମା ରାସ୍ତାରେ ପଡିଯିବାରୁ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୁକ୍ତିମାଙ୍କ ମୃତ୍ୟୁ ଘଟିଥିଲା। କିଞ୍ଜିରକେଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଆଇସିଡିଏସ୍ ସୁପରଭାଇଜରଙ୍କ ବଦଳି

**ବଡ଼ଗାଁ,୮।୯(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ୧୮ ଟି ଅଙ୍ଗନୱାଡ଼ି କେନ୍ଦ୍ରର ଶିକ୍ଷୟିତ୍ରୀ ଓ ସହାୟିକା ବଡ଼ଗାଁ ସେକ୍ଟରର ସୁପରଭାଇଜର ସୁନନ୍ଦା ବରିହାଙ୍କ ବିରୋଧରେ ୨୦ଟି ଅଭିଯୋଗ କରି ତାଙ୍କ ଅଧୀନରେ କାମ କରିବୁ ନାହିଁ ବୋଲି ଦାବି ପତ୍ରରେ ଦର୍ଶାଇଥିଲେ। ସେପ୍ଟମ୍ବର ୭ ତାରିଖ ସୁଦ୍ଧା ବଦଳି ନ କଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ସେମାନେ ଏ ନେଇ ଜିଲା ସମାଜ କଲ୍ୟାଣ ଅଧିକାରୀ, ଉପ ଜିଲାପାଳ, ବଡ଼ଗାଁ ବିଡିଓ ଏବଂ ଥାନା ଅଧିକାରୀଙ୍କୁ ଲିଖିତ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହା ଉପରେ ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟର ମେମୋ ନମ୍ବର ୪୧୫୪ ତା ୬/୯/୨୦୨୫ ରେ ସୁପରଭାଇଜର ସୁନନ୍ଦା ବରିହାଙ୍କୁ ବାଲିଶଙ୍କରା ଆଇସିଡିଏସ ପ୍ରୋଜେକ୍ଟକୁ ବଦଳି କରାଯାଇଛି।

### ଜଗନ୍ନାଥ ମନ୍ଦିର ନୂତନ ପରିଚାଳନା କମିଟି ଗଠିତ

**ଲହୁଣୀପଡା,୮।୯(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଏକ ବୈଠକ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକର ସଭାପତି ଧନେଶ୍ୱର ମାହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନ୍ଦିର ପରିଚାଳନାକୁ ନେଇ ବିଭିନ୍ନ ବିଷୟରେ ଆଲୋଚନା କରିବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏକ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଭୃକୁଟୀ ମାହାନ୍ତ, ଉପସଭାପତି ଡିଲେଶ୍ୱର ମାହାନ୍ତ, ସମ୍ପାଦକ ଦୈତାରୀ ମାହାନ୍ତ, ଯୁଗ୍ମ ସମ୍ପାଦକ ଅଜୟ କୁମାର ମହାକୁଳ ଏବଂ ୧୨ଜଣ ସଦସ୍ୟା ସଦସ୍ୟଙ୍କ ସହ ୭ ଜଣ ଉପଦେଷ୍ଟା ମଣ୍ଡଳୀ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ଜଣାପଡ଼ିଛି।



ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଛାମୁଣ୍ଡା ଅଙ୍ଗନୱାଡି କେନ୍ଦ୍ରରେ ଅବ୍ୟବସ୍ଥା ଯୋଗୁ ପିଲାମାନେ ବାରଣ୍ଡାରେ ପାଠପଢୁଛନ୍ତି।

# ଭାଙ୍ଗିଯାଇଛି ଅଙ୍ଗନୱାଡି, ବାରଣ୍ଡାରେ ପଢୁଛନ୍ତି ପିଲା

**ଛାମୁଣ୍ଡା ଅଙ୍ଗନୱାଡି କେନ୍ଦ୍ର**

**ବଡ଼ଗାଁ,୮।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଛାମୁଣ୍ଡା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ଅବ୍ୟବସ୍ଥା ଘେରରେ ରହିଛି। ଶ୍ରେଣୀ ଗୃହ ନ ଥିବାରୁ କୋମଳମତି ଶିଶୁ ଅସୁରକ୍ଷିତ ଅବସ୍ଥାରେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଗ୍ରୀଷ୍ମ ଋତୁରେ ପିଲାମାନେ ଝାଞ୍ଜି ପବନରେ କଲବଲ ହୋଇଥାନ୍ତି। ବର୍ଷାଦିନେ ଛାମୁଣ୍ଡା ପ୍ରାଥମିକ ସ୍କୁଲର ଏକ କୋଠରିରେ ପଢ଼ାଯାଏ। ହେଲେ ସେହି ଶ୍ରେଣୀ କକ୍ଷରେ ମଧ ପାଣି ଝରୁଥାଏ। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୧୯୯୩ରେ ଛାମୁଣ୍ଡା ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଏହି କେନ୍ଦ୍ର ଭାଙ୍ଗିଯିବାରୁ ୨୦୨୦ରେ ଛାମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ ୪ ବର୍ଷ ବିତିଯାଇଥିଲେ ମଧ ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ର ବିଭାଗକୁ ହସ୍ତାନ୍ତର କରାଯାଇନାହିଁ। ଗ୍ରାମର ମହିଳାମାନେ ଏ ନେଇ ଗତ ୬ ମାସ ତଳେ ବିଡିଓଙ୍କୁ ଜଣାଇଥିଲେ। ଏହାପରେ ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ରରେ କେବଳ ରଙ୍ଗ ଲଗାଯାଇଥିଲା। କିନ୍ତୁ ବ୍ୟବହାର ଉପଯୋଗୀ କରି ନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଦିଆଗଲାନାହିଁ। ଏ ସମ୍ପର୍କରେ ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀ ଗୋମତୀ କିସାନଙ୍କୁ ପଚାରିବାରୁ ୪ ବର୍ଷ ହେଲା ନିର୍ମାଣ ହେଉଥିବା ନୂତନ କେନ୍ଦ୍ରର କିଛି କାମ ବାକି ଥିବା ଓ ହସ୍ତାନ୍ତର ହୋଇ ନ ଥିବାରୁ ସ୍କୁଲ ବାରଣ୍ଡାରେ ପିଲାଙ୍କୁ ପଢ଼ାଯାଉଛି ବୋଲି କହିଛନ୍ତି। ଏହି ସମସ୍ୟାର ଶୀଘ୍ର ସମାଧାନ ନ କଲେ ଆମେ ପିଲାଙ୍କୁ ବିପଦରେ ପକାଇବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ପଠାଇବୁ ନାହିଁ ବୋଲି ଗ୍ରାମର ମହିଳାମାନେ କହିଛନ୍ତି।

# ବଣାଇଁରେ ଗୋଷ୍ଠୀ ସଂଘର୍ଷ

- ୬ ଯୁବକ ଆହତ, ଉଭୟ ଗୋଷ୍ଠୀର ୮ ଅଟକ
- ଉତ୍ତେଜନା ଏଡାଇବାକୁ ପୋଲିସ ମୁତୟନ

**ବଣାଇଁ, ୮।୯(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ଅଞ୍ଚଳରେ ଦୁଇ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ସଂଘର୍ଷ ଘଟି ୬ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ଉଭୟ ଗୋଷ୍ଠୀର ୮ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସହରରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୁତୟନ କରାଯାଇଛି।

ପ୍ରକାଶ ଯେ, ବଣାଇଁ ସହର ରଥ ଛକ ନିକଟରେ ଥିବା ଏକ ଜିମ୍‌ରେ ଗତ ଶନିବାର କୌଣସି କାରଣରୁ ଦୁଇ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୋଟିଏ ଗୋଷ୍ଠୀ ଅପର ଗୋଷ୍ଠୀର ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ କିଛି ଯୁବକ ଆହତ ହୋଇଥିଲେ। ଖବର ପାଇ ପୋଲିସ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ଦେଖି ଉଭୟ ଗୋଷ୍ଠୀ ସେଠାରୁ ପଳାଇ ଯାଇଥିଲେ। ରବିବାର ଦିନ ପୂର୍ବ ରାତିରେ ମାଡ଼ ଖାଇଥିବା ଯୁବକ ଏବଂ ସେମାନଙ୍କ ଶତାଧିକ ସମର୍ଥକ ବଣାଇଁ ମୁସଲିମ ବସ୍ତିରେ ପଶି ଆକ୍ରମଣକାରୀ ଯୁବକମାନଙ୍କୁ ଖୋଜିଥିଲେ। ସେମାନେ କାହାକୁ ନ ପାଇବାରୁ ଆକ୍ରମଣରେ ସମ୍ପୃକ୍ତ ନ ଥିବା ଜଣେ ଯୁବକଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାରେ ପୋଲିସ ନୀରବ ରହିବାରୁ ମୁସଲିମ ସମ୍ପ୍ରଦାୟର କିଛି ଯୁବକ ସନ୍ଧ୍ୟାରେ ଅପର ଗୋଷ୍ଠୀର ପୁଣି ଜଣଙ୍କୁ ଏକ ଦୋକାନ ଘରେ ପୂରାଇ ପ୍ରବଳ ମାଡ଼ ମାରି ଛାଡି ଦେଇଥିଲେ। ଏହାର ପ୍ରତିବାଦରେ ବିରୋଧୀ ଗୋଷ୍ଠୀର ଶତାଧିକ ଯୁବକ ବଣାଇଁ ମୁସଲିମ ବସ୍ତିରେ ପଶି ଏକ ଦୋକାନ ଘର ଭାଙ୍ଗି ଦେବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ଏବଂ ଡିଆଇଜି ବ୍ରିଜେଶ ରାୟ ରାତି ପ୍ରାୟ ୧୨ଟା ବେଳେ ବଣାଇଁରେ ପହଞ୍ଚି ଉତ୍ତ୍ୟକ୍ତ ଯୁବକମାନଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ଯୁବକମାନେ ଶାନ୍ତ ପଡିଥିଲେ। ତେବେ ସୋମବାର ପୋଲିସ ଉଭୟ ଗୋଷ୍ଠୀର ୮ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅଞ୍ଚଳରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ବଣାଇଁରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ୫ ଜଣ ଇନ୍ସପେକ୍ଟର, ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଏ ସମ୍ପର୍କରେ ବଣାଇଁ ଥାନାଧିକାରୀ ଜ୍ଞାନେନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଲେ, ଗୋଷ୍ଠୀ ସଂଘର୍ଷ ନେଇ ଆମ ପାଖରେ ଖବର ଅଛି। କିନ୍ତୁ କେହି ଏତଲା ଦେଇନାହାନ୍ତି। ଏତଲା ଦେଲେ ଦେଖିବା କହି କଥାକୁ ସେ ଏଡ଼ାଇ ଯାଇଥିଲେ। ଅନ୍ୟପକ୍ଷେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବଣାଇଁକୁ ଏନ୍‌ଏସି ମାନ୍ୟତା ଦାବିରେ ବିଜେଡି ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ୮ ଘଣ୍ଟିଆ ବନ୍ଦ ଡାକରାକୁ ପ୍ରଶାସନର ଅନୁରୋଧ କ୍ରମେ ସ୍ଥଗିତ ରଖାଯାଇଥିବା ସୁନ୍ଦରଗଡ଼ ଜିଲା ବିଜେଡି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ଅନ୍‌ଲାଇନ ଜୁଆଖେଳ, ୫ ଠକ ଗିରଫ

**ରାଜଗାଙ୍ଗପୁର,୮।୯(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୋଲିସକୁ ଏକ ବଡ ସଫଳତା ମିଳିଛି। ଜିଲାର ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଏସଡିପିଓ ବିଭୂତି ଭୂଷଣ ଭୋଇଙ୍କ ତତ୍ତ୍ୱାବଧାନ ତଥା ଥାନାଧିକାରୀ ବିଜୟ ଦାସଙ୍କ ନେତୃତ୍ୱରେ ଅନଲାଇନ ଜୁଆଖେଳ ହେଉଥିବା ଠିକଣା ଉପରେ ସୋମବାର ଅପରାହ୍ନ ୧୨ଟା ୩୦ରେ ଚଢାଉ ହୋଇଥିଲା। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରି ସୋମବାର ରାତିରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଭୋପାଳ ମଧ୍ୟପ୍ରଦେଶର ସନ୍ଧୁପାଲି ଜଗଦିଶ, ରାୟପୁର ଛତିଶଗଡର ଆୟୁଶ ବାମେକର, ଦୁର୍ଗ ଛତିଶଗଡର ମଦୁ କାର୍ତ୍ତିକ ଓ ମହେନ୍ଦ୍ର ଗେଡାମ, ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଗଙ୍ଗାଜଳ ଗ୍ରାମର ପ୍ରଦୀପ ଯାଦବ। ଅଭିଯୁକ୍ତଙ୍କ ନିକଟରୁ ୧୯ ଟି ମୋବାଇଲ, ୨ ଟି ଲାପଟପ ଓ ବିଭିନ୍ନ କମ୍ପାନୀର ସିମକାର୍ଡ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ରାଜଗାଙ୍ଗପୁର ଏସ୍‌ଡିପିଓ ଭୋଇ ସୋମବାର ରାତିରେ ଏକ ଖବର ଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ଆହୁରି ମଧ କହିଛନ୍ତି, ଅଭିଯୁକ୍ତମାନେ ଗତ ୨ ମାସ ଧରି ରାଜଗାଙ୍ଗପୁର ଷ୍ଟେଶନପଡାର ଏକ ଭଡାଘରେ ରହି ସାଧାରଣ ଜନତାଙ୍କୁ ଲୋଭ ଦେଖାଇ ଅନଲାଇନ ମାଧମରେ ଲୁଟ କରୁଥିଲେ ।

## ସ୍ୱଚ୍ଛ ବାୟୁ, ସବୁଜ ପରିବେଶ ମାନବ ଜୀବନର ମୂଳ ଆଧାର

### ଝୁଲେନରେ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ

**ସୁନ୍ଦରଗଡ,୮।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଝୁଲେନ ବନ ସୁରକ୍ଷା ସମିତି କାର୍ଯ୍ୟାଳୟ ପରିସରରେ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ସୋମବାର ପାଳନ କରାଯାଇଥିଲା। ପ୍ରଥମେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦୀପକ ଶର୍ମା ସମସ୍ତଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡ. ଜଗଦୀଶ ଦେହୁରୀ ଯୋଗଦାନ କରି ଗଛ ଓ ପରିବେଶ ବଞ୍ଚିଲେ ଆମେ ବଞ୍ଚିବା ବୋଲି ମତ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ପରିବେଶବିତ ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ଯୋଗଦାନ କରି ସ୍ୱଚ୍ଛ ବାୟୁ ମାନବ ଜୀବନର ମୂଳ ଆବଶ୍ୟକତା ବୋଲି କହିଥିଲେ। ଏହି ଅବସରରେ ଉପାଧ୍ୟାୟ ଗ୍ରୀନ ମେମୋରୀ କ୍ୟାମ୍ପେନ ବିଷୟରେ ଆଲୋଚନା କରି ସମସ୍ତଙ୍କୁ ବିଭିନ୍ନ ସ୍ମରଣୀୟ ଦିବସରେ ଚାରା ରୋପଣ କରି ଏହାର ଆଜୀବନ ସୁରକ୍ଷା ନେବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଶାନ୍ତ ସାହୁ ଗଛର ଔଷଧୀୟ ଗୁଣାବଳୀ ଉପରେ ବିସ୍ତୃତ ଆଲୋଚନା କରିବା ସହ ବାୟୁ ପ୍ରଦୂଷଣକୁ ରୋକିବାକୁ ହେଲେ ସମସ୍ତେ ମିଳିମିଶି କାମ କରିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୁଦାମ ପଟେଲ, ଲେଫ୍ରିପଡା ବନାଞ୍ଚଳ କାର୍ଯ୍ୟାଳୟରୁ ବନପାଳ ଇନ୍ଦ୍ରାଣୀ ସନାନୀ, ବନରକ୍ଷୀ ସୁନିତା ପଟେଲ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଲେଫ୍ରିପଡା ଟିମ ଲିଡର ସୁବ୍ରତ ପଟେଲ, ଉନ୍ନୟନ ଅଧିକାରୀ ସୁରେନ୍ଦ୍ର ସେଠ, ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସମୀକ୍ଷା ପଟେଲ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଏହି ଦିବସକୁ ଚିର ସ୍ମରଣୀୟ କରିବା ପାଇଁ ବନ ସୁରକ୍ଷା ସମିତି ପରିସରରେ ଗ୍ରୀନ ମେମୋରୀ କ୍ୟାମ୍ପେନ ତରଫରୁ ପାଞ୍ଚୋଟି ଫଳ ଚାରା ରୋପଣ କରାଯାଇଥିଲା।



ଚାରା ରୋପଣ କରାଯାଉଛି।

## ୬ ଅଭିଯୋଗର ତ୍ୱରିତ ସମାଧାନ

### କୁରେଇ ପଞ୍ଚାୟତସ୍ତରୀୟ ଜନଶୁଣାଣି

**ବାଲିଶଙ୍କରା,୮।୯( ସତ ସେଠ୍ )**

ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ ପରିସରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୂପେଶ ନାଏକ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ସମ୍ମାନିତ ଅତିଥିଭାବେ ସଚିନ୍ଦ୍ର ଅମାତ, ସତ୍ୟଜିତ ସରେଙ୍ଗ, ଏଡିଓ ଶ୍ୟାମ ସୁନ୍ଦର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ମୋଟ ୩୬ଟି ଅଭିଯୋଗ ହୋଇଥିବାବେଳେ ୬ ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଭତ୍ତା, ଆବାସଗୃହ, ରାସ୍ତା, ନଳକୂଅ ଏପରି ବିଭିନ୍ନ ସମସ୍ୟାର ଅଭିଯୋଗ ହୋଇଥିଲା। କୁରେଇ ସରପଞ୍ଚ ଅଲବିନା କିରୋଙ୍କ ସଭାପତିତ୍ୱରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟରାମ ପଧାନ ପରିଚାଳନା କରିଥିଲେ। ବ୍ଲକର କୃଷି, ମତ୍ସ୍ୟ ପରି ସମସ୍ତ ଲାଇନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ସେବା ପକ୍ଷ ପାଳନ ପ୍ରସ୍ତୁତି ବୈଠକ

**କୁତ୍ରା,୮।୯(ଦେବାଶିଷ ସାହୁ)**

କୁତ୍ରା ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପଠାରେ ସୋମବାର ଭାଜପା ପକ୍ଷରୁ ସେବା ପକ୍ଷ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ମଣ୍ଡଳ ସଭାପତି ରାଜେସ ଲାକ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶଙ୍କର ମାଝୀ ପ୍ରଭାରୀ ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଜାମପାଲି ମଣ୍ଡଳ ପ୍ରତିନିଧି ବିତନା ମାଝୀ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ କୋଡିନେଟର ଭାବେ କୁତ୍ରା ମଣ୍ଡଳ ସଭାପତି ରାଜେଶ ଲାକ୍ରା ଓ କୋକୋଡିନେଟର ଭାବେ କୁତ୍ରା ଏମ୍‌ପି ପ୍ରତିନିଧି ଦେବେନ୍ଦ୍ର ସିଂ ପ୍ରମୁଖ ଯୋଗଦେଇଥିଲେ। ସୁରେନ୍ଦ୍ର ଭଇସାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସେବା ପକ୍ଷରେ ହେବାକୁ ଥିବା କାର୍ଯ୍ୟ ସୁଚି ଧାର୍ଯ୍ୟ କରାଯାଇଥିଲା। ଏଥିରେ ସ୍ୱଚ୍ଛ ଭାରତ, ରକ୍ତଦାନ ଶିବିର, ମା' ପାଇଁ ଗଛଟିଏ ଓ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାର ତାରିଖ ଧାର୍ଯ୍ୟ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦଳ ବରିଷ୍ଠ କାର୍ଯ୍ୟକର୍ତ୍ତା ରଜନୀ କାନ୍ତ ହୋତା, ମହାରାଜା ମାଝୀ, ଫ୍ରାନସିସ ମିଞ୍ଜ, ସୁରେନ୍ଦ୍ର ଭଇସାଲ, ଗୋକୁଳାନନ୍ଦ ସାହୁ, ବର୍ମା ହେସ, କରୁଣାକର ଜୟପୁରିଆ, ସିରଧର ଭୋଇ ଓ ବହୁ ଭାଜପା କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ପୂର୍ବତନ ମଣ୍ଡଳ ସଭାପତି ସଞ୍ଜିବ ମହାନନ୍ଦିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନବ ଭାରତର ସାକ୍ଷରତା କାର୍ଯ୍ୟକ୍ରମ

**ବାଲିଶଙ୍କରା,୮।୯ ( ସତ ସେଠ୍)**

ବାଲିଶଙ୍କରା ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଗତ୧ରୁ ୮ ତାରିଖ ପର୍ଯ୍ୟନ୍ତ ନବ ଭାରତର ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶେଷ ଦିବସରେ ବାଲିଶଙ୍କରା ଉଚ୍ଚ ବିଦ୍ୟାଳୟ ଠାରୁ ଚାନ୍ଦିନୀ ଛକ ପର୍ଯ୍ୟନ୍ତ ଏକ ରାଲି ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ଆୟୋଜିତ ହେଇଥିଲା । ଉକ୍ତ ରାଲିରେ ବାଲିଶଙ୍କରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜା ଲକ୍ଷ୍ମୀ ନାଏକ, ଅତିରିକ୍ତ ଶିକ୍ଷା ଅଧିକାରୀ ଖଗେଶ୍ୱର ମଲ୍ଲିକ ଏବଂ ସମସ୍ତ ସିଆରସିସି ସାମିଲ ହୋଇ ଏହି ନବ ଭାରତର ସାକ୍ଷରତା କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।




ବିଦ୍ୟାଳୟରୁ ବାହାରିଥିବା ରାଲି।

# ତ୍ରିଦିବସୀୟ ହକି ଟୁର୍ନାମେଣ୍ଟ, ତିଲେଇମୁଣ୍ଡା ଚାମ୍ପିୟନ

**କୁତ୍ରା,୮।୯(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଏରବାହାଲ ଇନ୍ଦ୍ରା କଲୋନି ୟୁଥ କ୍ଲବ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ହକି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ତିଲେଇମୁଣ୍ଡା ସ୍କୁଲପଡା ଦଳ ଜଉରାମୁଣ୍ଡା ଦଳକୁ ୨-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ସାୟନ ସାମଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସମିତି ସଭ୍ୟା ଜ୍ୟୋତ୍ସ୍ନା କେରକେଟା, ସମାଜସେବୀ ବିଦ୍ୟାଧର ସାହୁ, ଖେଳ ଶିକ୍ଷକ ପଲସ୍ତି ସାହୁ, ମିଲନ ବାର୍ଲା, ଗୁସ୍ତାବ ରବି ବାର୍ଲା ପ୍ରମୁଖ ଯୋଗଦେଇ ବିଜେତା ତଥା ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ ଖେଳକୁ ଅନୁଗ୍ରହ ବେକ, ଡେନିଆଲାମ ତିର୍କୀ, ସେମ ସଲିଲ ବେକ, ଅଜୟ ବରୱା, ସୁନିଲ ବାଆ ପ୍ରମୁଖ ପରିଚାଳନା କରିଥିଲେ। ଇନ୍ଦ୍ରା କଲୋନି ୟୁଥ କ୍ଲବର ସଭାପତି ବିଶାଳ ନାଗ, ଉପସଭାପତି ସନ୍ତୋଷ ବାଡାଇକ, ସମ୍ପାଦକ ଅନୁଗ୍ରହ ବେକ, ସହ ସମ୍ପାଦକ ମନୋଜ କେଶାଇର, କୋଷାଧ୍ୟକ୍ଷ ସେମ ସଲିଲ ବେକ, ପରାମର୍ଶଦାତା ବିଶ୍ରାମ ତିର୍କୀ, ସୱାନ ତିର୍କୀ, ସୁରତ ମାସି ବେକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ୧୩୫ ଅଭିଯୋଗର ଶୁଣାଣି

### କୁଆଁରମୁଣ୍ଡାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**କୁଆଁରମୁଣ୍ଡା,୮।୯(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ସୁନ୍ଦରଗଡ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଅଧ୍ୟକ୍ଷତା କରି ଲୋକଙ୍କ ଦ୍ୱାରା ଆଗତ ମୋଟ ୧୩୫ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୮୪ଟି ସାମୂହିକ ଏବଂ ୫୧ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏଥିରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ବିଶେଷ କରି ଜିଲା କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, ପିଡବ୍ଲୁଡି, ରାଉରକେଲାରୁ ନିତ୍ୟାନନ୍ଦ ସିଂ, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସହକାରୀ ଜିଲା ଶିକ୍ଷାଧିକାରୀ ସଦାନନ୍ଦ ପଧାନ, ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ, ଡିପିଏଚଓ ଶିବାଶିଷ ମହାରଣା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ କୃଷି ବିଭାଗର ୨ଟି ଓ ମିଲେଟ ମିଶନର ଗୋଟିଏ ସଚେତନତା ରଥକୁ ଜିଲାପାଳ ଡ. ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଉକ୍ତ ରଥ ୮ ଦିନ ଧରି ବ୍ଲକ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନତା କରିବ ବୋଲି ବ୍ଲକ କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି ଏହି ଅବସରରେ ସୂଚନା ଦେଇଛନ୍ତି। ଜନ ଶୁଣାଣି ପ୍ରାରମ୍ଭରେ ଜିଲାପାଳ ଡ. ମହାପାତ୍ର କୁଆଁରମୁଣ୍ଡା ଡାଏରୀ ଫାର୍ମ ନିକଟରେ ଥିବା ନବନିର୍ମିତ ଆର୍‌ଆଇପିସିକୁ ବୁଲିଦେଖିଥିଲେ। ଏହାର ଆହୁରି ଉନ୍ନତୀକରଣ କରାଯିବା ପାଇଁ ପରାମର୍ଶ ଦେଇଥିଲେ। ଏହିସମୟରେ ସିଡିଓ ସୁରଞ୍ଜନ ସାହୁ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, କୁଆଁରମୁଣ୍ଡା ବିଡିଓ ଡା.ଜଗଦୀଶ ଚନ୍ଦ୍ର ମହାନନ୍ଦ, ଏବିଡିଓ ପ୍ରଶାନ୍ତ ଜେନା, ଓଏଲଏମ ବ୍ଲକ ସଂଯୋଜିକା ରଶ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ଏସ୍‌ଏଚ୍‌ଜି ଦ୍ୱାରା ବିଭିନ୍ନ ପ୍ରକାର ମେଶିନରେ ନିର୍ମିତ ସାମଗ୍ରୀଗୁଡ଼ିକୁ ଜିଲାପାଳଙ୍କୁ ଦେଖାଇଥିଲେ। ସେହିପରି ଅପରାହ୍ନରେ ଜିଲାପାଳ କୁଆଁରମୁଣ୍ଡାରେ ଥିବା ଏମୁ ପକ୍ଷୀ ପାଳନ କେନ୍ଦ୍ର, ବିୟୁଟି ପାର୍ଲର, ଫଟୋ ଷ୍ଟୁଡିଓ ମଧ ବୁଲି ଦେଖିଥିଲେ। ଅଭିଯୋଗ ଶୁଣାଣିରେ ପହଞ୍ଚିବା ପୂର୍ବରୁ ନୂତନ ଜିଲାପାଳ ଡା. ମହାପାତ୍ର ଓ ନୂତନ ଏସ୍‌ପି ଅମ୍ରିତପାଲ କୌରଙ୍କୁ ଫୁଲତୋଡ଼ା ଓ ଉପଢ଼ୌକନ ଦେଇ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣି କୁଆଁରମୁଣ୍ଡା ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ, ଏଇଇ ଚୈତନ୍ୟ ହେମ୍ବ୍ରମ, ଏବିଡିଓ ପ୍ରଶାନ୍ତ ଜେନା, ଡବ୍ଲୁଓ ରଞ୍ଜନ ରାମ, ଏପିଓ ଶ୍ରବଣ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।



ନବ ନିର୍ମିତ କୁଆଁରମୁଣ୍ଡା ଗ୍ରାମ୍ୟ ଶିଳ୍ପ ପାର୍କ ବୁଲି ଦେଖୁଛନ୍ତି ଜିଲାପାଳ ଓ ଅନ୍ୟମାନେ।

# 'ପ୍ରୋତ୍ସାହନ ରାଶି ନୁହେଁ, ମାସିକ ଦରମା ଦିଅ'



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

### ଜିଲାସ୍ତରୀୟ ଜିପିଏଲ୍ଏଫ୍ ମିଶନ ଶକ୍ତି କର୍ମୀ ସାମ୍ମୁଖ୍ୟ ପକ୍ଷରୁ ଦାବିପତ୍ର ପ୍ରଦାନ

**ବଲାଙ୍ଗୀର, ୮।୯ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାର ଗ୍ରାମ ପଞ୍ଚାୟତ ସ୍ତରୀୟ ଫେଡେରେଶନ (ଜିପିଏଲ୍ଏଫ୍) ମିଶନ ଶକ୍ତି କର୍ମୀ ସାମ୍ମୁଖ୍ୟ ପକ୍ଷରୁ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ପ୍ରୋତ୍ସାହନ ରାଶି ବଦଳରେ ମାସିକ ନିର୍ଦ୍ଧାରିତ ଦରମା ଦେବାକୁ ଦାବି କରାଯାଇଛି। ମିଶନ ଶକ୍ତି କର୍ମୀ ସାମ୍ମୁଖ୍ୟ ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ଗୋଷ୍ଠୀ ସାଧନ କର୍ମୀ (ସିଆରପି ସିଏମ୍) ମାନଙ୍କୁ ମାସକୁ ୬ ହଜାର ଏକ ଶହ ଟଙ୍କା ହିସାବରେ ୧୦ ମାସର ବକେୟା ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ସିଆରପି ସିଏମ୍‌ମାନଙ୍କୁ ପୂର୍ବରୁ ମାସିକ ଭତ୍ତା ପ୍ରଦାନ କରାଯାଉଥିଲେ ମଧ୍ୟ ଏବେ ମାସିକ ଭତ୍ତା ବଦଳରେ କାମ ଅନୁଯାୟୀ ପରଫରମେନ୍ସ ଇନ୍‌ସେନ୍‌ଟିଭ୍ ମାଧ୍ୟମରେ ପାରିଶ୍ରମିକ ପ୍ରଦାନ କରାଯିବା ପାଇଁ ମିଶନ ଶକ୍ତି ବିଭାଗ ତରଫରୁ ଠିକ କରାଯାଇଛି। ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ ସୁଚାରୁ ରୂପେ ତୁଲାଇ ତୃଣମୂଳ ସ୍ତରରୁ ମା'ମାନଙ୍କୁ ନେଇ ଏସ୍ଏଚ୍‌ଜି ଗଠନ କରି ଓଡିଶା ସାରା ଏବେ ଲକ୍ଷପତି ଦିଦି ସୃଷ୍ଟି କରୁଛନ୍ତି। ମାତ୍ର ସିଆରପି ସିଏମ୍‌ମାନେ ଆର୍ଥିକ ସମସ୍ୟାରେ ଅଡୁଆରେ ପଡିଛନ୍ତି। ଏବେ ପରଫରମେନ୍ସ ଇନସେନ୍‌ଟିଭ ଲାଗୁ କରାଯିବା ପରେ ପାରିଶ୍ରମିକ ଅର୍ଥ କମିଯିବା ଫଳରେ କାର୍ଯ୍ୟରତ ସିଆରପି ସିଏମ୍‌ମାନେ ଅଡୁଆରେ ପଡିଛନ୍ତି। ଏହାକୁ ନେଇ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଦତ୍ତ ଦାବିପତ୍ରରେ ସିଆରପି ସିଏମ୍‌ମାନଙ୍କ ପାଇଁ ଇନ୍‌ସେନ୍‌ଟିଭକୁ ବନ୍ଦ କରାଯାଇ ମାସିକ ବେତନ ୧୦ ହଜାର ଟଙ୍କା ପ୍ରଦାନ କରିବା, ଭିଆରଏଫ୍ କାମ ବାବଦକୁ ପାରିଶ୍ରମିକ ୫ ହଜାର ଟଙ୍କା କରିବା, ଫୋନ୍ ବିଲ୍ ଏବଂ ଟିଏ, ଡିଏ ବାବଦକୁ ୩ ହଜାର ସମୁଦାୟ ୧୮ ହଜାର ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଛି। ଏହାସହିତ ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟାବ୍‌ଲେଟ୍, ସିଆରପି ସିଏମ୍‌ମାନଙ୍କୁ ପରିଚୟପତ୍ର ପ୍ରଦାନ ସହ ମାସିକ ବେତନକୁ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବାକୁ ଦାବି କରାଯାଇଛି। ସିଆରପି ସିଏମ୍‌ମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯିବା ସହ ମାସିକ ଦୁଇଟି ଏସ୍ଏଚ୍‌ଜି ବୈଠକ କରାଯିବାକୁ ଦାବି ହୋଇଛି। ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଡ. ବିଜୟ କୁମାର ସେଠୀଙ୍କୁ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ପାଟଣାଗଡ଼, ୮।୯ (ସଚ୍ଚିଦାନନ୍ଦ ମହାକୁର)**

ସୋମବାର ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା କେରବେଡା ପଞ୍ଚାୟତ ବାଞ୍ଜୀଝାଳ ଗ୍ରାମର ଏକ କପା କିଆରି ପାଖରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ଯୁବକ ଜଣକ ହେଲେ ବେଲପଡା ଥାନା ବାହାବଳ ଗାଁର ଚମ୍ପେଶର ମିର୍ଦ୍ଧା (୩୭)। ଖବରପାଇ ପାଟଣାଗଡ଼ ପୋଲିସ ଓ ଦମକଳ ବାହିନୀ ପହଞ୍ଚି ମୃତଦେହ ଜବତ କରିଥିଲେ। ଏହି ଘଟଣାରେ ପୋଲିସ ନଂ ୨୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ମୃତ ଯୁବକ ଜଣକ ନିଖୋଜ ଥିବା ନେଇ କିଛିଦିନ ତଳେ ତାଙ୍କ ପରିବାର ଲୋକେ ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ନିଶା ଏବଂ ଟ୍ରାଫିକ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ



ନୂତନ ଥାନା ଅଧିକାରୀ ରମାକାନ୍ତ ସାହୁ

**ଲାଠୋର, ୮।୯ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଥାନାର ନୂତନ ଥାନା ଅଧିକାରୀ ଭାବେ ରମାକାନ୍ତ ସାହୁ ନିକଟରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ସାହସିକତା ଏବଂ କର୍ତ୍ତବ୍ୟ ନିଷ୍ଠା ପାଇଁ ପୋଲିସ ସାହସିକତା ପଦକରେ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି। ଏଥିସହିତ ରାଜ୍ୟ ସରକାର ମଧ୍ୟ ତାଙ୍କୁ ପୁରସ୍କୃତ କରିଛନ୍ତି । ଲାଠୋର ଥାନାରେ ଯୋଗ ଦେଲା ପରେ ସେ ବିଶେଷ କରି ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ନିଶା କାରବାର ଏବଂ ଟ୍ରାଫିକ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି ।

### ଭାରତ ବିକାଶ ପରିଷଦର ସମୂହ ଗାନ ପ୍ରତିଯୋଗିତା

**ଟିଟିଲାଗଡ଼, ୮।୯ (ସନ୍ତୋଷ ପଟ୍ଟନାୟକ)**

ଭାରତ ବିକାଶ ପରିଷଦ ଟିଟିଲାଗଡ଼ ଶାଖା ପକ୍ଷରୁ ସ୍ଥାନୀୟ ଓମଭେଲି ସ୍କୁଲଠାରେ ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସମୂହ ଗାନରେ ପ୍ରଭାବତୀ ପବ୍ଲିକ ସ୍କୁଲ, ଲୋକ ସଙ୍ଗୀତରେ ଡ଼ିଏଭି ପବ୍ଲିକ ସ୍କୁଲ ପ୍ରଥମ ସ୍ଥାନ ଅଧିକାର ସହ ପ୍ରାନ୍ତ ସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପରିଷଦ ପ୍ରାଦେଶିକ ଉପସଭାପତି ଡ଼. ଛାୟାକାନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓମଭେଲି ସ୍କୁଲ ନିର୍ଦ୍ଦେଶକ ରବୀନ ପରମାଣିକ ମୁଖ୍ୟଅତିଥି ତଥା ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ସେବକ ଚରଣ ଦାଶ, ରତ୍ନାକର ସାହୁ ଯୋଗ ଦେଇଥିଲେ। ପରିଷଦର ସଭାପତି ଉମେଶ ଚନ୍ଦ୍ର ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପାଦକ କିଶୋର ମହାପାତ୍ର ସଭା ପରିଚାଳନା କରିଥିଲେ । ସଂସ୍କାର ସଂଯୋଜକ ଦିଲୀପ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଚାରକ ଭାବରେ କଣ୍ଠ ଶିଳ୍ପୀ ଧନେଶ୍ୱର ଦାଶ ଏବଂ ଗଗନ ବାଗ ଦାୟିତ୍ୱ ତୁଲାଇଥିଲେ। ସଦସ୍ୟ ଅଖିଳ ପଣ୍ଡା, ଗୋବର୍ଦ୍ଧନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଭାଙ୍ଗିଲା ଗଛ: ଅଳ୍ପକେ ବର୍ତ୍ତିଲେ ବିଡ଼ିଓ ଓ ବ୍ଲକ କର୍ମଚାରୀ



ରାସ୍ତାରେ ଭାଙ୍ଗି ପଡିଥିବା ଗଛ ।

### ୧ ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ

**ଖପ୍ରାଖୋଲ, ୮।୯ (ଅଭୟ ତ୍ରିପାଠୀ)**

ସୋମବାର ଖପ୍ରାଖୋଲ ଥାନା ସମ୍ମୁଖରେ ଥିବା ଏକ ପୁରୁଣା ଗଛ ହଠାତ୍ ଭାଙ୍ଗି ପଡ଼ିବାରୁ ଖପ୍ରାଖୋଲ ବିଡ଼ିଓ ଓ ୩ ଜଣ ବ୍ଲକ କର୍ମଚାରୀ ଅଳ୍ପକେ ବର୍ତ୍ତିଛନ୍ତି । ତେବେ ଏହି କାରଣରୁ ଖପ୍ରାଖୋଲ- ହରିଶଙ୍କର ରାସ୍ତାରେ ପ୍ରାୟ ୧ ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା ।

ସୂଚନା ଅନୁଯାୟୀ, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ସରକାରୀ ଗାଡ଼ିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ ଓ ଅନ୍ୟ ଦୁଇଜଣ କର୍ମଚାରୀଙ୍କ ସହ ମହରାପଦରରୁ ଅଭିଯୋଗ ଶୁଣାଣି ଶିବିର ଶେଷ କରି ଅପରାହ୍ନରେ ଫେରୁଥିବା ବେଳେ ଥାନା ସମ୍ମୁଖ ରେ ଥିବା ଏକ ପୁରୁଣା ଗଛ ତାଙ୍କ ଗାଡ଼ି ସମ୍ମୁଖରେ ହଠାତ୍ ଭାଙ୍ଗି ପଡ଼ିଥିଲା । ହେଲେ ବିଡିଓଙ୍କ ସମେତ ଅନ୍ୟ କର୍ମଚାରୀ ସୌଭାଗ୍ୟକୁ ଆସନ୍ନ ବିପଦରୁ ବର୍ତ୍ତି ଯାଇଥିଲେ । ଗଛଟି ବିଦ୍ୟୁତ୍ ତାର ଉପରେ ପଡିବାରୁ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ହୋଇ ଯାଇଥିଲା। ଏହାପରେ ବିଡ଼ିଓ ଅଗ୍ନିଶମ ସେବା ସଂସ୍ଥାକୁ ଖବର ଦେଲା ପରେ ଅଗ୍ନିଶମ ବାହିନୀ ଓ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ଗଛ କାଟି ସଫା କରିଥିଲେ । ଏହି ଅବସରରେ ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା, ଥାନା ଅଧିକାରୀ ନରେନ୍ଦ୍ର ଛତର, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୌମ୍ୟ କିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗଛ କାଟିଲା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ନଗର ଯାଦବ ସଂଘର ନୂଆଁଖାଇ ଭେଟଘାଟ




ଜିଲା ଯାଦବ ମହାସଭା ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକଙ୍କୁ ଟିଟିଲାଗଡ଼ଠାରେ ସ୍ୱାଗତ କରାଯାଉଛି ।

**ଟିଟିଲାଗଡ଼, ୮।୯ (ଶରତ ମିଶ୍ର)**

ଯାଦବ ମହାସଭା ଟିଟିଲାଗଡ଼ ନଗର ଶାଖା ପକ୍ଷରୁ ସଭାପତି କୁନା ଭାଟିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରେଳବାଇ ଇନଷ୍ଟିଚ୍ୟୁଟ ପରିସରରେ ନୂଆଁଖାଇ ଭେଟଘାଟ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଯାଦବ ମହାସଭା ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିଲେ। ତାଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ସଭା ସ୍ଥଳକୁ ପାଛୋଟି ଅଣାଯାଇଥିଲା । ଏହି ଅବସରରେ ଜିଲା ସଭାପତି ବାଗ ଆଗାମୀ ଦିନରେ ଟିଟିଲାଗଡ଼ ଅଞ୍ଚଳ ତଥା ଜିଲାରେ ଯାଦବ ଏକତାକୁ ଆହୁରି ସୁଦୃଢ କରିବା ସହ ସମାଜ ସେବା କାର୍ଯ୍ୟକ୍ରମରେ ବ୍ୟାପକ ଭାବରେ ଭାଗ ନେବାକୁ ଆହ୍ୱାନ କରିଥିଲେ। ଜିଲା ସମ୍ପାଦକ ମୁନିରାମ ନାଗ, ଅନିରୁଦ୍ଧ ରତେଇ, ରବି ବାଗ, ସତ୍ୟନାରାୟଣ ମଟାରୀ, ବ୍ରଜବନ୍ଧୁ ବେହେରା, ଅରୁଣ ବାଗ, ଶ୍ୟାମ ହାତୀ, ଦୟାସାଗର ଚନ୍ଦନ, ଟିଟିଲାଗଡ଼ ବ୍ଲକ ସମ୍ପାଦକ ଜୟରାମ ଚନ୍ଦନ, ମୁରିବାହାଲ ବ୍ଲକ ସଭାପତି ଗଙ୍ଗାଧର ହେର୍ଣ୍ଡ଼ା, ରାଜପତି ବାଗ, ନଗର କୋଷାଧ୍ୟକ୍ଷ ସୁଦର୍ଶନ ବର୍ଗତ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଯାଦବ ନଗର ସଭାନେତ୍ରୀ ସ୍ମିତାଞ୍ଜଳି ଗହୀର, ଜଗୁ ଖରସେଲ, ନିରଞ୍ଜନ ବର୍ଗତ୍ତି, ଜଗଦୀଶ ବର୍ଗତ୍ତି, ହୃଷୀକେଶ ଭାଟି, ପିଟେମନ ରତେଇ, କମଳ ପୋଢ଼, ତୁଳସୀ ନାଗ, ଶ୍ରୀକାନ୍ତ ହାତୀ, ଲୋଚନ ବନଛୋର, ଅଶୋକ ବର୍ଗତ୍ତି, ଗୌରୀଶଙ୍କର ବାଗ, ମହେନ୍ଦ୍ର ରାଉତ, ଉମାଶଙ୍କର ବାଗ, କ୍ଷୀରୋଦ ଗହୀର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

### ୬୮ ଲିଟର ମଦ ଜବତ: ୨ କୋର୍ଟ ଚାଲାଣ

**ଲାଠୋର, ୮।୯ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ସଦର ଗ୍ରାମ ତଥା ବିଭିନ୍ନ ସ୍ଥାନରେ ପୋଲିସ ସୋମବାର ଚଢ଼ାଉ କରି ୬୮ ଲିଟର ୨୪୦ ମିଲିଲିଟର ଦେଶୀ, ବିଦେଶୀ ମଦ ଜବତ କରିଛି । ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ବେଆଇନ ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ସୋମବାର ଲାଠୋର ପୋଲିସ ମଦ ବିକ୍ରୟ କରୁଥିବା ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ପୋଲିସ ସନ୍ତୋଷ ମେହେରଙ୍କ ଠାରୁ ୩୦ ଲିଟର ୭୨୦ ମିଲିଲିଟର, ସଙ୍କୀର୍ତ୍ତନ ମେହେରଙ୍କ ଠାରୁ ୧୫ ଲିଟର ୫୯୦ ମିଲିଲିଟର, ଇନ୍ଦ୍ରମଣି ପଟେଲଙ୍କ ଠାରୁ ୭ ଲିଟର ୮୩୦ ମିଲିଲିଟର, ଭଗବାନ ମେହେରଙ୍କ ଠାରୁ ୫ ଲିଟର ୫୦୦ ମିଲିଲିଟର, ପୁରନ୍ଦର ମେହେରଙ୍କ ଠାରୁ ୮ ଲିଟର ୬୦୦ ମିଲିଲିଟର ଦେଶୀ ବିଦେଶୀ ମଦ ଜବତ କରିଛି । ଏଥିରେ ସଂପୃକ୍ତ ସନ୍ତୋଷ ଏବଂ ସଙ୍କୀର୍ତ୍ତନଙ୍କ ବିରୋଧରେ ଲାଠୋର ଥାନାରେ ନଂ ୧୬୨/୨୫ ଏବଂ ୧୬୩/୨୫ରେ ପୃଥକ ଦୁଇ ଗୋଟି ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି।

# ଏଡ୍ସ ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା, ୮।୯ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ରୋତ କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜିଲା ଏଡ୍ସ କଣ୍ଟ୍ରୋଲ ସୋସାଇଟି ତରଫରୁ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୟୁଥ୍ ରେଡକ୍ରସ ସୋସାଇଟି ଆନୁକୂଲ୍ୟରେ ରୋତ କଲେଜରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ହେମନ୍ତ କୁମାର ଦାସ, ଜିତେନ୍ଦ୍ର କୁମାର ବିଶ୍ୱାଳ, ଅଧ୍ୟାପକ ଶାନ୍ତନୁ ପାଢୀ, ଡ.ଲିଙ୍ଗରାଜ ମେହେର ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ । ସଚେତନତା ଦ୍ୱାରା ଏହି ରୋଗର ନିରାକରଣ କିପରି କରାଯାଇ ପାରିବ ସେ ସମ୍ପର୍କରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ବ୍ଲକ ଅନ୍ତର୍ଗତ ଆଗଲପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ଭରସୁଜା ଜଳନ୍ଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

# ବ୍ୟାଙ୍କ ଅଫ୍ ବରୋଦା ସଇଁତଳା ଶାଖା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅଧିକାରୀ ଓ ଅତିଥି ।

**ବଲାଙ୍ଗୀର, ୮।୯ (ବୀରେନ୍ଦ୍ର କୁମାର ଝାଙ୍କର)**

ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର କ୍ଷେତ୍ର ପକ୍ଷରୁ ବଲାଙ୍ଗୀର ଜିଲାର ସଇଁତଳାଠାରେ ଶନିବାର ଏହାର ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଛି। ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ଚାନ୍ଦ ଏହି ନୂତନ ଶାଖା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଏବଂ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ତଥା ସହାୟକ ମହାପ୍ରବନ୍ଧକ ଦେବୀ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା , ବ୍ଲକ ଚେୟାରମ୍ୟାନ ମୋନିକା ସିଂ, ଶାଖା ମୁଖ୍ୟ ମନୋରଞ୍ଜନ ଦାଶ ଏବଂ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ଗ୍ରାମାଞ୍ଚଳର ସଶକ୍ତିକରଣ ପାଇଁ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ନୂତନ ଶାଖା ଦ୍ୱାରା ସ୍ଥାନୀୟ ଜନସାଧାରଣ ବିଶେଷ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି।

# 'ଚାପମୁକ୍ତ ବ୍ୟବସ୍ଥା ଗଣତନ୍ତ୍ରକୁ ସଫଳ କରେ'

### ସରକାରୀ ମହିଳା କଲେଜରେ ଆଲୋଚନାଚକ୍ର

**ବଲାଙ୍ଗୀର, ୮।୯ (ବୀରେନ୍ଦ୍ର କୁମାର ଝାଙ୍କର)**




ପ୍ରଫେସର ବିଜୟ କୁମାର ବହିଦାର ବକ୍ତବ୍ୟ ରଖୁଛନ୍ତି।

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ସୋମବାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଅରବିନ୍ଦ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ପ୍ରଫେସର ବିଜୟ କୁମାର ବହିଦାର ଏବଂ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଡ. ରାଜେଶ କୁମାର କର୍ଣ୍ଣ ମଞ୍ଚାସୀନ ହୋଇଥିଲେ। 'ଗଣତନ୍ତ୍ରର ପରିଭାଷା ଏବଂ ଭାରତୀୟ ପ୍ରେକ୍ଷାପଟରେ ଏହାର ସଙ୍କଟାପନ୍ନ ସ୍ଥିତି' ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ବହିଦାର ଆଲୋଚନା କରିଥିଲେ। ପ୍ରଫେସର ବହିଦାର କହିଥିଲେ, ଭାରତବର୍ଷ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ମାତ୍ର ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ସାମ୍ବିଧାନିକ ଢ଼ାଞ୍ଚା ଏବେ ସବୁଠୁ ଅଧିକ ଚର୍ଚ୍ଚାରେ ରହିଛି। ଦେଶର ସ୍ୱୟଂକ୍ରିୟ ସଂସ୍ଥାନ ଯଥା ନିର୍ବାଚନ ଆୟୋଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ସୁପ୍ରିମକୋର୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକ ଏବେ ଚର୍ଚ୍ଚାରେ ରହିଛି। ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ସଫଳ ପରିଚାଳନା ପାଇଁ ଏହି ଅନୁଷ୍ଠାନଗୁଡିକ ବାହ୍ୟ ପ୍ରଶାସନିକ ଚାପମୁକ୍ତ ହେବା ଜରୁରୀ ବୋଲି ସେ କହିଥିଲେ। ଏହି ଅବସରରେ ସେ ଗଣମାଧ୍ୟମର ଉତ୍ତରଦାୟିତ୍ୱ ଏବଂ ସାମ୍ପ୍ରତିକ ସ୍ଥିତି ଉପରେ ମଧ୍ୟ ଆଲୋଚନା କରିଥିଲେ। ଗଣତନ୍ତ୍ରରେ ଦେଶର ନାଗରିକ ଏବଂ ଜନସାଧାରଣ ହେଉଛନ୍ତି ମୁଖ୍ୟ। ସେମାନଙ୍କ ସ୍ୱରକୁ ଚାପି ଦେବାର ଉଦ୍ୟମ ହେଲେ ଗଣତନ୍ତ୍ର ସଫଳ ହେବନାହିଁ ବୋଲି ସେ କହିଥିଲେ। ଏହି ଆଲୋଚନାଚକ୍ରକୁ ବିଭାଗୀୟ ମୁଖ୍ୟ ଡ. ରାଜେଶ କୁମାର କର୍ଣ୍ଣ ସଞ୍ଚାଳନ କରିଥିଲେ। ଅଧ୍ୟାପିକା ସୁଚିତା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ସମେତ ବହୁ ଛାତ୍ରୀ ଯୋଗଦାନ କରିଥିଲେ।

# ୟୁରିଆ ସାର ପାଇଁ ଚାଷୀ ହଟହଟା

### ପାକ୍ସରେ ଲମ୍ବା ଲାଇନ

**ଦେଓଗାଁ, ୮।୯ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି । ଧାନଚାଷ ବେଉଷଣ ସରିବାର ମାସାଧିକ ହୋଇଥିବା ବେଳେ ଆବଶ୍ୟକ ସମୟରେ ୟୁରିଆ ସାର ମିଳୁନାହିଁ । ଫଳରେ ଚାଷୀ ମହଲରେ ଭାଳେଣି ପଡିଯାଇଛି । ଯେଉଁ କୃଷି ସେବା ସମବାୟ ସମିତିରେ ୟୁରିଆ ସାର ଆସିଛି ତାହା ଚାଷୀଙ୍କ ଧାନ ଚାଷ ଅନୁପାତରେ ସମୁଦ୍ରକୁ ଶଙ୍ଖେ ପରି ମନେ ହେଉଛି । ସୋମବାର ବନ୍ଧପଡା ପାକ୍ସରେ ଚାଷୀ ସାର ନେବା ପାଇଁ ଲମ୍ବା ଲାଇନ ଲଗାଇଥିଲେ । ସାର ପ୍ରଦାନରେ ବିଳମ୍ବ ହେବାରୁ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ଆସିଥିବା ୩ ଟ୍ରିପ ସାରକୁ ବଣ୍ଟନ କରାଯାଇଥିବା ପାକ୍ସର ସଭାପତି ଚିମନ ପ୍ରଧାନ ସୂଚନା ଦେଇଛନ୍ତି । ସେହିପରି ସାରକୁ ନେଇ ରବିବାର ଦିନ ଜରାସିଂହା ପାକ୍ସରେ ମଧ୍ୟ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏପରି କି ଉଡାର ଗାଁର ଜଣେ ଚାଷୀ ପ୍ରତିନିଧି ଓ ଜରାସିଂହାର ଜଣେ ଚାଷୀ ତଥା ଜନ ପ୍ରତିନିଧିଙ୍କ ମଧ୍ୟରେ ହାତାହାତି ହୋଇ ପୋଲିସର ଦ୍ୱାରସ୍ଥ ହୋଇଥିବା ନଜରକୁ ଆସିଥିଲା। ଯାହାକି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଥିପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚାହିଦା ମୁତାବକ ସାର ଯୋଗାଣ ଦିଗରେ ବିହିତ ପଦକ୍ଷେପ ନେବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି ।



ଦେଓଗାଁ ବ୍ଲକ ବନ୍ଧପଡା ପ୍ୟାକ୍ସ ପରିସରରେ ୟୁରିଆ ସାର ପାଇଁ ଚାଷୀଙ୍କ ଭିଡ଼ ।

# ଫର୍ମ ଫିଲପ୍ ନାଁରେ ଫେକ୍ କ୍ୟୁଆର୍ କୋଡ୍ ଖୋଲି ଛାତ୍ରୀଛାତ୍ରଙ୍କୁ ଠକେଇ

### ଲୋଇସିଂହା କଲେଜ

**ଲୋଇସିଂହା, ୮।୯ (ସୁଶାନ୍ତ ବାରକ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ପ୍ରିନ୍ସିପାଲଙ୍କ ନାମରେ ଫେକ୍ କ୍ୟୁଆର୍ କୋଡ୍ ଖୋଲି କଲେଜ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପାଇଁ ଫର୍ମ ଫିଲପ୍ ନାଁରେ ଠକେଇ କରାଯାଉଥିବା ଅଭିଯୋଗ ହୋଇଛି। ଏହାମଧ୍ୟରେ କଲେଜର କେତେକ ଛାତ୍ରୀଛାତ୍ର ଠକେଇର ଶିକାର ହୋଇଛନ୍ତି। ଏହି ଘଟଣା ଜଣାପଡିବା ପରେ କଲେଜର ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତିତ ହୋଇ ପଡିଛନ୍ତି। ଅପରପକ୍ଷରେ କଲେଜ କର୍ତ୍ତୃପକ୍ଷ କଲେଜର ନୋଟିସ ବୋର୍ଡ ଜରିଆରେ ଏବଂ କ୍ଲାସକୁ ଯାଇ ତାହା ମିଛ କଲ୍ ସେଥିରୁ ଦୂରେଇ ରହିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିବା ଜଣାଯାଇଛି।

ଗତ କିଛି ଦିନ ହେଲା ଲୋଇସିଂହା କଲେଜର ଛାତ୍ରୀଛାତ୍ର ବିଶେଷ କରି ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ର ଏବଂ ତାଙ୍କ ଅଭିଭାବକଙ୍କୁ କେହି ଜଣେ ବ୍ୟକ୍ତି ମୋବାଇଲରେ ଫୋନ କରି ଆସୁଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ଓଡିଆରେ କଥା ହୋଇ ଫର୍ମ ଫିଲପ୍ ଅଛି, କଲେଜରେ ସାଇନ ବୋର୍ଡ ଲଗା ଯାଇଥିଲା, କ'ଣ ଜାଣିନାହଁ କହି ଆଜି ଶେଷ ତାରିଖ, ଫର୍ମ ଫିଲପ୍ ନ କଲେ ଅସୁବିଧା ହେବ ବୋଲି କହୁଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ଏକ କ୍ୟୁଆର୍ କୋଡ୍ ଦେଇ ସେଥିରେ ୨୫ ଶହ ଟଙ୍କା ପଇଠ କରିବାକୁ କହୁଛନ୍ତି। ଏପରି କଲ୍ ପାଇ ଗ୍ରାମାଞ୍ଚଳର ନିରୀହ ଛାତ୍ରୀଛାତ୍ର ଓ ଅଭିଭାବକ ଭୟଭୀତ ହୋଇ ସେହି କ୍ୟୁଆର୍ କୋଡ୍‌ରେ ଟଙ୍କା ପଇଠ କରି ଦେଉଛନ୍ତି। ଲୋଇସିଂହା ବ୍ଲକ କୁଟେନପାଲି ପଞ୍ଚାୟତ ବୁଦେଲବାହାଲି ଗ୍ରାମର ଯୁକ୍ତ ୨ ପ୍ରଥମ ବର୍ଷର ଜଣେ ଛାତ୍ରୀ ଲିପି ପୁଟେଲ ଠକେଇର ଶିକାର ହୋଇଥିବା ଜଣାଯାଇଛି। ସେହିପରି କଲେଜର ପ୍ରାୟ ୩ ରୁ ୪ ଜଣ ଛାତ୍ରୀଛାତ୍ର ଟଙ୍କା ପଇଠ କରି ଏପରି ଠକେଇର ଶିକାର ହୋଇଛନ୍ତି। ଯେଉଁ ଛାତ୍ରୀଛାତ୍ର ଓ ଅଭିଭାବକ ଫୋନ ପେ, ଗୁଗୁଲ ପେ ବ୍ୟବହାର କରୁନାହାନ୍ତି କଲେଜକୁ ଆସି ପ୍ରିନ୍ସିପାଲଙ୍କ ନିକଟକୁ ଯାଇ ଏ ସମ୍ପର୍କରେ ବୁଝୁଛନ୍ତି। ପ୍ରିନ୍ସିପାଲ କୌଣସି ଫର୍ମ ଫିଲପ୍ ନାହିଁ ତାହା ଫେକ୍ କଲ୍ କହିବା ପରେ ଆଶ୍ୱସ୍ତ ହୋଇ ଫେରୁଛନ୍ତି। ତେବେ ଯେଉଁ ଛାତ୍ରୀଛାତ୍ର ଟଙ୍କା ପଇଠ କରିଛନ୍ତି, ସେମାନେ ଚିନ୍ତିତ ହୋଇ ପଡିଛନ୍ତି। ଲୋଇସିଂହାର ଜଣେ ଛାତ୍ରୀଙ୍କ ଅଭିଭାବକ ଅଶୋକ ଅଗ୍ରୱାଲଙ୍କ ନିକଟକୁ ସମ୍ପୃକ୍ତ ବ୍ୟକ୍ତି ଜଣକ କଲ୍ କରି କ୍ୟୁଆର୍ କୋଡ୍ ପଠାଇଥିଲେ। ସେହିଦିନ ସେ ବାହାରେ ଥିବାରୁ ଟଙ୍କା ପଇଠ କରିବାକୁ ଉଦ୍ୟମ କରିଥିଲେ। ହେଲେ ତା ପୂର୍ବରୁ କଲେଜ ସହ ଯୋଗାଯୋଗ କରିବାରୁ ସେମିତି କିଛି କଲ୍ ଯାଇନାହିଁ କହିବାରୁ ଠକେଇରୁ ବଞ୍ଚିତ ହୋଇଥିବା ଅଗ୍ରୱାଲ କହିଛନ୍ତି। ଏ ସମ୍ପର୍କରେ ପ୍ରିନ୍ସିପାଲ ବିଭୁଦେନ୍ଦୁ ମହାନ୍ତିଙ୍କୁ ପଚାରିବାରେ ଘଟଣା ସତ। ପ୍ରାୟ ୩ ରୁ ୪ ଜଣ ଛାତ୍ରୀଛାତ୍ର ଠକେଇର ଶିକାର ହୋଇଥିବା ନେଇ ତାଙ୍କ ନିକଟରେ ଅଭିଯୋଗ ହେଲାଣି। ଏ ସମ୍ପର୍କରେ କଲେଜରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବା ସହିତ ସ୍ଥାନୀୟ ପୋଲିସକୁ ଅବଗତ କରାଯାଇଛି। ଠକେଇର ଶିକାର ହୋଇଥିବା ଛାତ୍ରୀଛାତ୍ର ଲିଖିତ ଭାବେ ଜଣାଇଲେ ଥାନାରେ କଲେଜ ପକ୍ଷରୁ ଏତଲା ଦିଆଯିବ ବୋଲି ସେ କହିଛନ୍ତି।

## ପାପକ୍ଷୟ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ବିନିକା, (ରାମ ଗୋପାଳ ବାଘ): ବିନିକା ପାପକ୍ଷୟ ଘାଟରେ ସୋମବାର ଶହଶହ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟ ପରାଗରେ ମହାନଦୀ ପାପକ୍ଷୟ ଘାଟରେ ସ୍ନାନ କଲେ ପାପ ମୁକ୍ତ ହୋଇଥିବା ବିଶ୍ୱାସ କାରଣରୁ ଚନ୍ଦ୍ରଗହଣ ପରଦିନ ସକାଳେ ଲୋକଙ୍କ ପ୍ରବଳ ଭିଡ ହୋଇଥିଲା। ସୂର୍ଯ୍ୟ ମନ୍ଦିରରେ ହୋମଯଜ୍ଞ ହୋଇଥିଲା। ଏଥିରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ କର୍ତ୍ତା ହୋଇଥିଲେ। ମେଳା ପରିଚାଳନାରେ ଏନଏସିର ଧ୍ରୁବଚରଣ ହାତୀ, ପୃଥ୍ୱୀରାଜ ପଧାନ, ସରୋଜ ମେହେର ସହଯୋଗ କରିଥିଲେ।

# ୟୁରିଆ ସାର ପାଇଁ ଏନ୍‌ଏଚ୍ ଅବରୋଧ

ସୋନପୁର,୮।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ୟୁରିଆ ସାରର ଅଭାବ ଦେଖାଦେଇଛି। ସାର ପାଇଁ ଚାଷୀମାନେ ଲାଇସେନ୍ସପ୍ରାପ୍ତ ସାର ଦୋକାନ ଓ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ମୁଖରେ ଲମ୍ବା ଲାଇନ ଲଗାଉଥିବା ଦେଖିବାକୁ ମିଳୁଛି। ସୋମବାର ୟୁରିଆ ସାର ଅଭାବକୁ ନେଇ ଅଞ୍ଚଳର ଚାଷୀମାନେ ସୋନପୁର ଥାନା ବାଗଦୁଲି ଛକଠାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସକାଳେ ବିଶିମୁଣ୍ଡା ଓ ମଲ୍ଲିକମୁଣ୍ଡା ପଞ୍ଚାୟତର ଚାଷୀମାନେ ବାଗଦୁଲିସ୍ଥିତ ମୋନାଲିସା ଫର୍ଟିଲାଇଜରକୁ ୟୁରିଆ ସାର କିଣିବାକୁ ଆସିଥିଲେ। ପ୍ରାୟ ୧ହଜାର ଚାଷୀ ସାର ନେବା ପାଇଁ ଆଧାର କାର୍ଡ ଜେରକ୍ସ ପ୍ରଦାନ କରିଥିବା ବେଳେ ଆହୁରି ଅନେକ ଚାଷୀ ଧାଡିରେ ଅପେକ୍ଷା କରିଥିଲେ। ତେବେ ଦୋକାନରେ ମାତ୍ର ୨୦୦ବସ୍ତା ୟୁରିଆ ସାର ଥିବା ଜଣାପଡିଥିଲା। ଏଥିରେ ଚାଷୀ ଉତ୍ୟକ୍ତ ହୋଇ ସାର ଦୋକାନ ବନ୍ଦ କରିବା ସହ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପୂର୍ବାହ୍ନ ୧୦ଟାରୁ ରାସ୍ତାରୋକୋ ଆରମ୍ଭ ହୋଇଥିଲା। ଚାଷୀମାନେ ରାସ୍ତାରେ ବସି ରହି ପ୍ରତିବାଦ କରିଥିଲେ। ଏହି ଆନ୍ଦୋଳନରେ ବିଶିମୁଣ୍ଡା, ହରଡଖୋଲ, ମଲ୍ଲିକମୁଣ୍ଡା ଓ ଖରଜୁରା ପଞ୍ଚାୟତର ଚାଷୀମାନେ ସାମିଲ ହୋଇଥିଲେ। ଖବରପାଇ ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ସୋନପୁର ଏଆରସିଏସ ପାଣ୍ଡୁ ଚରଣ ସାହୁ, ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆ ଓ ସୋନପୁର ବ୍ଲକ ସହକାରୀ କୃଷି ଅଧିକାରୀ ବିଭୁତି ଭୂଷଣ ସେଠୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ଚାଷୀ ଆନ୍ଦୋଳନରୁ ହଟି ନଥିଲେ। ପରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ସହିତ ଫୋନରେ କଥା ହୋଇ ଆସନ୍ତା ୧୦ତାରିଖ ପୂର୍ବରୁ ବିଶିମୁଣ୍ଡା ଓ ମଲ୍ଲିକମୁଣ୍ଡା ପଞ୍ଚାୟତର ଚାଷୀଙ୍କ ପାଇଁ ୭୫୦ବସ୍ତା ୟୁରିଆ ସାର ମୋନାଲିସା ଫର୍ଟିଲାଇଜରକୁ ବିକ୍ରି ପାଇଁ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ବ୍ଲକ ସହକାରୀ କୃଷି ଅଧିକାରୀ ସେଠୀ ଏସମ୍ପର୍କରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ୧୨ଟା ୩୦ରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ବିଶେଶ୍ୱର ପାଣିଗ୍ରାହୀ, ମଙ୍ଗଳ ତାଣ୍ଡି, ଜନ୍ମ ବାରିକ, ଲମ୍ବୋଦର ଭୋଇ, ନିର୍ମଳ କର୍ମୀ, କାମ ପଣ୍ଡା, ଅଗତୁ ପଟେଲ, ଲଳିତ ମେହେର ଓ ବୀର ବାଗ ପ୍ରମୁଖ ରାସ୍ତାରୋକୋର ନେତୃତ୍ୱ ନେଇଥିଲେ।


୫୭ନମ୍ବର ଜାତୀୟ ରାଜପଥର ବାଗଦୁଲି ଛକଠାରେ ଚାଷୀ ରାସ୍ତାରୋକୋ କରୁଛନ୍ତି।

### ଜିଲାକୁ ଅଧିକ ଆସିଛି, ଚାଷୀଙ୍କୁ ମିଳୁନି

ସୁବର୍ଣ୍ଣପୁର ଜିଲାକୁ ସରକାର ଗତବର୍ଷଠାରୁ ଅଧିକ ସାର ଦେଇଛନ୍ତି। ତେବେ ଚାଷୀଙ୍କୁ ଆବଶ୍ୟକ ଅନୁଯାୟୀ ସାର ମିଳୁନି। ଚାଷୀଙ୍କୁ ଠକିବା ପାଇଁ ଏବେ ୟୁରିଆ ସାରର କୃତ୍ରିମ ଅଭାବ ସୃଷ୍ଟି ହୋଇଛି। ଆବଶ୍ୟକ ଅନୁଯାୟୀ ବର୍ଷା ଓ କେନାଲରେ ପାଣି ଆସିବା କାରଣରୁ ଜିଲାରେ ଖରିଫ୍ ଚାଷ ଭଲ ହୋଇଛି। ବର୍ତ୍ତମାନ ଚାଷୀଙ୍କୁ ୟୁରିଆ ସାରର ଆବଶ୍ୟକତା ଥିବା ବେଳେ ତାହା ସେମାନଙ୍କୁ ଠିକ୍ ଭାବେ ମିଳି ପାରୁନାହିଁ। ଫଳରେ ଚାଷୀମାନେ ସେହି ସାର କିଣିବାରେ କଳାବଜାର ର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

କୃଷି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ଚଳିତ ଖରିଫ୍‌ରେ ୮୧ହଜାର ୯୮୫ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ସେହିପରି ୬ହଜାର ୬୦୭ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୫ହଜାର ୧୮୦ହେକ୍ଟର ଜମିରେ କପା ଓ ୪ହଜାର ୩୧୩ହେକ୍ଟର ଜମିରେ ପନିପରିବା ଚାଷ ହୋଇଛି। ସରକାରୀ ଧାର୍ଯ୍ୟ ଦରରେ ସାର ବିକ୍ରି ପାଇଁ ଜିଲାରେ ବେସରକାରୀ ଭାବେ ୨୫୮ଜଣ ଲାଇସେନ୍ସପ୍ରାପ୍ତ ଦୋକାନ ଓ ୬୬ଟି ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଗୁଡିକୁ ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ୟୁରିଆ ୧୨ହଜାର ମେଟ୍ରିକ୍ ଟନ,

### କୃଷି ଅଧିକାରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଡିଏପି ୪ହଜାର ୫୦୦ମେଟ୍ରିକ୍ ଟନ, ଏମଓପି ୧ହଜାର ୫୦୦ମେଟ୍ରିକ୍ ଟନ ଓ ଏନପିକେଏସ ୯ହଜାର ୬୦୦ ମେଟ୍ରିକ୍ ଟନ୍ ଫସଲରେ ପ୍ରୟୋଗ ଲକ୍ଷ୍ୟ ରହିଛି। ସରକାରୀ ତଥ୍ୟ ଅନୁଯାୟୀ ଜିଲାକୁ ୧୨ହଜାର ୮୨୭ମେଟ୍ରିକ୍ ଟନ୍ ୟୁରିଆ ସାର, ୪ହଜାର ୯୦୩ମେଟ୍ରିକ୍ ଟନ ଡିଏପି, ୪୧୮ମେଟ୍ରିକ୍ ଟନ ଏମଓପି ଓ ୫ହଜାର ୫୨୪ମେଟ୍ରିକ୍ ଏନପିକେଏସ୍ ସାର ଆସି ସାରିଛି। ତେବେ ଗତବର୍ଷ ଖରିଫରେ ଏହି ଜିଲାକୁ ୧୨ହଜାର ମେଟ୍ରିକ୍ ଟନ ସାର ଆସିଥିଲା। ଚଳିତ ବର୍ଷ ଆବଶ୍ୟକତା ଠାରୁ ଅଧିକ ସାର ଜିଲାକୁ ଆସିଥିବା ବେଳେ ଚାଷୀଙ୍କୁ ମିଳୁନି। ସାର କୁଆଡେ ଯାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। କେତେକ ମୁନାଫାଖୋର ବ୍ୟବସାୟୀ ଏହାର ଫାଇଦା ଉଠାଉଥିବା ଅଭିଯୋଗ ହେଉଛି। ସରକାରୀ ଧାର୍ଯ୍ୟଦର ମୁତାବକ ୟୁରିଆ ସାର ପାକେଟ୍(୪୫ କି.ଗ୍ରା) ପ୍ରତି ୨୬୬ଟଙ୍କା ୫୦ପଇସା ରହିଛି। ମାତ୍ର ଏହାକୁ ୭୦୦ଟଙ୍କାରୁ ୮୦୦ଟଙ୍କାରେ ବିକ୍ରି କରାଯାଉଛି। କୃଷି ବିଭାଗ ଓ ଜିଲା ପ୍ରଶାସନ ଚଢାଉ କରି ସାର କଳାବଜାର କରୁଥିବା ଲାଇସେନ୍ସପ୍ରାପ୍ତ ଦୋକାନିଙ୍କୁ କଳା ତାଲିକାଭୁକ୍ତ କରିବା ସହିତ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି କୃଷକ ସଂଘ ପକ୍ଷରୁ ଦାବି ହେଉଛି।

## କାର୍ ସହ ୧ କୁଇଣ୍ଟାଲ ଗଞ୍ଜେଇ ଜବତ


କାରରୁ ଜବତ ହୋଇଥିବା ଗଞ୍ଜେଇ।

ବିନିକା, ୮।୯ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ପୋଲିସ ରବିବାର ରାତିରେ ବେଲପଡା ନିକଟରେ ଛତିଶଗଡ଼ ଚୋରାଚାଲାଣ ହେଉଥିବା ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଚାଲାଣରେ ବ୍ୟବହୃତ ଗଞ୍ଜେଇ ଭର୍ତ୍ତି କାରକୁ ଜବତ କରାଯାଇଛି। ଏଥିସହ କାରକୁ ସୁରକ୍ଷା ଦେଇ ଯାଉଥିବା ବାଇକ(ଓଡି ୧୫ଏବି-୩୮୭୫)କୁ ଛାଡି ଚାଳକ ଫେରାର ହୋଇଯାଇଥିଲେ। ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ୨ଜଣ ଓ ଅନ୍ୟ ଜଣେ ସମ୍ବଲପୁର ଜିଲା ଚିପିଲିମାର। ମାଜିଷ୍ଟ୍ରେଟ ଅନୁପସ୍ଥିତ ଥିବାରୁ ରାତିସାରା ପୋଲିସ ଗଞ୍ଜେଇ ଭର୍ତ୍ତି କାରକୁ ସେହି ସ୍ଥାନରେ ଜଗି ରହିଥିଲା। ସୋମବାର ପୂର୍ବାହ୍ନ ୧୦ଟାରେ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ଦୟାନନ୍ଦ ମେହେରଙ୍କ ଉପସ୍ଥିତରେ କାରରୁ ଗଞ୍ଜେଇ ବାହାର କରାଯାଇଥିଲା। ଓଜନ ପରେ ୧କୁଇଣ୍ଟାଲ ୧କେଜି ଗଞ୍ଜେଇ ଥିବା ଜଣାପଡିଥିଲା। ଖବର ପାଇ ଘଟଣାସ୍ଥଳକୁ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ପହଞ୍ଚି ଅନୁସନ୍ଧାନ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୬ ତାରିଖ ସହରର ନୂଆଁବଜାରରେ ମଧ୍ୟ ଆର୍ଟିକା ଗାଡିରୁ ୨ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା ପୋଲିସ।

## କଂଗ୍ରେସର ସୃଜନ ଅଭିଯାନ


ସୃଜନ ଅଭିଯାନରେ ମଞ୍ଚାସୀନ କଂଗ୍ରେସ ନେତୃବର୍ଗ।

ବୀରମହାରାଜପୁର,୮।୯ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପରେ ସୋମବାର ମଧ୍ୟାହ୍ନ ୧୨ଟାରେ କଂଗ୍ରେସ ଦଳର ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ କଂଗ୍ରେସ ସଂଯୋଜକ ବସନ୍ତ କୁମାର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ଅମିତ ସିହାଗ ଯୋଗଦେଇ ସର୍ବଭାରତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଡଗେ ଓ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସୃଜନୀ କାର୍ଯ୍ୟକ୍ରମ ମାଧ୍ୟମରେ କିଏ ଜିଲା ସଭାପତି ହେବେ କର୍ମୀ ଓ ନେତା ଚୟନ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ପର୍ଯ୍ୟବେକ୍ଷକ ବାଙ୍କନିଧି ବେହେରା, ଗଣେଶ ସାହୁ, ସରୋଜ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ପ୍ରଦୀପ କୁମାର ସେଠୀ, ପ୍ରିୟବ୍ରତ ସାହୁ, ପ୍ରଭୁଦତ୍ତ ବହିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କେନ୍ଦ୍ରର ଭାଜପା ସରକାର ଭୋଟ ଚୋରି କରି କ୍ଷମତାକୁ ଆସିଛନ୍ତି, ଏଣୁ କଂଗ୍ରେସ ଦଳ ଏଥିପାଇଁ ଯୋର୍‌ଦାର ଆନ୍ଦୋଳନ କରୁଛି। ଏଣୁ ସମସ୍ତେ ଏକ ହୋଇ କାର୍ଯ୍ୟ କଲେ ୨୦୨୯ ସାଧାରଣ ନିର୍ବାଚନରେ କେନ୍ଦ୍ର ଓ ରାଜ୍ୟରେ ଦଳ କ୍ଷମତା ହାସଲ କରିବ ବୋଲି କହିଥିଲେ। ଯୁବନେତା ବିଦ୍ୟାଧର ଖୁର୍ଡିଆ କାର୍ଯ୍ୟକ୍ରମ ସଂଯୋଜନା, ଧନ୍ୟବାଦ ଅର୍ପଣ କରିଥିଲେ ବିକାଶ ପଣ୍ଡା। ସଭା ଶେଷରେ ଏକ ରାଲି ବାହାରି ବ୍ଲକ ଛକ, ମୁଖ୍ୟ ଛକ ନନ୍ଦିଘୋଷ ଛକ ଦେଇ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲା। ଶେଷରେ କିଏ ଜିଲା ସଭାପତି ହେବେ ସେ ନେଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସିହାଗ ୱାନ ଟୁ ୱାନ ବୈଠକ କରିଥିଲେ। ବୈଠକରେ ନରେନ୍ଦ୍ର ସାହୁ, ଗରିବ ଦଣ୍ଡସେନାଙ୍କ ସମେତ ବହୁ ସଂଖ୍ୟାରେ ନେତା ଓ କର୍ମୀ ସାମିଲ ହୋଇଥିଲେ।

## ଗ୍ରାମପତି ଫୁଟବଲ: କପାଶିରା ଚାମ୍ପିୟନ

ଉଲୁଣ୍ଡା, ୮।୯(ଗୌରଚନ୍ଦ୍ର ପରିଚ୍ଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ କପାସିରା ମେଟାକାନୀ ଛକସ୍ଥିତ ଖେଳ ପଡିଆରେ ବ୍ଲକସ୍ତରୀୟ ୪୭ତମ ମା' ଗ୍ରାମପତି ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମହାନଦୀ କ୍ଲବ ଅନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ବ୍ଲକର ବିଭିନ୍ନ ସ୍ଥାନରୁ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ସେମିରେ ଜଗନ୍ନାଥପାଲିକୁ ହରାଇ କପାସିରା ଏବଂ ଦ୍ୱିତୀୟ ସେମିରେ ନିମ୍ନାକୁ ହରାଇ ଗଇଲମରା ଦଳ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଖେଳରେ ଗଇଲମରାକୁ ୧-୦ଗୋଲାରେ ହରାଇ କପାସିରା ଦଳ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବକୁ କ୍ରୀଡ଼ାବିତ୍ ଆଦିତ୍ୟ ପୁରୋହିତ, ସାମାଜିକ କର୍ମୀ ଇନ୍ଦ୍ରଜିତ ବରର୍ତ୍ତି ଏବଂ ଟିକୁ ପାଣ୍ଡେ ଯୋଗଦେଇ ବିଜେତା କପାସିରା ଏବଂ ଉପବିଜେତା ଗଇଲମରା ଦଳିକୁଟ୍ରଫିସହପୁରସ୍କାରପ୍ରଦାନକରିଥିଲେ।

## ଚୁଡ଼ାଖାଇ ମହୋତ୍ସବ ପ୍ରସ୍ତୁତି ବୈଠକ

ତରଭା, ୮।୯(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ସହରରୁ ୫କିମି ଦୂରରେ ପର୍ଯ୍ୟଟନସ୍ଥଳ ଚୁଡ଼ାଖାଇ ଡଙ୍ଗର ପାଦଦେଶରେ ଚଳିତ ଅକ୍ଟୋବର ୪ରୁ ୬ ପର୍ଯ୍ୟନ୍ତ ତିନିଦିନ ଧରି ଚୁଡ଼ାଖାଇ ଡଙ୍ଗର ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ହେବାକୁ ଥିବା ଲୋକ ମହୋତ୍ସବ ସକାଶେ ସୋମବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ତରଭା ବ୍ଲକ ସଭାଗୃହରେ ଆୟୋଜିତ ହୋଇଯାଇଛି। ଚୂଡ଼ାଖାଇ ଡଙ୍ଗର ମହୋତ୍ସବ କମିଟି ଆବାହକ ତଥା ବିଡ଼ିଓ ଗଙ୍ଗାରାମ ବୁଡେକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ତହସିଲଦାର ଶ୍ୱେତଲୀନା ମହାଣା, ଥାନା ଅଧିକାରୀ ଅନିତା କିଡୋ, ସରପଞ୍ଚ ସଂଘ ସଭାପତି ଅଶ୍ୱିନୀ ବିଶି, କୃପାନିଧି ମିଶ୍ର, ରାମ ସାହୁ, ଗଦାଦର କୁଆଁର, ଶିବ ପ୍ରସାଦ କୁଆଁର, କପୁରଚନ ଭୋଇ, ପ୍ରକାଶ ହରିପାଲ, ସୁଶୀଲ ମଲ୍ଲିକ, ଆର୍ତ୍ତତ୍ରାଣ ବରର୍ତ୍ତି, ମନମୋହନ ସାହୁ, ପବିତ୍ର ମିଶ୍ରଙ୍କ ସମେତ ଉପସ୍ଥିତ ସଦସ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ମହୋତ୍ସବରେ ଡୁଲୁଣ୍ଡା ସରପଞ୍ଚ ଉମା ସାହୁ ସଭାପତି ରହିବେ ବୋଲି ମତପ୍ରକାଶ ପାଇଥିଲା। ଲୋକ କଳାକାର, ଲୋକନୃତ୍ୟ ଦଳ ପ୍ରଭୃତି ଯୋଗ ଦେବାର କାର୍ଯ୍ୟକ୍ରମ ସହ ୩ ଦିନ ଧରି ବିଶେଷ କରି ଚତୁର୍ଦ୍ଦଶୀ ମୁଖ୍ୟ ଯାତ୍ରା ଦିନ ଲକ୍ଷାଧିକ ଲୋକଙ୍କ ଭିଡ଼ ହେବ। ଏହାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇ ସ୍ଥାନୀୟ ପୋଲିସ ଓ ସ୍ୱେଚ୍ଛାସେବୀ ଯୁବକମାନଙ୍କୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ସାହୁ, ସୁରେଶ ଦୀପ, ହମିଶ ସାହୁ, ହେମନ୍ତ କୁଅଁର, ରଘୁନାଥ ରଣାଙ୍କ ସମେତ ଦୁବୁଲା, ଡୁଲୁଣ୍ଡା ଓ ସରଗଜ ଗ୍ରାମ ପଞ୍ଚାୟତର ବୁଦ୍ଧିଜୀବୀ, ସଚେତନ ନାଗରିକ ଉପସ୍ଥିତ ଥିଲେ। ସଭା ପରିଚାଳନା କରିଥିଲେ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମାନଭଞ୍ଜନ ମିଶ୍ର।


ବୈଠକରେ ଜନ ପ୍ରତିନିଧି ଓ ଅଧିକାରୀମାନେ।

## ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କୁ ଗଙ୍ଗାଧର ମେହେର ସମ୍ମାନ

ଉଲୁଣ୍ଡା, ୮।୯ଗୌରଚନ୍ଦ୍ର ପରିଚ୍ଛା)

ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜଲାର ସୁନାବେଡ଼ା ଭଞ୍ଜ କଳା ମଣ୍ଡପଠାରେ ପଶ୍ଚିମ ଓଡ଼ିଶା ସାଂସ୍କୃତିକ ସଂସଦର ନୂଆଁଖାଇ ଭେଟ୍‌ଘାଟ ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଲୀଳାକ୍ଷେତ୍ର ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇ ଯେଉଁଠାରେ ଚତୁର୍ଦ୍ଧା ଦାରୁ ବିଗ୍ରହ ଦୀର୍ଘ ୧୪୪ ବର୍ଷ ପର୍ଯ୍ୟନ୍ତ ସମ୍ପାଦନ କରିଥିଲେ ପାତାଳୀ ଲୀଳା ସେଇ କଥାବସ୍ତୁ ଆଧାରିତ ନାଟକ ପାତାଳୀ ଶ୍ରୀକ୍ଷେତ୍ର ନାଟକ ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟକାର ସୁଧୀର ପ୍ରଧାନଙ୍କ ରଚନା ଏବଂ ନାଟ୍ୟ ନିର୍ଦ୍ଦେଶକ ସମୀର ମହାପାତ୍ରଙ୍କ ନିର୍ଦ୍ଦେଶନାରେ କଳାକାରମାନେ ଅଭିନୟ କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ପାତାଳୀ ଶ୍ରୀକ୍ଷେତ୍ରରୁ ସ୍ୱତନ୍ତ୍ର ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ପାଢୀ ଯୋଗଦେଇ ନାଟକ ମାଧ୍ୟମରେ ପାତାଳୀ ଶ୍ରୀକ୍ଷେତ୍ରକୁ ଲୋକାଭିମୁଖୀ କରିଥିବାରୁ ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ପାଢୀଙ୍କୁ କଳା-ସଂସ୍କୃତି-ସାହିତ୍ୟ ପାଇଁ ଗଙ୍ଗାଧର ମେହେର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡର ମୁଖ୍ୟ ପ୍ରବନ୍ଧକ ସୁଧାଂଶୁ ମୋହନ ଜେନା, ପୌରାଧକ୍ଷ ରାଜେନ୍ଦ୍ର ପାତ୍ର, ଡ. ଚିତ୍ତରଞ୍ଜନ ମିଶ୍ର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଝାନ୍ସୀ ସିଂ, ଡ. ସଞ୍ଜୟ ମହାପାତ୍ର, କବି କୃଷ୍ଣ ସିଂ, ସଂସଦ ସଭାପତି ଶରତ ପ୍ରଧାନ ଉପସ୍ଥିତ ଥିଲେ।

## ଡ୍ରେନ ନାହିଁ, ରାସ୍ତାରେ ଜମୁଛି ବର୍ଷାପାଣି

ଡୁଙ୍ଗୁରିପାଲି, ୮।୯(ଦୀନବନ୍ଧୁ ସୁନା)

ମଝି ରାସ୍ତାରେ ଜମି ରହୁଛି ବର୍ଷା ପାଣି। ଡ୍ରେନ ସୁବିଧା ନ ଥିବାରୁ ଦୀର୍ଘ ୧୦ ବର୍ଷ ହେଲା ବର୍ଷାଦିନେ ଆଣ୍ଠୁଏ ପାଣିରେ କଲବଲ ହେଉଛନ୍ତି। ଅଭିଯୋଗ ପରେ ବି ବର୍ଷା ପାଣି ନିଷ୍କାସନର କୌଣସି ସ୍ଥାୟୀ ସମାଧାନ ହେଉନାହିଁ। ତେବେ ଗ୍ରାମପଞ୍ଚାୟତ ଅଫିସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ୟାଙ୍କ, ଡେଲିମାର୍କେଟ, ସ୍କୁଲ, କଲେଜକୁ ପାଣିରେ ପଶି ଆସିବାକୁ ପଡୁଛି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ୨୬ନଂ. ଜାତୀୟ ରାଜପଥ ଚାରିଛକରୁ ହସ୍ପିଟାଲ ଦେଇ ଡୁଙ୍ଗୁରିପାଲି ବସ୍ତିକୁ ଯାଇଥିବା ପୂର୍ତ୍ତ ବିଭାଗ ଆରଡି ରାସ୍ତାରେ। ଜାତୀୟ ରାଜପଥ ଡୁଙ୍ଗୁରିପାଲି ସହରର ଚାରିଛକଠାରୁ ହସ୍ପିଟାଲ ଦେଇ ଯାଇଥିବା ବସ୍ତି ପର୍ଯ୍ୟନ୍ତ ରାସ୍ତାରେ ଲହଡି ଭାଙ୍ଗୁଛି ବର୍ଷା ପାଣି। ଲଗାଣ ବର୍ଷାରେ ରାସ୍ତାରେ ଜମି ରହିଛି ପାଣି। ବର୍ଷେ ଆଗରୁ ଆରଡି ବିଭାଗ ଏହି ରାସ୍ତାର ଅଳ୍ପ ସ୍ଥାନରେ କଂକ୍ରିଟ କାମ କରିଛି। ହେଲେ ବର୍ଷା ପାଣି ନିଷ୍କାସନ ପାଇଁ ଡ୍ରେନ ବ୍ୟବସ୍ଥା ନ ହେବା ଓ ରାସ୍ତାର ମରାମତି ନ ହେବା କାରଣରୁ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ଜମି ରହୁଛି। ଗତ ଜୁଲାଇ ୨୧ରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଡୁଙ୍ଗୁରିପାଲି ବସ୍ତିର ବହୁ ଲୋକେ ରାସ୍ତା ସମସ୍ୟା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ଥିବା ସୁବର୍ଣ୍ଣପୁର ଜିଲା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶୁଭ୍ରତା ମେହେରଙ୍କୁ ଉକ୍ତ ସମସ୍ୟା ଶୀଘ୍ର ତଦନ୍ତ କରି ସମାଧାନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଧୀକ୍ଷଣ ଯନ୍ତ୍ରୀ ମଧ୍ୟ ଶୀଘ୍ର ଘଟଣାସ୍ଥଳକୁ ଯାଇ ସମସ୍ୟାର ସମାଧାନ କରିବି ବୋଲି କହିଥିଲେ। ଇତିମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ସ୍ଥିତିରେ କୌଣସି ସୁଧାର ଆସିନାହିଁ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ନହେଲେ ପ୍ରଭାବିତ ଲୋକେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।


ରାସ୍ତାରେ ଜମି ରହିଥିବା ପାଣି।

## ସରକାରଙ୍କ ଯୋଜନା ଘରେ ଘରେ ପହଞ୍ଚାଇବାକୁ ଗୁରୁତ୍ୱ

ବିନିକା, ୮।୯ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭାଜପା ପକ୍ଷରୁ ସ୍ଥାନୀୟ ଚନ୍ଦ୍ରମା ଗୃହରେ ସୋମବାର ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜିଲା ସଭାପତି ବିଜୟ ମହାକୁଡ଼ ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥିଭାବେ ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲ, କାଉନସିଲର ଗୋପାଳକୃଷ୍ଣ ମହାଲିଙ୍ଗ, ଜୁଲୁଣ୍ଡା ମଣ୍ଡଳ ସଭାପତି ଉପେନ୍ଦ୍ର ପ୍ରସାଦ ନାଏକ, ମେଘେଲା ମଣ୍ଡଳ ସଭାପତି ଦାମୋଦର ପଧାନ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନାକୁ କିପରି ଘରେ ଘରେ ପହଞ୍ଚାଇ ହେବ ତାହା ଉପରେ ଆଲୋକପାତ କରିଥିଲେ। ନୂତନଭାବେ ବିନିକା ବ୍ଲକ ଏମ୍‌ପି ପ୍ରତିନିଧି ଭାବେ ନିଯୁକ୍ତି ପାଇଥିବା ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ନଗର ସାଧାରଣ ସମ୍ପାଦକ ଭୁବନେଶ୍ୱର ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସୁରଚି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ଟି ନଗର ସଭାପତି କରଞ୍ଜିତ ଭୋଇ, ବରିଷ୍ଠ କର୍ମକର୍ତ୍ତା ଜୟଦେବ ହରି, ପ୍ରଦ୍ୟୁମ୍ନ ମାହାଣାଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣିରେ ୧୩୧ ଅଭିଯୋଗ

ଡୁଙ୍ଗୁରିପାଲି, ୮।୯(ଦୀନବନ୍ଧୁ ସୁନା )

ଧିଡୁଙ୍ଗୁରିପାଲି ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସମଲେଇଚୁଆଁ ପଞ୍ଚାୟତ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାଏକ ଶିବିରରେ ୧୩୧ ଅଭିଯୋଗ ଶୁଣିଥିଲେ। ୭ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୫ଟି ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ନିମନ୍ତେ ଥିଲା। ବିଡିଓ ଦିଲୀପ କୁମାର ବାଡାଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ରାଜସ୍ୱ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୋନପୁର ସୌମ୍ୟାରୂପା ରଥ, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ରାମପୁର ତହସିଲଦାର ବିମଳ କିଶୋର ପାତ୍ର, ଜିଲା ହସ୍ତତନ୍ତ୍ର ଓ ବୟନଶିଳ୍ପ ବିଭାଗ ଅଧିକାରୀ ସୁରେନ୍ଦ୍ର କୁମାର ରାୟ, ଡିଇଓ ମିନାରାଣୀ ମଙ୍ଗଳ, ଡିଏଲଓ ଦିବ୍ୟଶଙ୍କର ଧରୁଆ, ଜିଲା ପରିମଳ ଓ ଗ୍ରାମ୍ୟଜଳ ଯୋଗାଣ ଏସଡିଓ ଶ୍ରୀକାନ୍ତ ସାହୁ, ସିଡିପିଓ ମୌସୁମୀ ମାଇଟି, ପଞ୍ଚାୟତ ସମିତି ଅଧକ୍ଷା ଅହଲ୍ୟା ସାହୁ, ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀକ୍ଷକ ରବୀନ୍ଦ୍ରନାଥ ପଣ୍ଡା, ବିଇଓ ଗଣେଶ କିଷାନ, ଥାନା ଅଧିକାରୀ ରୋଜାଲିନି ପଟେଲ, ଜିପିଓ ଦେବାଶିଷ ମହାନନ୍ଦ ଉପସ୍ଥିତ ଥିଲେ।


ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ମିନି ଷ୍ଟାଡିୟମ ସ୍ଥାନ ନିରୂପଣକୁ ବିରୋଧ

ଉଲୁଣ୍ଡା, ୮।୯(ଗୌରଚନ୍ଦ୍ର ପରିଚ୍ଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକରେ ନିର୍ମାଣ ହେବାକୁ ଥିବା ମିନି ଷ୍ଟାଡିୟମ ସ୍ଥାନ ନିରୂପଣ ଦାବି ନେଇ କ୍ରୀଡ଼ାପ୍ରେମୀ ଓ କ୍ରୀଡାବିତ୍ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଲୁଣ୍ଡା ସଦରଠାରୁ ୨ରୁ ୩କିଲୋମିଟର ପରିଧିରେ ଉପଲବ୍ଧ ଥିବା ସରକାରୀ ଜମିରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଦାବି କରିଛନ୍ତି। ଏନେଇ ସୋମବାର କ୍ରୀଡ଼ାପ୍ରେମୀ ଓ କ୍ରୀଡ଼ାବିତମାନେ ତହସିଲଦାର ଅନୁପସ୍ଥିତରେ ଅତିରିକ୍ତ ତହସିଲଦାର ସୋମନାଥ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ କ୍ରୀଡା ତଥା କ୍ରୀଡ଼ାବିତମାନଙ୍କ ବିକାଶ ପାଇଁ ସରକାର ପ୍ରତି ବ୍ଲକରେ ଗୋଟିଏ ଲେଖାଏ ମିନି ଷ୍ଟାଡିୟମ ନିର୍ମାଣ ଅର୍ଥ ମଞ୍ଜୁର କରିଛନ୍ତି। ହେଲେ ଉଲୁଣ୍ଡା ସଦର ଏବଂ ୨ରୁ ୩କିଲୋମିଟର ପରିଧିରେ ଜମି ଉପଲବ୍ଧ ନଥିବା ଦର୍ଶାଇ ୫କିଲୋମିଟର ଦୂର କୁକିଆ ଗ୍ରାମରେ ଗୋଚର କିସମ ଜମିରେ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ପ୍ରଦାନ କରାଯାଇଛି। ଯାହାକି ଅଞ୍ଚଳର କ୍ରୀଡାପ୍ରେମୀ ଓ କ୍ରୀଡ଼ାବିତମାନଙ୍କ ମାନସିକସ୍ତରରେ ଆଘାତ ଦେବା ସହ ତୀବ୍ର ଅସନ୍ତୋଷ ଦେଖାଦେଇଛି। କୁକିଆ


ତହସିଲଦାରଙ୍କୁ ଭେଟିବାକୁ ଆସିଥିବା କ୍ରୀଡ଼ପ୍ରେମୀ ଏବଂ ଅନ୍ୟମାନେ।

### ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ କ୍ରୀଡାବିତ୍, କ୍ରୀଡ଼ାପ୍ରେମୀ

ଗ୍ରାମରେ ମିନି ଷ୍ଟାଡିୟମ ନିର୍ମାଣ ହେଲେ ଦୂରଦୂରାନ୍ତରୁ ଆସୁଥିବା ଖେଳାଳିମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି କ୍ରୀଡାବିତ୍‌ମାନେ ଅଭିଯୋଗ କରିଛନ୍ତି। ଏଣୁ ଉଲୁଣ୍ଡା ସଦରଠାରୁ ୨ରୁ ୩କିଲୋମିଟର ପରିଧିରେ ଉପଲବ୍ଧ ଥିବା ସରକାରୀ ଜମିରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବା ପାଇଁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନମ୍ବକ ପନ୍ଥା ଗ୍ରହଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।

# ପ୍ରତିଭାର ବିକାଶ ପାଇଁ ସୁଯୋଗ ମିଳିବା ଜରୁରୀ

## ମହିଳା ମହାବିଦ୍ୟାଳୟରେ ଭିନ୍ନକ୍ଷମ ଅଧିକାର ଆଇନ ସଚେତନତା

**ସମ୍ବଲପୁର, ୮।୯(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ସୋମବାର ଭିନ୍ନକ୍ଷମ ଅଧିକାର ଆଇନ-୨୦୧୬ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟ, ରାଜ୍ୟ ଭିନ୍ନକ୍ଷମ ଆୟୋଗ ଏବଂ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶାଳୟ ସମ୍ବଲପୁରର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩ ଜିଲାର ୭ ମହାବିଦ୍ୟାଳୟର ଶହେଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବରଗଡ ପଞ୍ଚାୟତ ମହାବିଦ୍ୟାଳୟ, ଝାରସୁଗଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ସମ୍ବଲପୁର ଜିଲାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, ହୀରାକୁଦ ମହାବିଦ୍ୟାଳୟ, ବୁର୍ଲା ଏନଏସି ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ ଅଧ୍ୟାପିକାଅଧ୍ୟାପକମାନେ ଭାଗ ନେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ଉକ୍ତ ସଭାର ସଭାପତିତ୍ୱ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟ ଭିନ୍ନକ୍ଷମ ଆୟୋଗର ସ୍ୱତନ୍ତ୍ର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଅବଶ୍ୟକତା ବିଷୟରେ ସୂଚନା ଦେଇଥିଲେ।

ସମ୍ବଲପୁର ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ମିଶ୍ର ଭିନ୍ନକ୍ଷମ ମାନଙ୍କ ପାଇଁ ସମାନାଧିକାର ଉପରେ ଆଲୋକପାତ କରିଥିଲେ। ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ସଚେତନତା କାର୍ଯ୍ୟକ୍ରମ କରିଥିବାରୁ ବିଭାଗର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହିତ ଭିନ୍ନକ୍ଷମ ଆୟୁକ୍ତ ସମସ୍ତଙ୍କ ସହିତ ଭିନ୍ନକ୍ଷମ ମାନଙ୍କୁ ଏକା ସାଙ୍ଗରେ କାନ୍ଧକୁ କାନ୍ଧ ମିଳାଇ ଆଗକୁ ବଢ଼ିବା ପାଇଁ ହରିଚନ୍ଦନ ମତ ଦେଇଥିଲେ। ସଚେତନତା ହିଁ ଭିନ୍ନକ୍ଷମଙ୍କୁ ସହାୟତା କରିପାରିବ ବୋଲି ସେ ମତ ପ୍ରଦାନ କରିଥିଲେ। ଭିନ୍ନକ୍ଷମ ମାନଙ୍କ ପାଖରେ ପ୍ରତିଭା ରହିଛି, କେବଳ ସୁଯୋଗ ମିଳିଲେ ତାହା ପ୍ରସ୍ଫୁଟିତ ହୋଇ ପାରିବ ବୋଲି ସେ ମତ ଦେଇଥିଲେ। ଭାରତ ସରକାରଙ୍କ ଜାତୀୟ ଭିନ୍ନକ୍ଷମ ସେବା କେନ୍ଦ୍ରର ଅବସରପ୍ରାପ୍ତ ସହ ନିର୍ଦ୍ଦେଶକ ରାଜକୁମାର ଶର୍ମା ପାୱାର ପଏଣ୍ଟ ଉପସ୍ଥାପନ କରି ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଆଇନ ଉପରେ ଆଲୋଚନା କରିଥିଲେ। ଏହା ସହିତ ସେ ୭ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଏକ କୁଇଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରତିଭାଗୀ ଓସ୍କାର ବଡପଣ୍ଡା ଏବଂ କରଣ କ୍ରିଷ୍ଣା ବିଜୟୀ ହୋଇ ଟ୍ରଫି ସହିତ ଆର୍ଥିକ ପୁରସ୍କାର ଆୟୁକ୍ତଙ୍କ ନିକଟରୁ ଗ୍ରହଣ କରିଥିଲେ। ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୌରଚନ୍ଦ୍ର ପାଣି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକାଅଧ୍ୟାପକମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


ସଚେତନତା କାର୍ମଶାଳାରେ ଯୋଗଦେଇଥିବା ଅତିଥି।

# କର୍ତ୍ତବ୍ୟନିଷ୍ଠ ଷ୍ଟେଶନ ମାଷ୍ଟର ପୁରସ୍କୃତ



କର୍ତ୍ତବ୍ୟନିଷ୍ଠ ରେଳ କର୍ମଚାରୀଙ୍କୁ ରେଳ ମଣ୍ଡଳ ପ୍ରବନ୍ଧକ ପୁରସ୍କୃତ କରୁଛନ୍ତି।

**ସମ୍ବଲପୁର, ୮।୯(ପ୍ରମୋଦ ବହିଦାର)**

ସମ୍ବଲପୁର ରେଳ ମଣ୍ଡଳ ଅଧୀନରେ କାର୍ଯ୍ୟରତ କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ସେ ହେଉଛନ୍ତି ଦେବାହାଲ ଷ୍ଟେଶନ ମାଷ୍ଟର ହିମାଂଶୁ ଶେଖର। ନିରାପତ୍ତା ନିୟମ ଉପରେ ଗଭୀର ଜ୍ଞାନ ସହିତ ନିରପତ୍ତା ପ୍ରତି ସର୍ବଦା ସତର୍କ ତଥା ସୁରକ୍ଷିତ ଟ୍ରେନ୍ ଚଳାଚଳ କ୍ଷେତ୍ରରେ ସଫଳତା ପାଇଁ ସମ୍ବଲପୁର ରେଳ ମଣ୍ଡଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ତାଙ୍କୁ ପ୍ରମାଣପତ୍ର ଓ ନଗଦ ରାଶି ପ୍ରଦାନ ସ୍ୱରୂପ ପୁରସ୍କୃତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସାନସନୱାଲ, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚୋରି ଟ୍ରାକ୍ଟର ଉଦ୍ଧାର, ୩ ଗିରଫ

**ସମ୍ବଲପୁର, ୮।୯(ପ୍ରମୋଦ ବହିଦାର)**

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ପୁଟିବନ୍ଧ ଅଞ୍ଚଳରୁ ଚୋରି ଟ୍ରାକ୍ଟରକୁ ଉଦ୍ଧାର କରିଛି ପୋଲିସ। ଏହାସହ ଚୋରିରେ ସମ୍ପୃକ୍ତ ୩ଜଣ ପୋଲିସ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ବର୍ଗଡ଼ିପୁର ନିବାସୀ ତ୍ରିଲୋଚନ ନାଗ(୪୭), ଜମନକିରା ଥାନା ଅନ୍ତର୍ଗତ ଚିନିମହୁର ଗ୍ରାମର ମୂଳ ନିବାସୀ ସନମୟ ପଧାନ(୨୮) ଓ ବର୍ତ୍ତମାନ ପୁଟିବନ୍ଧ ହନୁମାନ ମନ୍ଦିର ନିକଟରେ ରହୁଥିବା ଅନୀଲ ପ୍ରଧାନ(୨୮)।

ଗତ ୬ ତାରିଖ ବିଳମ୍ବିତ ରାତିରେ ଧନୁପାଲି ପୁଟୁବନ୍ଧ ଅଞ୍ଚଳରୁ ତାଙ୍କ ଟ୍ରାକ୍ଟର ଚୋରି ହୋଇ ଯାଇଥିବା ନେଇ ସଦର ଥାନା ଅନ୍ତର୍ଗତ ସିନ୍ଦୁରପଙ୍କର ଶରତ ସାହୁ ଧନୁପାଲି ଥାନାରେ ଏତଲା ଦେଇଥିଲେ। ସେ ଏତଲାରେ ଦର୍ଶାଇଥିଲେ ଯେ, ଟ୍ରାକ୍ଟର(ଓଡି-୧୫-ଆର୍-୮୦୭୭)କୁ ପୁଟିବନ୍ଧ ଖଲିଆବନ୍ଧର ସୁରେନ୍ଦ୍ର ପଣ୍ଡା ନାମକ ଜଣେ ବ୍ୟକ୍ତିଙ୍କୁ ଭଡା ସୂତ୍ରରେ ଦେଇଥିଲେ। ପଣ୍ଡା ଟ୍ରାକ୍ଟରକୁ ସବୁଦିନ ଭଳି ଉକ୍ତଦିନ ମଧ୍ୟ ରାତିରେ ତାଙ୍କ ନିଜ ଘର ସମ୍ମୁଖରେ ରଖିଥିଲେ। ମାତ୍ର ବିଳମ୍ବିତ ରାତିରେ କେହି ଟ୍ରାକ୍ଟରକୁ ଚୋରି କରି ନେଇଥିଲା। ପଣ୍ଡା ସକାଳେ ଘର ସମ୍ମୁଖରେ ଟ୍ରାକ୍ଟର ନ ଦେଖି ତାଙ୍କୁ ଜଣାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ଟ୍ରାକ୍ଟର ନ ମିଳିବାରୁ ସେ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଧନୁପାଲି ଥାନାରେ ଏକ ମାମଲା(ନଂ.୩୧୪/୨୫)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତେବେ ସିସିଟିଭି ଫୁଟେଜ୍ ଯାଞ୍ଚ ସହିତ ବିଭିନ୍ନ ବୈଷୟିକ ପଦ୍ଧତିର ଉପଯୋଗରେ ପୋଲିସ ଅଭିଯୁକ୍ତମାନଙ୍କ ନିକଟରେ ପହଞ୍ଚିଥିଲା। ଟ୍ରାକ୍ଟର ବରଗଡ଼ ପଟେ ଯାଉଥିବା ସୂଚନା ପାଇ ପୋଲିସ ସଦଳବଳ ଏହାର ପିଛା କରି ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ବର୍ଗଡ଼ିପୁରରେ ଅଟକାଇଥିଲା। ଟ୍ରାକ୍ଟରକୁ ଜବତ କରିବା ସହ ଏଥିରେ ଥିବା ତିଶଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଟ୍ରାକ୍ଟରକୁ ଶସ୍ତା ଦରରେ ବିକ୍ରୀ କରି ଅର୍ଥ ଉପାର୍ଜନ ପାଇଁ ଚୋରି କରିଥିଲେ ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। ପରେ ପୋଲିସ ସେମାନଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏହା ସହିତ ବର୍ଗଡ଼ିପୁରରୁ ଉଦ୍ଧାର ଟ୍ରାକ୍ଟରକୁ ପ୍ରକୃତ ମାଲିକ ଶରତ ସାହୁଙ୍କୁ ହସ୍ତଗତ କରିଛି। ଅପରପକ୍ଷରେ ପୋଲିସର ସମୟ ଉପଯୋଗୀ ପଦକ୍ଷେପ ଯୋଗୁ ଟ୍ରାକ୍ଟରକୁ ଉଦ୍ଧାର କରାଯାଇ ପାରିଲା ବୋଲି

ନିର୍ମାଣ ସାମଗ୍ରୀ ସଂଘ ପକ୍ଷରୁ ଧନୁପାଲି ଆଇଆଇସି ଆଦିତ୍ୟ କୁମାର ମହାକୁଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘର ସଭାପତି ବିନାୟକ ରାମଙ୍କ ନେତୃତ୍ୱରେ ଟ୍ରାକ୍ଟର ମାଲିକ ଶରତ ସାହୁ, ଉପସଭାପତି ଅମିତ ସାମଲ ଓ ସଦସ୍ୟମାନେ ସମ୍ବର୍ଦ୍ଧିତ ଅବସରରେ ଉପସ୍ଥିତ ଥିଲେ।

# ଚକ୍ଷୁଦାନ ଏକ ଆନ୍ଦୋଳନ ହୋଇଛି



ସମ୍ବଲପୁର ସ୍ଥିତ ଓଡ଼ିଶା ସାଂସ୍କୃତିକ ଭବନରେ ଜ୍ୟୋତି ଆୟୋଜିତ ଜାତୀୟ ଚକ୍ଷୁଦାନ ପକ୍ଷ ଅପସରରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଭା।

## ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ଜ୍ୟୋତିଶ୍ରୀ ସମ୍ମାନ

**ସମ୍ବଲପୁର,୮।୯(ବି.ଶଙ୍କର)**

ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ପକ୍ଷରୁ ଜାତୀୟ ଚକ୍ଷୁଦାନ ପକ୍ଷ ରବିବାର ରାତି ୯ଟାରେ ସମ୍ବଲପୁର ସ୍ଥିତ ଓଡିଶା ସାଂସ୍କୃତିକ ଭବନଠାରେ ପାଳିତ ହୋଇଯାଇଛି। ଜ୍ୟୋତିର ସଭାପତି ଡ.ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜର ପୂର୍ବତନ ଅଧ୍ୟକ୍ଷ ଇଞ୍ଜିନିୟର ସୁଶାନ୍ତ କୁମାର ଗୁରୁ ମୁଖ୍ୟ ଅତିଥି, ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ମୁଖ୍ୟବକ୍ତାଭାବେ ଦେଇଥିଲେ। ଜ୍ୟୋତିର ସଂଯୋଜକ କଳ୍ପନା ମିଶ୍ର ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଗତ ଅଗଷ୍ଟ ୨୫ ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଚକ୍ଷୁଦାନ ପକ୍ଷ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଚକ୍ଷୁଦାନ ଓ ଚକ୍ଷୁ ପରୀକ୍ଷା ଶିବିର, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଚକ୍ଷୁଦାନ ସମ୍ବନ୍ଧିୟ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସଭାପତି ଡ.ଦାନୀ ସ୍ୱାଗତ ଭାଷଣ ମାଧ୍ୟମରେ ଦୀର୍ଘ ୩୮ ବର୍ଷର କାର୍ଯ୍ୟକ୍ରମ ବିଷୟରେ ସୂଚିତ କରିଥିଲେ। ସଂପ୍ରତି ଚକ୍ଷୁଦାନ ଆନ୍ଦୋଳନରେ ପରିଣତ ହୋଇଛି। ମୃତ୍ୟୁ ପରେ ସ୍ୱଇଚ୍ଛାରେ ଚକ୍ଷୁଦାନ କରିବାକୁ ଜନ ସାଧାରଣ ଆଗେଇ ଆସୁଛନ୍ତି। ତେଣୁ ପ୍ରକୃତ ପକ୍ଷେ ଜ୍ୟୋତିର ଭୂମିକା ରହିଛି ବୋଲି ବକ୍ତା ଓ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚକ୍ଷୁଦାନର ପୂର୍ଣ୍ଣାଙ୍ଗ ବିବରଣୀ, ଚକ୍ଷୁଦାନ କରିଥିବା ବ୍ୟକ୍ତିର ମୃତ୍ୟୁ ପରେ ଓ ପୂର୍ବରୁ ମୃତକଙ୍କ ପରିବାର କ'ଣ କରିବେ ଏବଂ ଚକ୍ଷୁ ସଂଗ୍ରହ ଓ ଚକ୍ଷୁ ରୋପଣ କିପରି କରାଯାଏ ସେନେଇ ମୁଖ୍ୟ ବକ୍ତା ଡାକ୍ତର ଦାନୀ ବୁଝାଇ କହିଥିଲେ। ସମାଜରେ ନିଃସହାୟ ଗରିବ ରୋଗୀମାନଙ୍କୁ ନିଃସ୍ୱାର୍ଥପର ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭିମସାର ବୁର୍ଲା ଭେଷଜ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ଜ୍ୟୋତିଶ୍ରୀସମ୍ମାନରେ ସମ୍ମାନୀତ କରାଯାଇଥିଲା। ରାମାନୁଜ ପଣ୍ଡା ମାନପତ୍ର ପାଠ କରିଥିଲେ। ମୃତ୍ୟୁ ପରେ ଚକ୍ଷୁଦାନ କରିଥିବା ମୃତକଙ୍କ ୧୦ ପରିବାରବର୍ଗଙ୍କୁ ଜ୍ୟୋତିପ୍ରଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ପରିଚାଳନା କରିଥିଲେ ଉପସଭାପତି ତାପସ କୁମାର ଦାସ ଏବଂ ଶ୍ୟାମସୁନ୍ଦର ଅଗ୍ରୱାଲ। ସେହିପରି ଚକ୍ଷୁଦାନ ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର କରିଥିବା ବ୍ୟକ୍ତିମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପୂର୍ବରୁ ହୋଇଥିବା ପ୍ରତିଯୋଗିତା କାର୍ଯ୍ୟକ୍ରମର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ, ତାପସ ଦାସ, ରତନ ବହିଦାର, ଦୁର୍ଗା ଚରଣ ଦାନୀ, କୈଳାସ ଚନ୍ଦ୍ର ମିସ୍ତ୍ରୀ, ସୁକାନ୍ତ ବହିଦାର, ଅଶୋକ ମିଶ୍ର, ବଦ୍ରିନାରାୟଣ ହୋତା, ପ୍ରଶାନ୍ତ ପାଢ଼ୀ, ଶିବ ନାରାୟଣ ପାଣିଗ୍ରାହୀ, ଇନ୍ଦ୍ର ପୃଷେଠ, ଦୀନବନ୍ଧୁ ପଣ୍ଡା ସହଯୋଗ କରିଥିଲେ। ବରିଷ୍ଠ ସଦସ୍ୟ ରତ୍ନଭୂଷଣ ପୁରୁଷେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ନଦୀରେ ଭାସିଯାଇଥିବା ଗାଈଚରାଳିଙ୍କ ମୃତଦେହ ମିଳିଲା

## ରେଡ଼କ୍ରସରୁ ସହାୟତା ପ୍ରଦାନ

**ନାକଟିଦେଉଳ, ୮।୯(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ମହୁକୁଦ ସୁଦସାହିର ପୀତାମ୍ବର ନାଏକ ଗତ ଶନିବାର ଟିକିରା ନଦୀର ଅପରପାର୍ଶ୍ୱ ଜଙ୍ଗଲରେ ଗାଈ ଚରାଇ ଫେରିବା ବେଳେ ପାଣିରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ସୋମବାର ସକାଳେ ତାଙ୍କ ମୃତଦେହ ବଚନିବୁରୀ ଘାଟ ନିକଟ ନଦୀ ଖଣ୍ଡିରୁ ଉଦ୍ଧାର କରାଯାଇଛି। କିସିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୫) ରୁଜୁ ହୋଇଛି। ଅପରପକ୍ଷରେ ଏହି ଘଟଣାରେ ନାକଟିଦେଉଳ ତହସିଲର ଅତିରିକ୍ତ ତହସିଲଦାର ବିଶ୍ୱକେଶନ ପୁରୋହିତ, କିସିଣ୍ଡା ରାଜସ୍ୱ ନିରୀକ୍ଷକ ପିଣ୍ଟୁ ନାଏକ ପ୍ରମୁଖ ସୋମବାର ମୃତକଙ୍କ ଘରେ ପହଞ୍ଚି ମୃତକଙ୍କ ସ୍ତ୍ରୀ ସବିତା ନାଏକଙ୍କୁ ରେଡ଼କ୍ରସ ତରଫରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

ସବୁଦିନ ପରି ଗତ ଶନିବାର ପୀତାମ୍ବର ନିଜ ଗାଈଙ୍କୁ ଚରାଇବା ପାଇଁ ଟିକିରା ନଦୀ ପାରି ହୋଇ ଅପରପାର୍ଶ୍ୱରେ ଥିବା ସଜାପଦା ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟାରେ ଗାଈମାନେ ଘରକୁ ଫେରୁଥିବା ବେଳେ ସେ ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ରବିବାର ନାକଟିଦେଉଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ନଦୀରୁ ପୀତାମ୍ବରଙ୍କ ଚପଲ, ଛତା, ଗାମୁଛା ଏବଂ ଟାଙ୍ଗିଆ ପାଇଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ପାରି ନ ଥିଲେ । ତେବେ ସୋମବାର ସକାଳେ ନଦୀ ପାର ହେଉଥିବା ସ୍ଥାନରୁ ପ୍ରାୟ ଅଧ କିମି. ତଳ ବଚନିବୁରୀ ଘାଟ ନିକଟରେ ନଦୀ ଖଣ୍ଡିରେ ପିତାମ୍ବରଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**କୁଚିଣ୍ଡା,୮।୯(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ କୁଚିଣ୍ଡା ଅତିରିକ୍ତ ବିଡିଓ ଜଗମୋହନ କିଷାନ, ବିଏସ୍ଏସଓ ଇତତି ଭୋଇ, ଯୋଗାଣ ନିରୀକ୍ଷକ ସୁଧିର ପାତ୍ର, ବିପିସି ଦେବାଶିଷ ଦାସ, ଆଇସିଡିଏସ ସୁପରଭାଇଜର ଯମୁନା ବାଘ, ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟା ରଶ୍ମି କୁସୁମ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥଲେ। ଏହି ଶିବିରକୁ ବିଭିନ୍ନ ଗ୍ରାମରୁ ଆସିଥିବା ୮୪ଟି ଅଭିଯୋଗ ମଧ୍ୟରୁ ୭୫ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ଥିଲା। ଅଧିକାଂଶ ଅଭିଯୋଗ ଗ୍ରାମୀଣ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ଆସିଥିଲା। ଏହି ଶିବିର ପରିଚାଳନାରେ ପଞ୍ଚାୟତ ପିଇଓ କିଶୋର ଖିଚିଡି, ଏଡିଇଓ ସରୋଜ ଆଚାର୍ଯ୍ୟ, ଏମବିକେ ହୁମାସିନୀ ଠାକୁର, ପିଅନ ସୁରଥ ନାୟକ ସହଯୋଗ କରିଥିଲେ।

# ମୁମ୍ବାଇରେ ନୂଆଁଖାଇ ଭେଟ୍‌ଘାଟ୍

**ସମ୍ବଲପୁର,୮।୯(ପ୍ରମୋଦ ବହିଦାର)**

ମୁମ୍ବାଇସ୍ଥିତ ପଶ୍ଚିମ ଓଡ଼ିଶା ପରିବାର(ପିଓପି) ପକ୍ଷରୁ ପଶ୍ଚିମ ଓଡ଼ିଶାର ମହାନ୍ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହୋଇଯାଇଛି। ମୁମ୍ବାଇ ଦାଦରସ୍ଥିତ ବୀର ସବରକର ପ୍ରେକ୍ଷାଳୟରେ ରବିବାର ସନ୍ଧ୍ୟାରେ ଆୟୋଜିତ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଆୟକର ବିଭାଗର ଅବସରପ୍ରାପ୍ତ ମୁଖ୍ୟ କମିଶନର ହେମନ୍ତ ଜବାହରଲାଲ ମୁଖ୍ୟଅତିଥି ଓ ସିଣ୍ଡିକେଟ ବ୍ୟାଙ୍କର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ଆୟକର ବିଭାଗ ମୁମ୍ବାଇର ଯୁଗ୍ମ କମିଶନର ସାରିକା ଜୈନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପିଓପିର ସ୍ମରଣିକା 'ଜୁହାର' ଉନ୍ମୋଚିତ ହୋଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ଉତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଦ୍ମପୁର କହର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିରେ ଅନ୍ୟତମ ଆକର୍ଷଣ ଭାବେ ପଶ୍ଚିମ ଓଡ଼ିଶା ପରିବାରର ସଦସ୍ୟାମାନେ ସମ୍ବଲପୁରୀ ଫେଶନ ଶୋ'ରେ ଭାଗ ନେଇଥିଲେ। ଶ୍ରୀକାନ୍ତ ଟାଟାର୍ଜୀ, ଦୀପକ ପୂଜାରୀ ଓ କବିତା ସାହାଣୀ ମଞ୍ଚ ପରିଚାଳନା କରିଥିଲେ। ମୁମ୍ବାଇରେ ରହୁଥିବା ପଶ୍ଚିମ ଓଡ଼ିଶା ତଥା ଓଡ଼ିଶାର ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ପରିବାର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ସମ୍ବଲପରର ପ୍ରସିଦ୍ଧ ସମ୍ବଲପୁରୀ ଗୀତିକାର ପଦ୍ମଶ୍ରୀ ବିନୋଦ ପଶାୟତ ଓ ରିଜର୍ଭ ବ୍ୟାଙ୍କ ଅଧିକାରୀ ତଥା ପିଓପି ସଭ୍ୟ ସୁଶାନ୍ତ କୁମାର କରଙ୍କ ବିୟୋଗରେ ନୀରବ ପ୍ରାର୍ଥନା ପୂର୍ବକ ଦିବଙ୍ଗତ ଆତ୍ମା ଦ୍ୱୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।



ପିଓପିର ନୂଆଁଖାଇ ଭେଟ୍ ଉତ୍ସବରେ ଅତିଥିଙ୍କ ସହିତ ପିଓପି ସଦସ୍ୟ ଓ କଳାକାର।

# ଉତ୍ସବ ଆକର୍ଷଣୀୟ କରିବାକୁ ଗୁରୁତ୍ୱ

- ଦଳେଇପଡ଼ା ଦୁର୍ଗାପୂଜା, ରାବଣପୋଡ଼ି ପ୍ରସ୍ତୁତି ବୈଠକ
- ସିଦ୍ଧାର୍ଥ ରାବଣପୋଡ଼ି ଓ ଜ୍ଞାନଦେବ ଦୁର୍ଗାପୂଜା କମିଟି ସଭାପତି

**ସମ୍ବଲପୁର,୮।୯(ପ୍ରମୋଦ ବହିଦାର)**

ସମ୍ବଲପୁର ମହାନଗର ନିମଗ ୱାର୍ଡ ନମ୍ବର ୨୫ ଅନ୍ତର୍ଗତ ଦଳେଇପଡ଼ାରେ ଆଗାମୀ ଦୁର୍ଗାପୂଜା ଓ ରାବଣପୋଡ଼ି ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ତରାମ କ୍ଲବ ପରିସରରେ ସୋମବାର ସଭାପତି ସିଦ୍ଧାର୍ଥ ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉଭୟ କାର୍ଯ୍ୟକ୍ରମକୁ ଚଳିତ ବର୍ଷ ଅଧିକ ଆକର୍ଷଣୀୟ ଓ ଭବ୍ୟ କରିବା ପାଇଁ ଆଲୋଚନା ହୋଇଥିଲା। ମା' ଦୁର୍ଗାଙ୍କ ମେଢ଼ଠାରୁ ଆରମ୍ଭ କରି ମହାଷ୍ଟମୀ, ବିଜୟା ଦଶମୀ ପୂଜା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ଦୁର୍ଗାପୂଜା ଓ ରାବଣପୋଡ଼ି ଉତ୍ସବ ପରିଚାଳନା ପାଇଁ ଦୁଇଟି ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିଲା।


ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଦୁର୍ଗାପୂଜା କମିଟିରେ ସଭାପତିଭାବେ ଜ୍ଞାନଦେବ ବାରିକ, ଉପସଭାପତି ସଞ୍ଜୟ ଠାକୁର ଓ ଇନ୍ଦ୍ରଜିତ ତନସେନା, ସମ୍ପାଦକ ସୁଶାନ୍ତ ହୋତା, ସହସମ୍ପାଦକ ବିମଳ ବେରିହା ଓ ମଧୁସୂଦନ ମିତ୍ର, କୋଷାଧ୍ୟକ୍ଷଭାବେ ଶେଷଦେବ ଦାସ ଓ ପ୍ରୀତିଶ ବାରିକଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା।

ସେହିପରି ବିଜୟା ଦଶମୀ ଅବସରରେ ଅନନ୍ତରାମ ହେରିହା କ୍ଲବ୍ ପକ୍ଷରୁ ଚଳିତ ବର୍ଷ ଏଠାରେ ରାବଣ ପୋଡ଼ି ଉତ୍ସବ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ପ୍ରସ୍ତୁତି ବୈଠକରେ ଏକ ନୂତନ କମିଟି ଗଠନ କରାଯାଇଛି। ରାବଣପୋଡ଼ି ଉତ୍ସବ କମିଟି ସଭାପତିଭାବେ ସିଦ୍ଧାର୍ଥ ସାହାଙ୍କୁ ପୁନର୍ବାର ଦାୟିତ୍ୱ ପ୍ରଦାନ କରାଯାଇଛି। ଉପସଭାପତିଭାବେ ପୱନ୍ ଅଗ୍ରୱାଲ, ସମ୍ପାଦକ ବିଶ୍ୱାମିତ୍ର ବେରିହା, ଯୁଗ୍ମସମ୍ପାଦକ ଚୟନ ବରିହା, ସ୍ୱୟମଜିତ ପଟ୍ଟନାୟକ, କୋଷାଧ୍ୟକ୍ଷ ରାହୁଲ ଠାକୁର, ଉପକୋଷାଧ୍ୟକ୍ଷ ବିଶ୍ୱରାଜ୍ ଭୋଇ, ଭରତ ବାଗ ଏବଂ ମିଡ଼ିଆ ସଂଯୋଜକ ଭାବେ ନିଖିଲ ବରିହା ଓ ରସିଦ ରାଜାଙ୍କୁ ମନୋନୀତ କରାଯାଇଛି। ଅରୁଣ ପଟୱାରୀ, ଅନୁପ ତରିଆ, ସୋମନାଥ ବରିହା, କୁନୁ ବେରିହା, ବୁଲୁ ନନ୍ଦ, ଅଚ୍ୟୁତ ବାରିକ, ଦିଲ୍ଲୀପ ସାହୁ, ମହେନ୍ଦ୍ର ବିଶି, ଅମୂଲ୍ୟ ବାଗ, ଉଦୟ ବାଗ ଓ ସଞ୍ଜୀବ ବେରିହା ପ୍ରମୁଖଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ ଗଠିତ ହୋଇଛି।

ପ୍ରସ୍ତୁତି ବୈଠକରେ ରାବଣପୋଡ଼ି ଉତ୍ସବ ଆୟୋଜନ ପାଇଁ ସ୍ୱତନ୍ତ୍ରଭାବେ ଆଲୋଚନା ହୋଇଥିଲା। ଚଳିତବର୍ଷ ରାବଣପୋଡି ସ୍ଥଳରେ ସମ୍ପୂର୍ଣ୍ଣ ରାମାୟଣ କ୍ଷୁଦ୍ର ନାଟକ ପରିବେଷଣ କରାଯିବା ସହ ଚିତ୍ତାକର୍ଷକ ଆତସବାଜି ଆୟୋଜନ କରାଯିବ ବୋଲି ସଭାପତି ସାହା ସୂଚନା ଦେଇଛନ୍ତି। ବିଶେଷ କରି ରାବଣପୋଡ଼ି ଉତ୍ସବର ଦେଖିବାକୁ କେବଳ ସମ୍ବଲପୁର ନୁହେଁ ଆଖାପାଖ ଗ୍ରାମର ଲୋକଙ୍କ ଅହେତୁକ ଭିଡ଼ ଜମିଥାଏ। ତେଣୁ ଭିଡ଼ ନିୟନ୍ତ୍ରଣ ରାବଣପାଡ଼ି ଦେଖିବାକୁ ଜନସାଧାରଣଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ବୋଲି ସେ କହିଛନ୍ତି।

# ପାସେଞ୍ଜର ବର୍ଗରେ ୦.୯୩%, ଦୁଇ ଚକିଆ ବର୍ଗରେ ୨.୧୮% ବୃଦ୍ଧି

ଭୁବନେଶ୍ୱର,୮।୯(ଅନୁରାଧା ମହାରଣା)

ଭାରତର ଅଟୋମୋବାଇଲ ବଜାର ୨୦୨୫ ଅଗଷ୍ଟରେ ସାମାନ୍ୟ ବୃଦ୍ଧି ହାସଲ କରିଛି। ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା) ତଥ୍ୟ ଅନୁଯାୟୀ, ଅଗଷ୍ଟରେ ଯାନବାହନ ରିଟେଲ ବିକ୍ରି ୨.୮୪% ବୃଦ୍ଧି ପାଇ ୧୯,୬୪,୫୪୭ ୟୁନିଟରେ ପହଞ୍ଚିଛି। ୨୦୨୪ ଏହି ସମୟରେ ଏହା ୧୯,୧୦,୩୧୨ ୟୁନିଟ ଥିଲା। ପାସେଞ୍ଜର ଯାନ ବର୍ଗରେ ମାତ୍ର ୦.୯୩% ବୃଦ୍ଧି ଦେଖାଯାଇଛି। ଅଗଷ୍ଟରେ ଏହି ବର୍ଗରେ ୩,୨୩,୨୫୬ ୟୁନିଟ ବିକ୍ରି ହୋଇଛି, ଯାହା ଗତବର୍ଷ ୩,୨୦,୨୯୧ ୟୁନିଟ ତୁଳନାରେ ଅଳ୍ପ ଅଧିକ। ମାସ ଆରମ୍ଭରେ ଅନେକ ଲୋକ ବୁକିଂ କରିଥିବାବେଳେ ଜିଏସ୍‌ଟି ସଂସ୍କାର ଘୋଷଣା ପରେ ଅନେକ ଗ୍ରାହକ ମୂଲ୍ୟ ହ୍ରାସର ଆଶାରେ ସେପ୍ଟେମ୍ବର ପର୍ଯ୍ୟନ୍ତ କିଣାକିଣି ସ୍ଥଗିତ ରଖିଛନ୍ତି। ଦୁଇଚକିଆ ଯାନ ବିକ୍ରି ଅଗଷ୍ଟରେ ୧୩,୭୩,୬୭୫ ୟୁନିଟରେ ପହଞ୍ଚିଛି। ଏହା ଗତ ବର୍ଷର ୧୩,୪୪,୩୮୦ ୟୁନିଟ ତୁଳନାରେ ୨.୧୮% ଅଧିକ। ଓନାମ ଓ ଗଣେଶ ଚତୁର୍ଥୀ ଆଦିରେ ବିକ୍ରି ବଢ଼ିଥିଲା। ମାତ୍ର ଉତ୍ତର ଭାରତରେ ପ୍ରବଳ ବର୍ଷା ଓ ବନ୍ୟା ଗ୍ରାମାଞ୍ଚଳରେ ବ୍ୟବସାୟକୁ ପ୍ରଭାବିତ କରିଛି। ଏହା ସହ ଲୋକପ୍ରିୟ ସ୍କୁଟର ମଡେଲର ସୀମିତ ଯୋଗାଣ ମଧ୍ୟ ବିକ୍ରିକୁ ହ୍ରାସ କରିଛି। ବାଣିଜ୍ୟିକ ଯାନ ବର୍ଗରେ ୮.୫୫% ବୃଦ୍ଧି ସହ ୭୫,୫୯୨ ୟୁନିଟ ବିକ୍ରି ହୋଇଛି। ଏହା ଗତବର୍ଷ ୬୯,୬୩୫ ୟୁନିଟ ଥିଲା। ମାତ୍ର ତିନି ଚକିଆ ଯାନ ବିକ୍ରି ୨.୨୬% ହ୍ରାସ ପାଇ ୧,୦୩,୧୦୫ ୟୁନିଟରେ ପହଞ୍ଚିଛି। ଏହା ଗତବର୍ଷ ୧,୦୫,୪୯୩ ୟୁନିଟ ଥିଲା। ଏ ଅବସରରେ ଫାଡା ଅଧ୍ୟକ୍ଷ ସି.ଏସ. ବିଗ୍ନେଶ୍ୱର କହିଛନ୍ତି, ଅଗଷ୍ଟରୁ ପାର୍ବଣ ଋତୁର ଆରମ୍ଭ ହୋଇଛି। ପୂର୍ବବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ଗ୍ରାହକମାନେ ଉତ୍ସାହ ଦେଖାଇ ବହୁ ସଂଖ୍ୟାରେ ବୁକିଂ କରିଛନ୍ତି। ମାତ୍ର ଜିଏସ୍‌ଟି ୨.୦ ସଂସ୍କାର ଯୋଗୁ ଗ୍ରାହକଙ୍କ କିଣାକିଣି ଧିମା ପଡ଼ିଛି, କାରଣ ସେମାନେ ସେପ୍ଟେମ୍ବର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଚାହୁଁଛନ୍ତି। ସେ ଜିଏସ୍‌ଟି ୨.୦ ସଂସ୍କାରକୁ ପ୍ରଶଂସା କରି କହିଛନ୍ତି, ଏହା ଜନସାଧାରଣଙ୍କୁ ପ୍ରାଧାନ୍ୟ ଦେଇ ଦୁଇଟି ସ୍ଲାବ ସହ ଟିକସ ବ୍ୟବସ୍ଥାକୁ ସରଳ ଓ ସ୍ୱଚ୍ଛ କରିବ। ଫାଡା ଅନୁମାନ କରିଛି, ସେପ୍ଟେମ୍ବରର ପ୍ରଥମ ପର୍ଯ୍ୟାୟରେ ଶ୍ରାଦ୍ଧ ପକ୍ଷ ଓ ଜିଏସ୍‌ଟି ସଂସ୍କାର ଯୋଗୁ ଗ୍ରାହକମାନେ କିଣାକିଣି ସ୍ଥଗିତ ରଖିପାରନ୍ତି। ମାତ୍ର ନବରାତ୍ରି ଓ ଦୁର୍ଗାପୂଜା ସମୟରେ କମ୍ପାନୀଗୁଡ଼ିକର ଯୋଜନା ଓ ନୂଆ ଟିକସ ହାରର ଲାଭ ମିଳିଲେ ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯିବ।



# ସୁନା ଦର ସାମାନ୍ୟ କମିଲା



ଭୁବନେଶ୍ୱର,୮।୯(ଅନୁରାଧା ମହାରଣା)

ସୁନାଦରରେ ସୋମବାର ସାମାନ୍ୟ ହ୍ରାସ ପରେ ୨୪ କ୍ୟାରେଟ ୧୦ ଗ୍ରାମ ସୁନା ଦର ୧,୦୮,୩୮୦ ଟଙ୍କା ରହିଛି । ରବିବାର ଏହା ୧,୦୮,୪୯୦ ଟଙ୍କା ଥିଲା। ଏଥିରେ ୧୧୦ ଟଙ୍କା ହ୍ରାସ ହୋଇଛି । ସେହିପରି ୨୨ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୯୯,୩୫୦ ଟଙ୍କା ରହିଛି। ଗତକାଲି ୯୯,୪୫୦ ଟଙ୍କା ଥିଲା। ଏଥିରେ ୧୦୦ ଟଙ୍କା ହ୍ରାସ ହୋଇଛି । ୧୮ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୮୧,୨୯୦ ଟଙ୍କା ରହିଛି। ଗତକାଲି ୮୧,୩୭୦ ଟଙ୍କା ଥିଲା। ଏଥିରେ ୮୦ ଟଙ୍କା ହ୍ରାସ ହୋଇଛି। ଅନ୍ୟପଟେ ୧୦୦ ଗ୍ରାମ ରୁପା ଦର ୧୩,୭୦୦ ଟଙ୍କା ରହିଛି। ରବିବାର ଏହା ୧୩,୮୦୦ ଟଙ୍କା ଥିଲା। ଏଥିରେ ୧୦୦ ଟଙ୍କା ହ୍ରାସ ହୋଇଛି।

# ସ୍ୱାସ୍ଥ୍ୟ ବୀମାରେ ବଢ଼ିପାରେ ବେସ୍ ପ୍ରିମିୟମ

ଭୁବନେଶ୍ୱର,୮।୯

